# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ (୧୬ ପୃଷ୍ଠା) Bhubaneswar, Monday, October 20/2025 Page 16 ₹ 7.00 | RAYAGADA

୫୧ଶ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 324 ମୂଲ୍ୟ ₹୭/-





KP
GROUP
Quality Since 1965
Safal
ଜଣାଏ ଆପଣ ସମସ୍ତଙ୍କୁ
ହାପି
ଦିୱାଲୀ
KP
GROUP
Quality Since 1965
CELEBRATING
60
YEARS
TM
Safal
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୦/୨୦୨୫ | Bhubaneswar, Monday, October 20/2025 | ପୃଷ୍ଠା-୧







### ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

### ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୨୦।୧୦।୨୦୨୫ ରିଖ ସୋମବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୨୨।୧୦।୨୦୨୫ ରିଖ ବୁଧବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

## ରାଜାଙ୍କ ପୋଷାକ

### ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ପୃଷ୍ଠା-୧୧

# ଲୁଭର୍ ମ୍ୟୁଜିୟମ୍‌ରେ ଚୋରି

ପ୍ୟାରିସ୍, ୧୯।୧୦

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ସ୍ଥିତ ବିଶ୍ୱପ୍ରସିଦ୍ଧ ଲୁଭର୍ ମ୍ୟୁଜିୟମ୍‌ରେ ରବିବାର ଚୋରି ହୋଇଛି। କେତେଜଣ ଚୋର ମ୍ୟୁଜିୟମ୍ ମଧ୍ୟରେ ପଶି ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ନେଇ ଫେରାର ହୋଇଯାଇଛନ୍ତି। ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ରଚିଦା ଦାତୀ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରବିବାର ଲୁଭର୍ ମ୍ୟୁଜିୟମ୍‌କୁ ଖୋଲାଯିବା ସମୟରେ ଚୋରି ହୋଇଥିବା ନେଇ ଜଣାପଡ଼ିଥିଲା। ☞ପୃଷ୍ଠା-୨

# ଝିଅକୁ ଅସଦାଚରଣ କରିବାରୁ ହତ୍ୟା

## ନାଳରେ ମୃତଦେହ ପୋତି ଆତ୍ମସମର୍ପଣ କଲେ ବାପା

ନାବାଳିକା ଝିଅକୁ ଜଣେ ଯୁବକ ଅସଦାଚରଣ କରିବାରୁ କ୍ରୋଧ ସମ୍ବରଣ କରିପାରିଲେନି ବାପା। ନିଜର ହିତାହିତ ଜ୍ଞାନ ଭୁଲି ଯାଇ ନାଳରେ ପଡ଼ିଥିବା ଯୁବକଙ୍କୁ ପଥର ଫୋପାଡ଼ି ହତ୍ୟା କଲେ। ଏପରି କି ମୃତଦେହକୁ ନାଳ ପଙ୍କରେ ପୋତି ଦେଇ ଚାଲିଆସିଲେ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଆଖୁଆପାଳ ପଞ୍ଚାୟତ ମୋହନପଶି ମୁଣ୍ଡାସାହି ଅଞ୍ଚଳରେ ଘଟିଥିବାବେଳେ ରବିବାର ଅଭିଯୁକ୍ତ ବାପା ରୂପା ପିଙ୍ଗୁଆ ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅପରପକ୍ଷରେ ମୃତ ଯୁବକ କରୁଣାକର ବେହେରାଙ୍କ ବାପା କାଶୀନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୂପାଙ୍କୁ ଗିରଫ କରିଛି।

ପରଜଙ୍ଗ,୧୯।୧୦
(ନିଗମାନନ୍ଦ ଦଳବେହେରା)

ଦଦରାଘାଟି ଫାଣ୍ଡି ଅଧୀନ ୧ନଂ. କଲୋନୀ ଅଞ୍ଚଳର କରୁଣାକର ବେହେରା ଜେସିବି ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସେ ବିବାହିତ ହୋଇଥିବାବେଳେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇଛନ୍ତି। କରୁଣାକର ଶନିବାର ମୁଣ୍ଡାସାହି ନିକଟ ଗମ୍ଭାରିଆ ନାଳ ଆଡ଼କୁ ଯାଇଥିବାବେଳେ ରୂପା ପିଙ୍ଗୁଆଙ୍କ ନାବାଳିକା ଝିଅ(୧୨)ଙ୍କୁ ଦେଖି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ଜଣକ ପାଟି କରିବାରୁ ମୁଣ୍ଡାସାହିର କେତେଜଣ ବ୍ୟକ୍ତିଙ୍କ ସହ ନାବାଳିକାଙ୍କ ବାପା ସେଠାକୁ ଯାଇଥିଲେ। ସେହି ସମୟରେ


ରୂପା ପିଙ୍ଗୁଆ

କରୁଣାକର ଜୀବନ ବଞ୍ଚାଇବାକୁ ଗମ୍ଭାରିଆନାଳକୁ ଡେଇଁ ପଡ଼ିଥିଲେ। ଏହାଦେଖି କ୍ରୋଧରେ ଜର୍ଜରିତ ରୂପା ଏକ ପଥର ଫିଙ୍ଗିବାରୁ କରୁଣାକରଙ୍କ କାନରେ ବାଜିଥିଲା। ପରେ ରୂପା ନାଳ ଭିତରେ ପଶି କରୁଣାକର କାଳେ ବଞ୍ଚିଥିବ ଭାବି ପଙ୍କରେ ମାଡ଼ିଦେଇ ଘରକୁ ଆସିଥିଲେ। ତେବେ ଅଭିଯୁକ୍ତ ବାପା ରୂପା ନାବାଳିକା ଝିଅପ୍ରତି ଅସଦାଚରଣ ସହି ନପାରି ଏଭଳି ଘଟଣା ଘଟାଇଛନ୍ତି ବୋଲି ରବିବାର ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ଅଧିକ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍‌ଆଇ ଅଜୟ ସାମଲ ଓ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସଂକ୍ରାନ୍ତରେ ☞ପୃଷ୍ଠା-୨






# ସେବା ହିଁ ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୦
(ରବିନାରାୟଣ ଜେନା)

ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କ ମୂଳମନ୍ତ୍ର ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୀପାବଳିର ଅବ୍ୟବହିତ ପୂର୍ବରୁ ଲୋକସେବା ଭବନରେ ରାଜ୍ୟର ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ ଏବଂ ଅନ୍ତ୍ୟୋଦୟ


ଭୂମି ପୂଜନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ୪୭୧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭୂମିପୂଜନ

ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଗ୍ରାମପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛି । ଏଥିପାଇଁ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ☞ପୃଷ୍ଠା-୨

# ଅବପାତ ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା

ଭୁବନେଶ୍ୱର, ୧୯।୧୦
(ବନ୍ଦନା ସେଠୀ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଭାଗ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ନାହିଁ। ସେଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଅବପାତ ପ୍ରଭାବରେ ରାଜ୍ୟର କାଁ ଭାଁ ସ୍ଥାନରେ ବିଜୁଳି ଘଡଘଡି ସହିତ ବର୍ଷା ହୋଇପାରେ। ଏହି ସମୟରେ ଉତ୍ତର-ପୂର୍ବ ଦିଗରୁ ପବନ ଆସିବା ଫଳରେ ରାଜ୍ୟ ମଧ୍ୟକୁ ଆର୍ଦ୍ରତା ପ୍ରବେଶ କରିବ। ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଏବେ ଫେରନ୍ତା ମୌସୁମୀ ପ୍ରଭାବରେ ରାଜ୍ୟରେ ଖରା ଓ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱର ସମେତ କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୬୧.୨ମି.ମି. ☞ପୃଷ୍ଠା-୨









# ଆଜି କ'ଣ କେଉଁଠି

## ବାଲେଶ୍ୱର
- ୫୮ତମ ମା' ଶ୍ୟାମାକାଳୀ ପୂଜା,ସ୍ଥାନ:ପୋଡ଼ାଶୂଳ ବଜାର, ନୀଳଗିରି,ସମୟ: ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ: କାଳୀମନ୍ଦିର, ସୂତାକଳ ପରିସର, ବାଲିଆପାଳ, ସମୟ–ସନ୍ଧ୍ୟା ୭ଟା।
- କାଳୀ ପୂଜା,ସ୍ଥାନ:କାଳୀ ମନ୍ଦିର, କାଳିପଦା ବଜାର, ବାଲିଆପାଳ,ସମୟ:ରାତି ୮ଟା।

## ଭଦ୍ରକ
- ଭଦ୍ରକାଳୀଙ୍କ ବେଦମାତା ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଭୋର ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କାଳୀପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଚରମ୍ପା ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୯ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ସବୁଜ ବାହିନୀ ପକ୍ଷରୁ ବାଣ ନୁହେଁ ହସ ଫୁଟାଇବା, ସ୍ଥାନ: ଓମ ଜରା ନିବାସ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଚିନିଶିଳ୍ପ ନୂଆଗାଁ, ଆସିକା ବ୍ଲକ, ସମୟ: ସକାଳ ୮ଟା।

## ଅନୁଗୋଳ
- ଶ୍ୟାମାକାଳୀ ପୂଜା ଆରମ୍ଭ, ସ୍ଥାନ: ଖୃଣ୍ଡା, ଅନୁଗୋଳ, ସମୟ: ସକାଳ ୮ଟା ୩୦।
- ଦୀପାବଳି ଅମାବାସ୍ୟାର ସ୍ୱତନ୍ତ୍ର ପୂଜା, ସ୍ଥାନ : ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ସମୟ : ରାତି ୧୧ଟା।

## ଜଗତ୍‌ସିଂହପୁର
- ତାରିଣୀ ମନ୍ଦିର କମିଟି ପକ୍ଷରୁ ମହାଯଜ୍ଞ ପୂର୍ଣ୍ଣାହୁତି ଓ ସମୂହ ଦୀପାବଳି ପାଳନ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ଶ୍ୟାମାକାଳୀଙ୍କ ପୂଜାତ୍ସୋବ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତନ୍ତିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡ଼ା, ନୂଆପଡ଼ା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁର ରୋଡ ସହରରେ କାଳୀପୂଜା ଆରମ୍ଭ, ସ୍ଥାନ : ଚୋର୍ଦ୍ଦା ଛକ, ଆର୍‌ଏନ୍ କ୍ଲବ, ବ୍ୟାଙ୍କ ଷ୍ଟ୍ରିଟ, ବସଷ୍ଟାଣ୍ଡ, ରାଧାନାଥ ମାର୍ଗ, ଗୋପବନ୍ଧୁ ନଗର, ନହକା ଛକ, ଷ୍ଟିଲ ସିଟି, ନ୍ୟୁ ମାର୍କେଟ, କୋପଣ୍ଡ, ରେଳବାଇ, ବିଏନଆର, ଦଳା, ଧବଳଗିରି, କହ୍ନେଇପୁର, ଥାନା ଛକ, ପାଛିକା ଓ ଷ୍ଟାଡିୟମ ରୋଡ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: କଣ୍ଟିଲୋ କାଳୀ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ମଧ୍ୟ ରାତ୍ର ୧୨ଟା ।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଇଟାମାଟ ବସ୍‌ଷ୍ଟାଣ୍ଡ, ସମୟ:ମଧ୍ୟ ରାତ୍ର ୧୨ଟା
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ ବ୍ଲକ ଗୋଡିପଡା ଶ୍ୟାମାକାଳି ବଜାର, ସମୟ:ମଧ୍ୟ ରାତ୍ର ୧୨ଟା ।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ , ସମୟ : ସକାଳ ୬ଟା ।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ମିସ ଟିନ ଓ ମାଷ୍ଟର ଟିନ –୨୦୨୫ର ଚୟନ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା ।

## ରାଉରକେଲା
- ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜା ଆରମ୍ଭ, ସ୍ଥାନ: ମାଲଗୋଦାମ, ସମୟ: ସକାଳ ୫ଟା ୩୦।
- ମାଇଣ୍ଡ ସ୍ପାର୍କ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ପାଇଁ ବୈଠକ, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ଅପରାହ୍ନ ୫ଟା।
- ତ୍ରିବେଣୀ କଳା ସଙ୍ଗମର ବାର୍ଷିକ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର–୧୯, ସମୟ: ଅପରାହ୍ନ ୫. ୩୦।
- ଶ୍ରୀ ଶ୍ରୀ ଦକ୍ଷିଣ କାଳୀଙ୍କ ଜନ୍ମ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧, ସମୟ: ସନ୍ଧ୍ୟା ୬ଟା।
- କାଳୀପୂଜା ଆରମ୍ଭ, ସ୍ଥାନ: ସେକ୍ଟର–୨ ଦ୍ୱିତାଲା ମାର୍କେଟ, ସମୟ: ମଧ୍ୟରାତ୍ରି ୧୨ଟା।

## ବରଗଡ଼
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜନୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ: ସକାଳ ୭ଟା।
- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା ୧୦ମି।

## କଳାହାଣ୍ଡି
- ଶ୍ୟାମାକାଳୀ ଜନ୍ମ ଉପଲକ୍ଷେ ଚଣ୍ଡୀପାଠ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ସକାଳ ୮ଟା।
- ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ମା' କାଳୀଙ୍କ ପୂଜା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ତ୍ରିନାଥ ସାଂସ୍କୃତିକ ଯୁବ ପରିଷଦ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଉଫୁଲା ୪୨ତମ କାଳିପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମଗରା ବନ୍ଧ, ସମୟ: ସକାଳ ୯ଟା।
- କାଳୀପୂଜାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିନିକା ଗଡଭିତର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଦୁବୁଲା ଛକ ଗିରିଗୋବର୍ଦ୍ଧନ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମନ୍ଦିର ସମ୍ମୁଖ ନାମ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ମେହେର ସମ୍ପ୍ରଦାୟର ସ୍ୱତନ୍ତ୍ର ଦୀପାବଳି କାର୍ଯ୍ୟକ୍ରମ, ସ୍ଥାନ : କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

# ଆଜି ସରିବ ନାମାଙ୍କନପତ୍ର ଦାଖଲ ଅବଧି
## ନୂଆପଡ଼ାରେ ବଢୁଛି ତାରକାଙ୍କ ଭିଡ଼

ଭୁବନେଶ୍ୱର,୧୯।୧୦
(ରବିନାରାୟଣ ଜେନା)

ଦିନ ଯେତିକି ଗଡୁଛି, ନୂଆପଡ଼ା ଉପନିର୍ବାଚନ ସେତିକି ଉଷ୍ମ ହୋଇଚାଲିଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି(ସୋମବାର) ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଛି। ଇତିମଧ୍ୟରେ ୫ ପ୍ରାର୍ଥୀ ୭ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ଭାଜପାର ପ୍ରାର୍ଥୀ ଜୟ ଢୋଲକିଆ ରହିଥିବାବେଳେ ଦୁଇଜଣ ସ୍ୱାଧୀନ ଏବଂ ଜଣେ ଓଡ଼ିଶା ଜନତା ଦଳ ପ୍ରାର୍ଥୀ ରହିଛନ୍ତି। ହେଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତେବେ ରାଜ୍ୟର ପ୍ରମୁଖ ତିନି ଦଳର ତାରକା ପ୍ରଚାରକମାନଙ୍କ ଭିଡ଼ ଏବେ ନୂଆପଡ଼ାରେ ଧୀରେ ଧୀରେ ଦେଖିବାକୁ ମିଳୁଛି। ପରିସ୍ଥିତି ଏପରି ହେଲାଣି ଯେ, ପଡ଼ୋଶୀ ଜିଲା ଏବଂ ରାଜ୍ୟ ଛତିଶଗଡ଼ରେ ମଧ୍ୟ ରହଣି କରିବାକୁ ପ୍ରଚାରକଙ୍କୁ ପଡୁଛି। ସବୁଠାରୁ ବଡ଼କଥା ହେଲା, ନୂଆପଡ଼ା ସହରରେ ତେଲ ଟାଙ୍କିରେ ମଧ୍ୟ ପ୍ରବଳ ଭିଡ଼ ଅନୁଭୂତ ହେଉଛି। ଏପରି କି ସମୟେ ସମୟେ ଟାଙ୍କିରୁ ତେଲ ଶେଷ ହୋଇଯିବାରୁ ପ୍ରଚାରକ ଗାଡ଼ି ଏବଂ ଶୋଭାଯାତ୍ରା ଗାଡ଼ିକୁ ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହାସହିତ ତାରକା ପ୍ରଚାରକଙ୍କ ରହିବା ଖାଇବା ମଧ୍ୟ ଅସୁବିଧା ହେଉଥିବା ପ୍ରଚାରକମାନେ କହୁଛନ୍ତି। ସୂଚନାଯୋଗ୍ୟ, ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୨୨ (ବୁଧବାର)ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

# ପିଏମ୍‌ଏୱାଇ: ରାୟଗଡ଼ା, ଗଜପତି, କଳାହାଣ୍ଡିକୁ ଗୁରୁତ୍ୱଦେବାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର,୧୯।୧୦
(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅନୁଦାନରେ ଓଡ଼ିଶା ସବୁଠାରୁ ଏକ ଅଗ୍ରଣୀ ରାଜ୍ୟ। ଏହାକୁ ନେଇ କେନ୍ଦ୍ର ରାଜ୍ୟକୁ ପ୍ରଶଂସା କରୁଥିବାବେଳେ କାର୍ଯ୍ୟକାରିତା ଉପରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ରର ଏଭଳି ଆଭିମୁଖ୍ୟକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅକ୍ଟୋବର ୧୪ରେ କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପ୍ରଦର୍ଶନ ଉତ୍ତମ ରହିଛି। ଏପରି କି ୯୮%ଠାରୁ ଅଧିକ ପ୍ରତିଶତ ଆବାସ ଅନୁଦାନ ମଧ୍ୟ ହୋଇସାରିଲାଣି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇନାହିଁ। ମାତ୍ର କାର୍ଯ୍ୟକାରିତାରେ ୪୮%ରେ ଝୁଲୁଛି। ସବୁଠାରୁ ବଡ଼କଥା ହେଲା, ୧୧% ଆବାସ ଛାତ ପତନ ତଳେ ରହିଥିବାବେଳେ ୨୧ ପ୍ରତିଶତ ଆବାସ ଲିନ୍‌ଟେଲ ଅବସ୍ଥାରେ ଅଛି। ୧୫% ହିତାଧିକାରୀ ଏପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ପାଇପାରି ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଏବେ ଏକପ୍ରକାର ଅସାମଞ୍ଜସ୍ୟ ଦେଖାଦେଇଛି। ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇବାକୁ ପଡ଼ିବ ବୋଲି ନାୟାର ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, ରାୟଗଡା, ଗଜପତି ଓ କଳାହାଣ୍ଡି ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ପଛରେ ରହିଛି। ଏହି ତିନୋଟି ଜିଲାରେ ଅଧିକ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟଶାସନ ସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଫିସ କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ରହିଛି। କୌଣସି ଆତ୍ମୀୟ ବ୍ୟକ୍ତିଠାରୁ ଯଥେଷ୍ଟ ବାଚନିକ ସହାୟତା ପାଇବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବାହାରେ ଅଧିକାଂଶ ସମୟ କଟାଇବା କାରଣରୁ ସାମୟିକ ନିଃସଙ୍ଗତାବୋଧ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମିଥୁନ** ସହକର୍ମୀମାନଙ୍କ ଅସହଯୋଗ ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାଧାରଣ କଥାରେ ଖଳଲୋକମାନଙ୍କ ଦ୍ୱାରା କଳହ ଘେରରେ ଆକ୍ରାନ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଜମିଜମା, ନିର୍ମାଣ, କଳକାରଖାନା କ୍ଷେତ୍ରରେ ସମସ୍ୟା ଲାଗିରହିବ।

**କର୍କଟ** ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପାରିବାରିକ କଳହ କାରଣରୁ ସାୟାହ୍ନେ ଟେନ୍‌ଶନ ବଢ଼ିଯିବ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ପୁରୁଣା ରୋଗର ପୀଡ଼ା ଅସହ୍ୟ ହେବ।

**ସିଂହ** କାର୍ଯ୍ୟବ୍ୟସ୍ତତା ଯୋଗୁ ପରିବାରର କେତେକ ଅତ୍ୟାବଶ୍ୟକ କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ନିର୍ମାଣ, କଳା, ସାହିତ୍ୟ, ଲେଖାପଢ଼ା ପ୍ରଭୃତି କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ପ୍ଲଟିଂ କାରବାର, ଏଜେନ୍ସି, ସାମ୍ବାଦିକତାରେ ଆଶାଜନକ ଫଳ ପାଇବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡ଼ିକ ଅଟକି ରହିଯାଇପାରେ। ପାଇବାକୁ ଥିବା ଟଙ୍କା ପଇସା ମଧ୍ୟ ଠିକ୍ ସମୟରେ ପାଇ ପାରିବେ ନାହିଁ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** କୌଣସି କଥା ଠିକ୍ ଭାବରେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅପେକ୍ଷା କରିଥିବା କାମଟି ଶୀଘ୍ର ହୋଇଯିବାର ଶୁଭ ସୂଚନା ପାଇବେ। ବ୍ୟବସାୟ, ପରିବହନ, ମାଲିମକଦ୍ଦମା, ସଭାସମିତି କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖା ଦେବ ।

**ବିଛା** ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେତେ ପ୍ରକାର ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ମାନସିକ ସ୍ଥିତି ସୁଦୃଢ଼ ରହିବ ଓ ହାତକୁ ନେଇଥିବା କାମ ହାସଲରେ କିଛି ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସହଜ ହେବ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବାଦବିବାଦର ଆପୋସ ସମାଧାନ ଘଟିବ।

**ମକର** ପରିବାରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ** ଆଜି ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ବିଭିନ୍ନ ସମସ୍ୟାକୁ ଡାକି ଆଣିବ। ପରିବାରର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜିର ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ।

ଅକ୍ଟୋବର ୨୦ ତାରିଖ, ଅନ୍ତର୍ଜାତୀୟ ଶିଶୁ ଦିବସ, କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ, ସୋମବାର। କାଳୀପୂଜା, ଯମତର୍ପଣ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର–ହସ୍ତା/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୬ ଗତେ ଘ.୦୭.୧୨ ମଧ୍ୟେ, ଘ.୦୮.୫୦ ଗତେ ଘ.୧୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୧୨ ଗତେ ଘ.୦୮.୩୮ ମଧ୍ୟେ ରାହୁ କାଳ ।

# ଜାତୀୟ ସଂହତି ଦିବସ



୧୯୬୨ ମସିହାର ଚାଇନା–ଭାରତ ଯୁଦ୍ଧ ସମୟରେ ଭାରତୀୟ ସୈନିକଙ୍କ ବଳିଦାନକୁ ସମ୍ମାନ ଜଣାଇବା ଏବଂ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୨୦ରେ ପାଳିତ ହୋଇଆସୁଛି ଜାତୀୟ ସଂହତି ଦିବସ। ୧୯୬୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଚାଇନାର ଅଚାନକ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଏହି ଦିବସକୁ ପ୍ରଥମେ ପାଳନ କରାଯାଇଥିଲା। ଯାହାକି ଆକ୍ରମଣର ସାମ୍ନାରେ ଦେଶର ଏକତାର ପ୍ରତୀକ ଥିଲା। ଏହା ସଂଘର୍ଷ ସମୟରେ ଭାରତୀୟ ଜନତା ଏବଂ ସଶସ୍ତ୍ର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ଏକତାର ସ୍ମରଣକାରୀ ଭାବରେ କାର୍ଯ୍ୟ କରେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଊଣା ଲୋକ ପଦ ପାଏ**
**ହଗି ଗଲେ ଗୀତ ଗାଏ ।**

ସାଧାରଣତଃ ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟିପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

**ଉତ୍ତର ମଣିଷ ପେଟରେ ବୁଦ୍ଧି**
**ଦକ୍ଷିଣା ମଣିଷ ସାଧା**
**ପୂର୍ବର ମଣିଷ ଛନ୍ଦ ସୌଦାଗର**
**ପଶ୍ଚିମା ମଣିଷ ଗଧା ।**

ସାଧାରଣତଃ ଉତ୍ତର ପ୍ରାନ୍ତରେ ରହୁଥିବା ମଣିଷ ବୁଦ୍ଧିମାନ୍ ହେଉଥିବାବେଳେ ଦକ୍ଷିଣ ପ୍ରାନ୍ତରେ ଥିବା ମଣିଷ ସାଦାସିଧା ବା ନିଷ୍କପଟ ହୋଇଥାନ୍ତି। ଠିକ୍ ସେହିପରି ପୂର୍ବ ପ୍ରାନ୍ତରେ ରହୁଥିବା ମଣିଷ ବେପାର ବଣିଜରେ ଆଗ୍ରହ ରଖୁଥିବାବେଳେ ପଶ୍ଚିମ ପ୍ରାନ୍ତରେ ଥିବା ମଣିଷ ନିର୍ବୁଦ୍ଧିଆ ହୋଇଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ମଣିଷଙ୍କ ଜୀବନଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...



ଲୁଟେରାମାନେ ଫ୍ରାନ୍ସର ପ୍ୟାରିସ୍ଥିତ ଲୁଭର୍ ମ୍ୟୁଜିୟମ୍‌ରୁ ଚୋରି କରିବା ପାଇଁ ବ୍ୟବହାର କରିଥିବା ବାସ୍କେଟ ଲିଫ୍ଟ ।

## ଲୁଭର୍ ମ୍ୟୁଜିୟମ୍‌ରେ ...

ଚୋରିର ତଦନ୍ତ ପାଇଁ ଏବଂ ସୁରକ୍ଷାଗତ ଓ ପରିଚାଳନାଗତ କାରଣରୁ ମ୍ୟୁଜିୟମ୍‌କୁ ଦିନକ ପାଇଁ ବନ୍ଦ କରାଯାଇଥିବା ସେ କହିଛନ୍ତି। ସେ ଘଟଣାସ୍ଥଳରେ ରହିଛନ୍ତି ଏବଂ ଚୋରିର ତଦନ୍ତ ଜାରି ରହିଥିବା ନେଇ ରଚିଦା କହିଛନ୍ତି। ତେବେ ଏହି ଚୋରି ନେଇ ସେ କୌଣସି ଅଧିକ ସୂଚନା ଦେଇନାହାନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ଚୋରମାନେ ମ୍ୟୁଜିୟମ୍‌ର ଝରକା ଭାଙ୍ଗିବା ପରେ ମ୍ୟୁଜିୟମ୍‌ରେ ଥିବା ନେପୋଲିଅନଙ୍କ ସଂଗ୍ରହରୁ ୯ ଖଣ୍ଡ ମୂଲ୍ୟବାନ ଅଳଙ୍କାର ଚୋରି କରିଛନ୍ତି। ଚୋରି ପରେ ଏହି ବିଶ୍ୱ ବିଖ୍ୟାତ ସଂଗ୍ରହାଳୟକୁ ଦିନକ ପାଇଁ ବନ୍ଦ କରାଯାଇଛି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିବା ସହ ଚୋରି ହୋଇଥିବା ଅଳଙ୍କାରକୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ଲୁଭର୍ ସଂଗ୍ରହାଳୟରେ ବିଶ୍ୱର ଅନେକ ପ୍ରସିଦ୍ଧ କଳାକୃତି ଏବଂ ଚିତ୍ର ରହିଛି, ଯେଉଁଥିରେ ଲିଓନାର୍ଡୋ ଡା ଭିନ୍‌ସିଙ୍କ ପ୍ରସିଦ୍ଧ ମୋନାଲିସା ଚିତ୍ର ଅନ୍ତର୍ଭୁକ୍ତ। ପ୍ରକାଶ ଯେ, ପୂର୍ବରୁ ଏହି ବିଶ୍ୱପ୍ରସିଦ୍ଧ ମ୍ୟୁଜିୟମ୍‌ରେ ଅନେକ ବାର ଚୋରି କିମ୍ବା ଚୋରି ଉଦ୍ୟମ ହୋଇଛି। ୧୯୧୧ରେ ପ୍ରସିଦ୍ଧ ମୋନାଲିସା ଚିତ୍ରକୁ ଏହାର ଫ୍ରେମ୍‌ରୁ ଚୋରି କରାଯାଇଥିଲା। ଭିନ୍‌ସେଞ୍ଜୋ ପେରୁଗିଆ ନାମକ ସଂଗ୍ରହାଳୟର ଜଣେ ପୂର୍ବତନ କର୍ମଚାରୀ ଏହାକୁ ଚୋରି କରିଥିଲେ ଏବଂ ନିଜ କୋଟ୍ ମଧ୍ୟରେ ଚିତ୍ରଟିକୁ ଲୁଚାଇ ରଖି ମ୍ୟୁଜିୟମ୍ ବାହାରକୁ ଚାଲିଯାଇ ଫେରାର୍ ହୋଇଯାଇଥିଲେ। ୨ ବର୍ଷ ପରେ ଉକ୍ତ ଚିତ୍ରକୁ ଉଦ୍ଧାର କରାଯାଇଥିଲା।

## ସେବା ହିଁ ମୂଳମନ୍ତ୍ର...

ସହଭାଗିତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ରାଜ୍ୟର ୨୮ଟି ଜିଲାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ଅବସରରେ ୪୮,୬୯୩ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଏବାବଦକୁ ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଣ୍ଟନ କରାଯାଇଛି । ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୨୦୨୪–୨୫ରୁ ୨୦୨୭–୨୮ ଆର୍ଥିକବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ–ଆଇଏପି ଜିଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ। ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିୟର ଇଞ୍ଜିନିୟର, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ଏହି କାର୍ଯ୍ୟାଳୟଗୁଡ଼ିକ 'ଏକକ ସେବା କେନ୍ଦ୍ର' ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ବିଭିନ୍ନ ଜିଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ନିଜର ଖୁସି ବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଗ୍ରାମପଞ୍ଚାୟତ ଭବନ ହେଉଛି ଗ୍ରାମୀଣ ଶାସନର ମୂଳ କେନ୍ଦ୍ର। ଏଠାରୁ ଲୋକଙ୍କ ସମସ୍ୟାର ସମାଧାନ ହୁଏ, ତୃଣମୂଳ ସ୍ତରରେ ବିକାଶର ନକ୍ସା ତିଆରି ହୁଏ ଓ ଗାଁର ପ୍ରତ୍ୟେକ ଲୋକଙ୍କ ଜୀବନ ସୁଧାରିବାର ପ୍ରୟାସ ଆରମ୍ଭ ହୁଏ। ତେଣୁ ପ୍ରତ୍ୟେକ ଗ୍ରାମପଞ୍ଚାୟତ ପାଇଁ ଲୋକଙ୍କ ଆଶା–ଆକାଂକ୍ଷାକୁ ପୂରଣ କରିପାରୁଥିବା ତଥା ସମସ୍ତ ସେବା ଯୋଗାଇ ପାରୁଥିବା ଭଳି ଆଧୁନିକ ଭବନ ଦରକାର। ଏହି ଭବନଗୁଡ଼ିକ ଲୋକସେବା, ଗାଁର ଉନ୍ନତି ଓ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଣ୍ଟ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଝିଅକୁ ଅସଦାଚରଣ ...

କାଶୀନାଥଙ୍କ ଅଭିଯୋଗକୁ ଭିତ୍ତି କରି ପରଜଙ୍ଗ ଥାନାରେ ଏକ ହତ୍ୟା ମାମଲା(ନଂ. ୪୮୬/୨୫) ରୁଜୁ ହୋଇଛି। ତେବେ ଏହି ଘଟଣା କେବଳ ରୂପା ଘଟାଇଛନ୍ତି ନା ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି ପୋଲିସ ତାକୁ ନେଇ ତଦନ୍ତ କରୁଛି।

## ଅବପାତ ପ୍ରଭାବରେ ...

ବର୍ଷା ରେକର୍ଡ କରାଯାଇଛି। ସୋମବାର ଉତ୍ତର ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ମଧ୍ୟ ସ୍ଥିତି ସମାନ ରହିବ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସେ ସଂକ୍ରାନ୍ତ ସତର୍କତା ଜାରି କରାଯିବ ବୋଲି ନିର୍ଦ୍ଦେଶକ ଡ. ମହାନ୍ତି ସୂଚନା ଦେଇଛନ୍ତି।

# ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର

## ନିୟମଗିରିରେ ଲାଗିଲା ପୋଷ୍ଟର

କଲ୍ୟାଣସିଂହପୁର/ରାୟଗଡ଼ା, ୧୯।୧୦ (ଦୀପକ କୁମାର ପରିଡ଼ା/ଆଶିଷ ରଞ୍ଜନ ପଣ୍ଡା)



ପାର୍ଶାଲିରେ ମାଓବାଦୀଙ୍କ ବିରୋଧରେ ଲାଗିଥିବା ପୋଷ୍ଟର।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ନିୟମଗିରି ପାହାଡ଼ ଅଞ୍ଚଳ, ମୁନିଗୁଡ଼ା ବ୍ଲକ ଓ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର 'ମାଓବାଦୀ ଧରାନ୍ତୁ, ପୁରସ୍କାର ପାଆନ୍ତୁ' ଉଲ୍ଲେଖ ଥିବା ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ବ୍ଲକର ପାର୍ଶାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସଦର ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଏଭଳି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ, ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ନିଖିଲ ଓରଫ ଶିବାଜୀ, ସୁଦର୍ଶନ ଓରଫ ବିକାଶ, ଅଙ୍କିତା ଓରଫ ଇନ୍ଦୁ, ଶୁକ୍ରୁ ଓରଫ କ୍ରିଷ୍ଣା, ନିତୁ, ମିଲିଟାରୀ ପ୍ଲାଟୁନ କମାଣ୍ଡର ଶିଲା ଓରଫ ନାଗମଣି, ଅନ୍ୱେଷ ଓରଫ ରେଣୁ, ଡିଭିଜନାଲ କମିଟି ସଦସ୍ୟ ମମତା ଓରଫ ସାଇତେ ଓ ନକୁଲ ଓରଫ ଚନ୍ଦ୍ରାଙ୍କ ନାମରେ ପୁରସ୍କାର ରାଶି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ସମସ୍ତ ମାଓବାଦୀଙ୍କ ଉପରେ ମଧ୍ୟ ପୁରସ୍କାର ରାଶି ଉପଲବ୍ଧ ରହିଛି। ଯେଉଁ ବ୍ୟକ୍ତିବିଶେଷ ମାଓବାଦୀଙ୍କ ସମ୍ପର୍କରେ ମୋବାଇଲ ନମ୍ବର ୯୪୩୭୬୪୩୮୩୯ରେ ସୂଚନା ଦେବେ ସୂଚନାଦାତାଙ୍କ ପରିଚୟ ଗୋପନ ରଖି ପୁରସ୍କୃତ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ମୁନିଗୁଡା, ବିଷମକଟକ ଓ କଲ୍ୟାଣସିଂହପୁର ଅଞ୍ଚଳର ନିୟମଗିରି ପାହାଡ଼ରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମାଓବାଦୀମାନେ ଆଡ୍ଡା ଜମାଇ ବହୁ ହିଂସାତ୍ମକ କାଣ୍ଡ ଘଟାଇଛନ୍ତି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଓ ମୁନିଗୁଡ଼ା ବ୍ଲକ ପଡୋଶୀ ଫୁଲବାଣୀ ଓ କଳାହାଣ୍ଡି ଜିଲା ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେହି ଅଞ୍ଚଳରେ ସିଆରପିଏଫ୍ ମୁତୟନ ହୋଇଛନ୍ତି। ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ବହୁ ବଡ଼ ବଡ଼ କ୍ୟାଡର ମାଓବାଦୀ ମୃତ୍ୟୁବରଣ କରିଥିବାବେଳେ ବହୁ ମାଓବାଦୀ ପୋଲିସ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି। ପଡ଼ୋଶୀ ରାଜ୍ୟର ଦୃଢ଼ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନକୁ ଦେଖି କିଛି ମାଓବାଦୀ ରାୟଗଡ଼ା ଓ ଏହାର ସୀମାବର୍ତ୍ତୀ ଜିଲାରେ ଆତ୍ମଗୋପନ କରିଥିବା ପୋଲିସ ସନ୍ଦେହ କରୁଛି। ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲାରେ କାର୍ଯ୍ୟ କରୁଥିବା ବଂଶଧାରା ନାଗାବଳୀ ଘୁମୁସର (ବାଘୁନା )ମାଓବାଦୀ ସଂଗଠନରେ ଏବେ ବି ବହୁ ସକ୍ରିୟ ମାଓବାଦୀ କାର୍ଯ୍ୟ କରୁଥିବାରୁ ଏହି ପୋଷ୍ଟର ଲାଗିଥିବା ଅନୁମାନ କରାଯାଉଛି।

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବିଭାଗରେ ଯୋଡ଼ିହେଲା କଟାହାତ

## ନୂଆ ଜୀବନ ପାଇଲେ ଢେଙ୍କାନାଳର ରାହୁଲ

କଟକ,୧୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)


ରାହୁଲ ନାଏକ

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଆର୍ମ ରିଇମ୍ପ୍ଲିମେଣ୍ଟେଶନ ସର୍ଜରି ଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଢେଙ୍କାନାଳ ଜିଲାର ୨୦ ବର୍ଷୀୟ ରାହୁଲ ନାଏକଙ୍କ ବାମହାତ ଖୁଆ ନିକଟରୁ କଟିଯାଇଥିବାବେଳେ ସେ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ପହଞ୍ଚିଥିଲେ। ମେଡିକାଲର ଉକ୍ତ ବିଭାଗର ବରିଷ୍ଠ ଡାକ୍ତର ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର କରିଥିବାବେଳେ ତାହା ସଫଳ ହୋଇଛି। ରାହୁଲଙ୍କ କଟାହାତର ସ୍ଥିତି ଦେଖି ଅସ୍ତ୍ରୋପଚାର କରାଯିବା ପରେ ୩୦ ପ୍ରତିଶତ ସାଧାରଣ ମଣିଷଙ୍କ ହାତ ପରି ସେ କାର୍ଯ୍ୟ କରିପାରିବେ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଅଗଷ୍ଟ ୨୮ରେ ରାହୁଲ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ମେଶିନ ବାଜି ତାଙ୍କ ବାମପଟ ହାତର ଖୁଆ ନିକଟ କଟି ଶରୀରରୁ ଅଲଗା ହୋଇଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ତାଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ପରେ ପ୍ଲାଷ୍ଟିକ ସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ରାହୁଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉକ୍ତ ବିଭାଗର ଡା. ନାୟକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାହା ସଫଳ ହୋଇଥିଲା। ଏନେଇ ଡା. ନାୟକ କହିଛନ୍ତି, ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିଲା। ହାତ କଟିବାର ୪ ଘଣ୍ଟା ମଧ୍ୟରେ ଯଦି ଅସ୍ତ୍ରୋପଚାର କରା ନ ଯାଏ, ତେବେ ତାହା ସଫଳ ହୋଇ ନ ଥାଏ। ରାହୁଲଙ୍କ ହାତ କଟିବାର ଦୁଇରୁ ଅଢ଼େଇ ଘଣ୍ଟା ମଧ୍ୟରେ ସେ ମେଡିକାରେ ପହଞ୍ଚିଲେ ଏବଂ ଅସ୍ତ୍ରୋପଚାର କରାଯାଇଥିଲା। ସେହିପରି ହାତର ମୁଖ୍ୟତଃ ୩ଟି ସ୍ନାୟୁରୁ ୨ଟି କଟିଯାଇଥିବାରୁ ଅସ୍ତ୍ରୋପଚାର ବହୁ ଜଟିଳ ହୋଇଥିଲା। ବହୁ ଚେଷ୍ଟାରେ ଗୋଟିଏ ସ୍ନାୟୁକୁ ଯୋଡ଼ାଯାଇଛି। ଫଳରେ ସାଧାରଣ ମଣିଷ ପରି ସମ୍ପୂର୍ଣ୍ଣ ନୁହେଁ, ବରଂ ୩୦ ପ୍ରତିଶତ ହାତ କାମ କରିବ। ରାହୁଲର ସ୍ୱାସ୍ଥ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ସ୍ଥିର ରହିଛି ଏବଂ ଆଉ ଦୁଇରୁ ତିନିଦିନ ମଧ୍ୟରେ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଶର୍ଟସର୍କିଟ୍‌ରୁ ନିଆଁ, ଜଳିଗଲା ୩ ବାଣ ଦୋକାନ

ରମ୍ଭା /ଗଞ୍ଜାମ,୧୯।୧୦ (ବନବାସୀ ସେଠୀ/ଅଖିଳ ତରାଇ)


ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ।

ଦୀପାବଳି ଅବ୍ୟବହିତ ପୂର୍ବରୁ ରମ୍ଭା ସହରରେ ଏକ ବଡ଼ ଅଘଟଣ ଘଟିଛି। ରବିବାର ଅପରାହ୍ନ ୩ଟାରେ ଧୋବାସୀ ପୋଖରୀ ନିକଟରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବାଣ ଦୋକାନ ନିଆଁ ଲାଗି ଜଳିଯାଇଛି। ଶର୍ଟ ସର୍କିଟରୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରଥମେ ଗୋଟିଏ ବାଣ ଦୋକାନରେ ନିଆଁ ଲାଗି ପରେ ୩ଟି ବାଣ ଦୋକାନ ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ବାଣ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାଣ ଦୋକାନରେ ନିଆଁ ଲାଗିଥିବା ସୂଚନା ପାଇ ରମ୍ଭା ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ବର୍ଷା ହେବାରୁ ମଧ୍ୟ ନିଆଁ ନିୟନ୍ତ୍ରଣ ସହଜ ହୋଇଥିଲା। ରମ୍ଭା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଶର୍ଟସର୍କିଟ୍‌ରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷରେ ଏହି ଅଗ୍ନିକାଣ୍ଡ ପରେ ଅନ୍ୟ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ସହରବାସୀ ଦାବି କରିଛନ୍ତି।

# ରେଳପଥରେ ପଥର ଖସି ମାଲବାହୀ ଲାଇନଚ୍ୟୁତ

ନନ୍ଦପୁର,୧୯।୧୦(ତୁଷାର କାନ୍ତ ମହାନ୍ତି)



କେକେ ରେଳପଥରେ ପଥର ପଡ଼ିଥିବାବେଳେ ରେଳ କର୍ତ୍ତୃପକ୍ଷ ପଥର ହଟାଇବା କାର୍ଯ୍ୟ ଜାରି ରଖିଛନ୍ତି।

ଆନ୍ଧ୍ର ପ୍ରଦେଶ-ଓଡ଼ିଶା-ଛତିଶଗଡ଼କୁ ସଂଯୋଗ କରୁଥିବା କେକେ ରେଳପଥରେ ଶନିବାର ରାତିରେ ପଥର ଖସି ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଟାୟାଡା ଏବଂ ଚିମିଡିପାଲି ସେକ୍ସନ ମଧ୍ୟରେ କେଏମ୍ ନମ୍ବର ୫୫ରେ ପଥର ଖସିପଡ଼ିଥିବାରୁ ଭୋର ୪ଟାରେ ବାଚେଲିରୁ ବିଶାଖାପାଟଣା ଆସୁଥିବା ଏକ ମାଲବାହୀ ଟ୍ରେନ (ନଂ.୪୧୨୦୪) ଧକ୍କା ହୋଇ ଏହାର ୨ ଆକ୍ସଲ ଲାଇନଚ୍ୟୁତ ହୋଇଥିଲା। ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳକୁ ଯାଇ ଡିଆରଏମ ୱାଲଟେୟାର ଲଳିତ ବୋହରାଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ରବିବାର ୧ଟା ୩୦ ରେକର୍ଡ ସମୟରେ ରେଳ ସେବା ପୁନଃସ୍ଥାପିତ ହୋଇଥିଲା। ଏଥିଯୋଗୁ ବିଶାଖାପାଟଣା-କିରାଣ୍ଡୁଲ ପାସେଞ୍ଜର(୫୮୫୦୧) ଓ କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର (୫୮୫୦୨)କୁ ରବିବାର ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି। ରେକ୍ ଅଭାବରୁ

## ଏକାଧିକ ଯାତ୍ରୀବାହୀ ଟ୍ରେନ ବାତିଲ

କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜରକୁ ସୋମବାର ପାଇଁ ବାତିଲ କରାଯାଇଛି। ଲାଇନଚ୍ୟୁତ ମାଲବାହୀ ଟ୍ରେନ୍‌ର ସମସ୍ତ ବଗି ଓ ଇଞ୍ଜିନକୁ ରେଳପଥରୁ ନ ହଟାଇବା ଯାଏ ବିଭାଗ ଏକାଧିକ ଟ୍ରେନ୍ ବାତିଲ କରିଥିଲା। କିରାଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ୫୮୫୦୨କୁ କୋରାପୁଟରୁ କିରାଣ୍ଡୁଳ ଫେରି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶାଖାପାଟଣା ରେଳ ଡିଭିଜନ (କୋରାପୁଟ) ଚିଫ ଟ୍ରାନ୍ସପୋର୍ଟ ନିରୀକ୍ଷକ ପି.ନାରାୟଣ ରାଓ ସୂଚନା ଦେଇଛନ୍ତି। ଏହି ସ୍ଥିତିରେ ରେଳଯାତ୍ରୀଙ୍କ ଅସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଦୁଃଖ ପ୍ରକାଶ କରି ସହଯୋଗ କାମନା କରାଯାଇଛି।






MARUTI SUZUKI
NEXA

CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @ WWW.NEXAEXPERIENCE.COM

Contact us at
1800-200-6392
1800-102-6392

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

❝ ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆମ୍‌-ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ



# ରାଜାଙ୍କ ପୋଷାକ

ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ୍ ନେଉଥିବା ନିଷ୍ପତ୍ତି ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନାର ଶିକାର ହେଉଥିବା ବେଳେ ଏବେ ନିଜ ଦେଶର ନାଗରିକଙ୍କ ଦ୍ୱାରା ପ୍ରତିବାଦର ସମ୍ମୁଖୀନ ହେଲେଣି। ୧୮ ଅକ୍ଟୋବରରେ ଆମେରିକାର ସମସ୍ତ ୫୦ ରାଜ୍ୟରେ ୨,୭୦୦ ସହରରେ ପ୍ରାୟ ୭ ନିୟୁତ ଲୋକ 'ନୋ କିଙ୍ଗ୍‌ସ' ବିକ୍ଷୋଭରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ନ୍ୟୁୟର୍କ ସିଟି, ୱାଶିଂଟନ, ଶିକାଗୋ, ଲସ୍ ଏଞ୍ଜେଲ୍ସ ଓ ଆଟ୍‌ଲାଣ୍ଟାରେ ବଡ଼ ସମାବେଶ ହେବା ସହ ଛୋଟ ସହରରେ ମଧ୍ୟ ବିକ୍ଷୋଭ ହୋଇଛି। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି କହୁଛନ୍ତି ଯେ, ସେମାନେ ଆମେରିକାକୁ ଭଲ ପାଉଥିବାରୁ ତାହାକୁ ପୂର୍ବ ଭଳି ଦେଖିବାକୁ ଚାହାନ୍ତି। ଟ୍ରମ୍ପ୍‌ଙ୍କ ମନମୁଖି ଶାସନକୁ ହଟାଇ ଅତି ବିଳମ୍ବ ହେବା ପୂର୍ବରୁ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହାନ୍ତି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ଜୁନ୍‌ରେ ଟ୍ରମ୍ପ୍‌ଙ୍କ ୭୯ ତମ ଜନ୍ମଦିନରେ ହୋଇଥିବା ବିକ୍ଷୋଭ ତୁଳନାରେ ଏବର ପ୍ରତିବାଦ ବିଶାଳ ରୂପ ଧାରଣ କରିଛି। ଏଠାରେ ମନେପଡ଼େ ଟ୍ରମ୍ପ୍‌ଙ୍କ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ବା ମାଗା' ସ୍ଲୋଗାନ କଥା। 'ଆମେରିକା ଆଗ' ଚିନ୍ତାଧାରା ରଖି ନିଜ ଦେଶକୁ ସୁଦୃଢ଼ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ହେଲେ ବର୍ତ୍ତମାନ ସେ ଆପ୍ରବାସନ ନୀତିରେ ବ୍ୟାପକ ପରିବର୍ତ୍ତନ କରିବା ସହ ସ୍ୱାସ୍ଥ୍ୟସେବାରେ ମିଳୁଥିବା ସୁବିଧାକୁ ହ୍ରାସ କରିବାରୁ ଆମେରିକୀୟ କ୍ଷୁବ୍ଧ। ଏପରିକି ସେଠାରେ ଆର୍ଥିକ ସମସ୍ୟା ଦେଖାଦେଇଥିବାରୁ ଅସଂଖ୍ୟ କର୍ମଚାରୀ ଦରମା ନ ପାଇ ଅସନ୍ତୋଷ ବ୍ୟକ୍ତ କରିବାରୁ ଅନେକ ସ୍ଥାନରେ ଶଟ୍‌ଡାଉନ ସ୍ଥିତି ଉପୁଜିଛି। ୱାଶିଂଟନରେ ଥିବା ସରକାରୀ କାର୍ଯ୍ୟ ୧୮ ଦିନ ହେବ ବନ୍ଦ ହୋଇଥିବାରୁ ଫେଡେରାଲ କର୍ମଚାରୀମାନେ ବିକ୍ଷୋଭରେ ଯୋଗଦେବା ସେଠାରେ ସ୍ଥିତି କେଉଁସ୍ତରକୁ ଗଲାଣି ତାହା ବୁଝାପଡ଼ିଯାଉଛି। ହେଲେ ଟ୍ରମ୍ପ୍ ଏଭଳି ବିକ୍ଷୋଭକୁ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ଉପହାସ କରିଛନ୍ତି। ତାଙ୍କ ଟ୍ରୁଥ୍ ସୋସିଆଲ ମିଡିଆରେ ଏଆଇ ଭିଡିଓ ପୋଷ୍ଟ କରି ସେଥିରେ ସେ ରାଜା ପୋଷାକରେ ଏକ ଜେଟ୍ ଉଡ଼ାଉଥିବା ଓ 'ନୋ କିଙ୍ଗ୍‌ସ' ବିକ୍ଷୋଭକାରୀଙ୍କ ଉପରେ ମଳ ଫୋପାଡୁଥିବା ଦେଖିବାକୁ ମିଳିଛି।

> ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକଙ୍କ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖିନେବାର ସମୟ ଆସିଲାଣି।

ବର୍ତ୍ତମାନ କେବଳ ଟ୍ରମ୍ପ୍ ନୁହନ୍ତି, ବିଶ୍ୱର ଅନେକ ଦେଶରେ ତାଙ୍କ ଭଳି ମାନସିକତା ବହନ କରୁଥିବା ଶାସକମାନେ ନିଜକୁ ରାଜା ବା ସର୍ବେସର୍ବା ବୋଲାଇ ହେଉଛନ୍ତି। ଥରେ କ୍ଷମତାକୁ ଆସିବା ପରେ ସେମାନେ ଏଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ଯେ, ଯେପରି ସେମାନଙ୍କୁ କେହି ପ୍ରଶ୍ନ ପଚାରିପାରିବେ ନାହିଁ। ଏପରି ଶାସକଙ୍କୁ ବିରୋଧ ହେଲେ ପ୍ରତିବାଦକାରୀଙ୍କୁ କିଭଳି ଦମନ କରିହେବ ସେହି ଦିଗରେ ଚତୁରତାର ସହ ପଦକ୍ଷେପ ନିଆଯାଉଛି। କୁହାଯାଇପାରେ ଯେ, ଦୀର୍ଘ ବର୍ଷ ଶାସନରେ ରହିଯାଉଥିବା ବ୍ୟକ୍ତିମାନେ କେବେ ନା କେବେ ହାରିବେ। ଭୋଟ୍‌ରେ ନ ହେଲେ ମଧ୍ୟ ଯମଙ୍କ ନିକଟରେ ହାରିବେ। ଦୀର୍ଘ ଶାସନ ଅନେକ ନେତାଙ୍କ ପାଇଁ କାଳ ହୋଇଥିବା ଇତିହାସ ପ୍ରମାଣ ଦେଇଛି। ଏଭଳି ସ୍ଥିତିରେ ଯେଉଁମାନେ ଧରି ନେଉଛନ୍ତି ଯେ, ସେମାନଙ୍କୁ ଡରି କେହି କିଛି କହିବେ ନାହିଁ ତାହା ଭୁଲ୍। ସମୟକ୍ରମେ ସେମାନଙ୍କୁ ଚେତେଇ ଦେବା ପାଇଁ ସାହସ କୁଳାଇପାରୁଥିବା ପିଲାଟିଏ ମଧ୍ୟ ଯଥେଷ୍ଟ ହୋଇପାରେ। ଅନେକେ ଜାଣିଥିବା ଏକ କାହାଣୀ ମନେପଡ଼େ–'ସମ୍ରାଟଙ୍କ ନୂଆ ପୋଷାକ'। ଜଣେ ସମ୍ରାଟ ଅତ୍ୟନ୍ତ ପୋଷାକ ପ୍ରିୟ ଥିଲେ। ତାଙ୍କ ଦେଶରେ ଥିବା ସବୁ ବୁଣାକାରଙ୍କୁ ରାଜନଅରକୁ ଡକାଇ ପଠାଇଲେ। ତାଙ୍କ ପାଇଁ ଏଭଳି ପୋଷାକ ପ୍ରସ୍ତୁତ କରାଯିବା ଦରକାର, ଯାହା ପୂର୍ବରୁ କେହି ପିନ୍ଧି ନ ଥିବେ ବୋଲି କହିଥିଲେ। ଏହା ଶୁଣି ବୁଣାକାରଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା। ହେଲେ ଜଣେ ଯୁବ ବୁଣାକାର ସମ୍ରାଟଙ୍କ ପାଇଁ ପୋଷାକ ପ୍ରସ୍ତୁତ ହୋଇସାରିଥିବା କହି ରାଜନଅରକୁ ଗଲେ ଓ ସେଠାରେ ରାଜାଙ୍କୁ ଏକ କୋଠରିକୁ ଡାକି ପିନ୍ଧିଥିବା ପୋଷାକ ଖୋଲିଦେବାକୁ କହିଲେ। ସମ୍ରାଟ ତାହା ହିଁ କଲେ। ଏହା ପରେ ଯୁବ ବୁଣାକାର କହିଲେ 'ସମ୍ରାଟ ଏବେ ଏହି ପୋଷାକରେ ସୁନ୍ଦର ଦେଖାଯାଉଛନ୍ତି ଓ ସେ ଶୋଭାଯାତ୍ରାରେ ଯାଇପାରନ୍ତି'। ଶୋଭାଯାତ୍ରାରେ ଗଲା ବେଳେ ସମସ୍ତେ ସମ୍ରାଟ ସୁନ୍ଦର ଦିଶୁଥିବା ନେଇ ପ୍ରଶଂସା ମଧ୍ୟ କଲେ। ହେଲେ ଭିଡ଼ ଭିତରୁ କୁନି ପିଲାଟିଏ କହିଦେଲା ଯେ ସମ୍ରାଟ ଲଙ୍ଗଳା ହୋଇଛନ୍ତି। ତେଣୁ ଯେଉଁମାନେ ଏବେ ନିଜ ଚେଲା ଚାମୁଣ୍ଡାଙ୍କ ଖୋସାମତିରେ ନିଜକୁ ଦିଗ୍‌ବିଜୟୀ ରାଜା ଭାବି ପଦକ୍ଷେପ ନେଉଛନ୍ତି ସମୟ କ୍ରମେ ସେମାନେ ଗାଦିଚ୍ୟୁତ ହେବା ଅବଶ୍ୟମ୍ଭାବୀ। କାରଣ ସେମାନେ ମଣିଷ।

ଆମେରିକା ଭଳି ଗଣତାନ୍ତ୍ରିକ ଦେଶରେ ଟ୍ରମ୍ପ୍ ଯେଭଳି ଭାବେ ଏକଛତ୍ରବାଦର ଲକ୍ଷଣ ପ୍ରଦର୍ଶନ କଲେଣି ତାହା ତାଙ୍କ ପାଇଁ ଆଗକୁ ଅସ୍ୱାଭାବିକତା ଆଣିବା ସ୍ପଷ୍ଟ ଦିଶିଯାଉଛି। ନିଜ ଖିଆଲିକୁ ପୂରଣ କରିବାକୁ ଯାଇ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ତାହା ନାଗରିକ ଓ ଦେଶ ପାଇଁ କ୍ଷତି ପହଞ୍ଚୁଛି। ଆମେରିକାରେ ଟ୍ରମ୍ପ୍ ବିରୋଧୀ ପ୍ରତିବାଦ ଏହାର ସଙ୍କେତ ବହନ କରୁଛି। ତେଣୁ ପ୍ରଶଂସକ ମହଲରେ ରହି ନିଜକୁ ରାଜା ଭାବୁଥିବା ଟ୍ରମ୍ପ୍ ବାସ୍ତବରେ କେଉଁ ପୋଷାକ ପିନ୍ଧିଛନ୍ତି, ତାହାକୁ ଥରେ ନିଜ ଆଖିରେ ଦେଖି ନେବାର ସମୟ ଆସିଲାଣି।

# ନିଖୋଜ ଶିଶୁ



ରବୀନ୍ଦ୍ରନାଥ ଯୋଷୀ

ଆମ ଦେଶରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନକାନୁନ ପ୍ରଣୟନ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ମଧ୍ୟ ବିଭିନ୍ନ ଯୋଜନା କରାଯାଇଛି। ଏହା ସତ୍ତ୍ୱେ ଶିଶୁ ତା'ର ପ୍ରକୃତ ଅଧିକାର ପାଇବାରେ ବଞ୍ଚିତ ହେଉଛି। ଅନେକ ଶିଶୁ ଏବେ ବି ଶିକ୍ଷାର ସ୍ୱାଦ ପାଇବାରୁ ବଞ୍ଚିତ ହେଉଥିବାବେଳେ ପୁଷ୍ଟିକର ଖାଦ୍ୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି। ବିଭିନ୍ନ ସମସ୍ୟା ଭିତରେ ଥାଇ ବଞ୍ଚିବା ପାଇଁ ପ୍ରୟାସ କରୁକରୁ ଅନେକ ଶିଶୁ ପଥଭ୍ରଷ୍ଟ ହୋଇ ବିପଥଗାମୀ ହେଉଛନ୍ତି। ଶୈଶବ ଅବସ୍ଥାରେ ପାରିବାରିକ ବୋଝ ମାନସିକ ଅବସ୍ଥାକୁ ଦୋହଲାଇ ଦେଇଥାଏ। ଯାହାଫଳରେ ସେ ନୀତି ନୈତିକତା, ଭଲ ମନ୍ଦ ବିଚାର କରିବା ଅପେକ୍ଷା ନିଜ ଜୀବନକୁ ବଞ୍ଚାଇବା ଓ ପରିବାରକୁ ବଞ୍ଚାଇବା କଥାକୁ ପ୍ରାଥମିକତା ଦେଉଛି। ଅପରିପକ୍ୱ ବୟସରେ ଆତ୍ମସମ୍ମାନ ଓ ଆତ୍ମମର୍ଯ୍ୟାଦା ପ୍ରତି ବିଶେଷ ଧ୍ୟାନ ଦେବା ଅପେକ୍ଷା ସେ ଲଢେଇକରି ବଞ୍ଚିବା ପାଇଁ ସଚେତନ ହେଉଛି। ଏହି ପରିସ୍ଥିତି ଦେଇ ଗତି କରୁକରୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ହଜାର ହଜାର ଶିଶୁ ସହରର ଗଳିକନ୍ଦିରେ ବା ଅନ୍ୟ କେଉଁ ଭିଡ଼ ଭିତରେ ହଜି ଯାଉଛନ୍ତି। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ କିଛି ଉଦ୍ଧାର ହୋଇ ଘରକୁ ଫେରୁଛନ୍ତି, ଆଉ କିଛିଙ୍କ ପତ୍ତା ମିଳୁନାହିଁ। ସେହି ନିରୁଦ୍ଦିଷ୍ଟ ଶିଶୁଗଣ କେତେବେଳେ ଶିଶୁଶ୍ରମିକ ପାଲଟିଯାଉଛନ୍ତି ତ କେତେବେଳେ ଭିକ୍ଷାଥାଳ ଧରି ରାଜରାସ୍ତାରେ ଜୀବନକୁ ନଷ୍ଟ କରିବାପାଇଁ ବାଧ୍ୟ ହେଉଛନ୍ତି। ଆଉ କିଛି ନିରୁଦ୍ଦିଷ୍ଟ ପଥଭ୍ରଷ୍ଟ ହୋଇ ପର ମୁହୂର୍ତ୍ତରେ ସମାଜର ଏକ କଳଙ୍କିତ ଓ ଆତଙ୍କ ସୃଷ୍ଟି କରୁଥିବା ଚରିତ୍ର ହୋଇ ଉଭା ହେଉଛନ୍ତି। ସେମାନେ ସମାଜ ଓ ରାଷ୍ଟ୍ର ପାଇଁ ବୋଝ ହେଉଛନ୍ତି। ଅନନ୍ତ ସମ୍ଭାବନାର ପ୍ରତୀକ ବୋଲି ଆମେ କହୁଥିବା ଶିଶୁଟି ଅନନ୍ତ ବିନାଶର କାରକ ସାଜୁଛି। ଆମ ଅବହେଳାର ଶିକାର ହେଉଥିବା ଏହି ନିଖୋଜ ଶିଶୁମାନଙ୍କ ସଂଖ୍ୟା ସମାଜରେ ଦିନକୁ ଦିନ ବଢିବଢି ଚାଲିଛି। ଆଜି ସମଗ୍ର ବିଶ୍ୱରେ ହେଉ କି ଆମ ଦେଶରେ ତଥା ଆମ ରାଜ୍ୟ ଓଡ଼ିଶାରେ ହେଉ ନିଖୋଜ ଶିଶୁର ପରିସଂଖ୍ୟାନ ଆମକୁ ଯେତିକି ଚକିତ କରୁଛି ସେତିକି ଚିନ୍ତାଗ୍ରସ୍ତ ମଧ୍ୟ କରୁଛି। ଅଠର ବର୍ଷରୁ କମ୍ ଏହି ନିରୁଦ୍ଦିଷ୍ଟ ଶିଶୁଗଣଙ୍କ ମଧ୍ୟରୁ ଅନେକ ନାବାଳିକା ଅଛନ୍ତି। ଏହି ନାବାଳିକା ତା'ର ପରିପକ୍ୱତା ଆସିବା ପୂର୍ବରୁ ସହରର କେଉଁ ଅନ୍ଧକାର ଗଳି ଭିତରେ ନିଜ ପେଟର କ୍ଷୁଧା ମେଣ୍ଟାଇବା ପାଇଁ ବାଧ୍ୟ ହେଉଛି। ଏଭଳି ସଙ୍ଗିନ ଜୀବନ ଜିଉଁଥିବା ଶିଶୁମାନଙ୍କ ସଂଖ୍ୟା କମ୍ ନୁହେଁ। ବିଗତ ଦିନର କିଛି ତଥ୍ୟ ଉପସ୍ଥାପନ କଲେ ନିଖୋଜ ହେଉଥିବା ଶିଶୁମାନଙ୍କ ସମ୍ପର୍କରେ ଅନେକ ଭୟଙ୍କର କଥା ଆମେ ଜାଣିପାରିବା। ସରକାରଙ୍କ ଗୃହ ବିଭାଗର ତଥ୍ୟ ମୁତାବକ ଭାରତରେ ୨୦୧୮ମସିହାରେ ୬୭,୧୩୪ ଜଣ ଶିଶୁ ନିଖୋଜ ହୋଇଥିଲେ। ଏହା ପୂର୍ବରୁ ନିଖୋଜ ଶିଶୁ ସଂଖ୍ୟା ଥିଲେ ୪୮,୫୨୨। ମୋଟ ୧,୧୫,୬୫୬ ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ୭୧,୧୭୬ଜଣ ଶିଶୁ ସେହି ବର୍ଷ ଉଦ୍ଧାର ହୋଇଥିଲେ। ୨୦୧୯ ମସିହାରେ ୭୩ହଜାର ୮ ଶହ ୮୫ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୯ ହଜାର ୫ଶହ ୭୪ ଜଣ ଉଦ୍ଧାର ହୋଇଥିଲେ। ୨୦୨୦ମସିହାରେ ୫୯ହଜାର ୨ଶହ ୬୨ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୬୪ହଜାର ୫ଶହ ୧୩ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୧ ମସିହାରେ ୭୭ହଜାର ୫ଶହ ୩୫ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୭୬ହଜାର ୮ଶହ ୨୭ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ୨୦୨୨ମସିହାରେ ୮୩,୩୫୦ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୮୦,୫୬୧ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ମୋଟ ୪୭,୩୧୩ଜଣ ଶିଶୁଙ୍କ ପତ୍ତା ମିଳି ନ ଥିଲା। ଏହି ନିଖୋଜ ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ୭୧ପ୍ରତିଶତ ହେଉଛନ୍ତି ବାଳିକା। ୨୦୨୦ରୁ ୨୦୨୪ ଫେବୃଆରୀ ମାସ ମଧ୍ୟରେ ପ୍ରାୟ ତିନି ଲକ୍ଷ ଶିଶୁ ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୬ହଜାର ଶିଶୁ ଉଦ୍ଧାର ହୋଇପାରିନାହାନ୍ତି। ଓଡ଼ିଶାରେ ମଧ୍ୟ ଏହି ଶିଶୁ ନିଖୋଜଙ୍କ ପରିସଂଖ୍ୟାନ ଉଦ୍‌ବେଗଜନକ ଅଟେ। ୨୦୧୮ମସିହା ସୁଦ୍ଧା ୧୧୫୬ ନିରୁଦ୍ଦିଷ୍ଟ ଶିଶୁଙ୍କ ସମେତ ଏହି ବର୍ଷ ୨୩୨୬ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧୩୯ଜଣ ଶିଶୁ ଉଦ୍ଧାର ହୋଇଥିବାବେଳେ ମୋଟ ୨୩୫୨ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ୨୦୧୯ରେ ୩୧୫୧ଜଣ ନିଖୋଜ ହୋଇଥିଲେ ଓ ୧୪୯୦ଜଣ ଶିଶୁ ଉଦ୍ଧାର ହୋଇଥିଲେ। ୨୦୨୦ରେ ୨୮୯୯ଜଣ ନିଖୋଜ ହୋଇଥିଲେ ଓ ୩୬୪୧ଜଣ ଉଦ୍ଧାର ହୋଇଥିଲେ। ୨୦୨୧ରେ ୪୧୩୩ ଜଣ ନିଖୋଜ ହୋଇଥିଲେ ଓ ୪୫୯୬ଜଣ ଉଦ୍ଧାର ହୋଇଥିବାବେଳେ ୨୦୨୨ ମସିହାରେ ୪୭୫୭ଜଣ ଶିଶୁ ନିଖୋଜ ହୋଇଥିଲେ ଓ ୪୫୯୬ ଜଣ ଉଦ୍ଧାର ହୋଇଥିଲେ। ୨୦୨୨ମସିହା ଶେଷ ସୁଦ୍ଧା ୪୮୩୭ଜଣ ଶିଶୁ ନିରୁଦ୍ଦିଷ୍ଟ ରହିଥିଲେ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁସାରେ ଉକ୍ତ ବର୍ଷ ଦେଶରେ ପ୍ରତିଦିନ ୧୭୨ଜଣ ନାବାଳିକା ନିଖୋଜ ହୋଇଥିବାବେଳେ ୧୭୦ଜଣ ନାବାଳିକା ଅପହରଣ ହୋଇଥିଲେ। ପ୍ରତ୍ୟହ ୩ଜଣ ନାବାଳିକା ଚାଲାଣ ହୋଇଥିଲେ। ଏତେସଂଖ୍ୟକ ଶିଶୁ ନିଖୋଜ ହେବା ପଛରେ ଅନେକ ସ୍ପର୍ଶକାତର କାରଣ ରହିଛି। ଅନେକ ଶିଶୁ ବିଶେଷତଃ ନାବାଳିକାମାନେ ନିଜ ଅଜାଣତରେ ଅନ୍ୟତ୍ର କର୍ମସଂସ୍ଥାନ ବାହାନାରେ ନିଖୋଜ ହୋଇ ଯୌନକର୍ମୀ ଭଳି ଘୃଣ୍ୟ କାର୍ଯ୍ୟକୁ ମଧ୍ୟ ଆଦରି ନେଇଥାନ୍ତି। ବିଶେଷକରି ଗରିବ, ଅଭାବୀ ଓ ପିତୃମାତୃ ହୀନ ସନ୍ତାନମାନେ ନିଖୋଜ ହେବାର ଅନେକ ଉଦାହରଣ ରହିଛି। ଦୁର୍ବଳ ଆଇନ ବ୍ୟବସ୍ଥା, ଉପଯୁକ୍ତ ଶିକ୍ଷାର ଅଭାବ, ବେକାରି ସମସ୍ୟା ଭଳି ଜଟିଳ ସମସ୍ୟା ହିଁ ଶିଶୁ ନିଖୋଜ ହେଉଥିବାର ମୁଖ୍ୟ କାରଣ ପାଲଟିଛି। ବହି ବସ୍ତାନି ଧରି ପାଠ ପଢିବା ବୟସରେ ଅନେକ ଶିଶୁ ପରିବାରର ଭରଣପୋଷଣ କରିଥାନ୍ତି। ହସ ଖୁସି ଖେଳ କୁଦରେ ଶୈଶବକୁ ଅତିବାହିତ କରିବା ବଦଳରେ ଅଭାବ ଓ ଅନଟନ ତାକୁ ପଥଚ୍ୟୁତ କରୁଛି। ସମାଜ ତାକୁ ସ୍ନେହ ମମତା ଦେଇ ଭଲ ମଣିଷଟିଏ କରି ଗଢିତୋଳିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ତାକୁ ନିଜଘରେ ଚାକରବାକର କରି ରଖୁଛି। ରେଳଷ୍ଟେଶନ, ବସ୍ ଷ୍ଟାଣ୍ଡ, ମନ୍ଦିର ସାମ୍‌ନାରେ ଆଜି ଶିଶୁ ଜୀବନ ବଞ୍ଚାଇବା ପାଇଁ ଭିକ୍ଷା ବୃତ୍ତିକୁ ଆଦରି ନେଇଛି। ହୋଟେଲ,ବଜାର, ଶିଳ୍ପ କଳକାରଖାନାରେ ବାଳ ଶ୍ରମିକ ଭାବରେ କାମକରି ଗୁଜରାଣ ମେଣ୍ଟାଉଛି। ଦିଲ୍ଲୀ,ମୁମ୍ବାଇ, କଲିକତା ଭଳି ମହାନଗରୀରେ ଶହ ଶହ ନାବାଳିକା ଯୌନକର୍ମୀ ଭଳି ବୃତ୍ତିକୁ ଆପଣାଇ ନେବା ପାଇଁ ବାଧ୍ୟ ହୋଇଛନ୍ତି। ଅଳ୍ପ ବୟସରେ ଏଡ୍‌ସ ଭଳି ବିଭିନ୍ନ ଦୁରାରୋଗ୍ୟର ଶିକାର ହୋଇ ଜୀବନ ହରାଉଛନ୍ତି।



ସଭା ସମିତିରେ ଏହି ଶିଶୁଙ୍କୁ ବିଭିନ୍ନ ବିଶେଷଣରେ ସମ୍ବୋଧନ କରାଯାଏ, ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଅନେକ ଭାଷଣ ହୁଏ। କିନ୍ତୁ ଏହି ନିଷ୍ପାପ ଶିଶୁମାନଙ୍କ ଅନ୍ତର୍ବେଦନାକୁ ବୁଝିବା ପାଇଁ କେତେ ଲୋକଙ୍କ ଆନ୍ତରିକତା ଅଛି? ସେମାନଙ୍କୁ ରାସ୍ତାକଡ଼ରୁ ସାଉଁଟି ଆଣି ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ କେତେ ଲୋକ ଆଗେଇ ଆସନ୍ତି? ସେମାନଙ୍କ ଶିକ୍ଷା ,ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଅନେକ ଯୋଜନା ଓ ଆଇନ ହୋଇଛି ସତ, ହେଲେ ତାହା କେତେଦୂର ସଫଳତାର ସହିତ କାର୍ଯ୍ୟକାରୀ ହେଉଛି? ଏ ସମସ୍ତ ବିଷୟ ପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ। ସମାଜର ତଥାକଥିତ ବୁଦ୍ଧିଜୀବୀ, ସମାଜସେବୀ, ଚିନ୍ତାନାୟକମାନେ ନିର୍ଭୀକ ଭାବରେ ଆଗେଇ ଆସି ଏହି ଶିଶୁମାନଙ୍କ ଅଧିକାର ଓ ନିରାପତ୍ତା ପାଇଁ ସ୍ୱର ଶାଣିତ କଲେ ହିଁ ସେମାନଙ୍କୁ ଆମେ ଉଚିତ ନ୍ୟାୟ ପ୍ରଦାନ କରିପାରିବୁ। ନଚେତ୍ ହଜାର ହଜାର ଶିଶୁ ଆଶ୍ରୟ ନ ପାଇ ଏମିତି ଭାସି ଯାଉଥିବେ ଓ ଆମେ ନୀରବ ଦର୍ଶକ ସାଜିଥିବା।

ସିନାପାଲି (ଗୋଡ଼ାଲ) ନୂଆପଡ଼ା
ମୋ: ୮୦୧୮୧୮୦୩୮୧

# କାଳୀପୂଜା ରକେଟ୍ ଓ ଚନ୍ଦ୍ର ଅଭିଯାନ



ଡ. କମଳାକାନ୍ତ ଜେନା

ରାମାୟଣ ଅନୁସାରେ, ରାବଣଙ୍କୁ ବଧ ସହ ୧୪ ବର୍ଷ ବନବାସ ଶେଷ କରି ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଦେବୀ ସୀତା ଓ ଭାଇ ଲକ୍ଷ୍ମଣଙ୍କୁ ଧରି ଅଯୋଧ୍ୟାକୁ ଫେରିଲେ, ରାଜ୍ୟବାସୀ ପ୍ରଦୀପ ଜାଳି ତାଙ୍କୁ ସ୍ୱାଗତ କରିଥିଲେ। ବିଜୟୀଙ୍କୁ ପ୍ରଦୀପ ଜାଳି ସ୍ୱାଗତ କରିବା ପ୍ରଥା ପରେ ପରେ ଆଲୋକର ପର୍ବ ହିସାବରେ ପାଳିତ ହେଲା। ଦୀପାବଳିରେ ପ୍ରଦୀପ ଜାଳି ବିଜୟ ପର୍ବ ପାଳନ କରାଯାଏ। ପ୍ରକୃତରେ ଏହା ହେଉଛି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଏବଂ ଅଜ୍ଞାନ ବିପକ୍ଷରେ ଜ୍ଞାନର ବିଜୟ। ପ୍ରଦୀପ ଜାଳିବା ପ୍ରଥାରୁ ଏହାର ନାମ ଦୀପାବଳି ରଖାଯାଇଛ। କିନ୍ତୁ ଆମ ପିଲାମାନେ ଆଜି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ରଙ୍ଗିନ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ । କିନ୍ତୁ ଦୁଃଖର କଥା, ବାରୁଦ ତିଆରି କରିବାଠାରୁ ବାଣ ଫୁଟିଲା ପର୍ଯ୍ୟନ୍ତ ଜୀବନ ପ୍ରତି ବିପଦ ରହିଥାଏ। ନିକଟରେ ସାରା ଦେଶରେ ବାଣ ତିଆରି ବେଳେ ଅନେକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଣ ଫୁଟିଲା ପରେ ପରିବେଶ ଖରାପ ହୁଏ । ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ । ବାରୁଦ ଆଖିରେ ପଡିଲେ କିମ୍ବା ପେଟ ଭିତରକୁ ଗଲେ ରୋଗ ସୃଷ୍ଟି କରେ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବଲ୍‌ରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି । ଅତଏବ, ବାଣ ବାବଦରେ ଆମେ ଖର୍ଚ୍ଚ କରୁଥିବା ଟଙ୍କା ଆମ ପାଇଁ ସମସ୍ୟା ସୃଷ୍ଟି କରେ। ପରିବେଶ କହିଲେ ଆମେ ବା–ପା–ମା–ଆ (ବାୟୁ–ପାଣି–ମାଟି–ଆକାଶ) ବୁଝୁ। ତେଣୁ ବାଣ ଫୁଟେଇ ବା–ପା–ମା–ଆ ପ୍ରତି ବିପଦ ସୃଷ୍ଟି କରିବା ଉଚିତ ନୁହେଁ।

ପ୍ରତିବର୍ଷ ଭାରତରେ ବାଣ ଫୁଟେଇବାରେ ଅନେକ ଟଙ୍କା ଖର୍ଚ୍ଚ ହୁଏ । ଗତ ୧୦ ବର୍ଷର ଖର୍ଚ୍ଚକୁ ଦେଖିଲେ ୨୦୧୫ ମସିହାରେ ପାଖାପାଖି ୪୦୦୦–୫୫୦୦ କୋଟି, ୨୦୧୬ରେ ୪୫୦୦–୬୦୦୦ କୋଟି, ୨୦୧୭ରେ ୪୫୦୦–୬୦୦ କୋଟି, ୨୦୧୮ରେ ୪୦୦୦–୭୦୦୦ କୋଟି ଓ ୨୦୧୯ରେ ୪୫୦୦–୬୦୦୦ କୋଟି ଟଙ୍କା ବାଣ ଫୁଟେଇବାରେ ଯାଇଛ। ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ସକାଶେ ବେଶି ଖର୍ଚ୍ଚ ହୋଇ ନ ଥିଲା। ତଥାପି କରୋନା ସମୟରେ ଅତି କମ୍‌ରେ ୧୫୦୦କୋଟି ଟଙ୍କାର ବାଣ ଫୁଟିଥିଲା। ୨୦୨୨ରେ ଅନ୍ୟୂନ ପ୍ରାୟ ୬୦୦୦ କୋଟି, ୨୦୨୩ରେ ୮୦୦୦ କୋଟି ଓ ଗତବର୍ଷ ୫୦୦୦ କୋଟି ଟଙ୍କାର ବାଣ କାରବାର ହୋଇଛ। ଗୋଟିଏ ଭାରତୀୟ ପରିବାର ବାଣ ବାବଦରେ ହାରାହାରି ୫୦୦୦ ଟଙ୍କା ଖର୍ଚ୍ଚ କରିଥାଏ। କୋଟି କୋଟି ଟଙ୍କାର ବାଣ ଫୁଟିବା କଥା କହିଲେ, ଆମର ଚନ୍ଦ୍ରଯାନ କଥା ମନେପଡ଼େ । ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ସହାୟତାରେ ଭାରତ ୩ ଥର ଚନ୍ଦ୍ରକୁ ମହାକାଶଯାନ ପଠେଇ ସାରିଛି। ବୈଜ୍ଞାନିକମାନେ ପ୍ରଥମ ଅଭିଯାନରୁ ସଫଳତାର ସ୍ୱାଦ ଚାଖିଥିଲେ ଓ ଦେଶର ଗୌରବ ବଢେଇଥିଲେ ଏବଂ ତୃତୀୟ ଅଭିଯାନର ସଫଳତା ଭାରତକୁ ଶ୍ରେଷ୍ଠ ଆସନରେ ବସେଇଥିଲା। କିନ୍ତୁ ଦିନେ ଭାରତକୁ ଗରିବ ବୋଲି କହି ଚନ୍ଦ୍ରଯାତ୍ରାକୁ ବିଭିନ୍ନ ମହଲରେ ଅଗ୍ରାହ୍ୟ କରାଯାଉଥିଲା। ହେଲେ ସେଇ ଦେଶରେ ଗୋଟିଏ ରାତିର ବାଣ ପୋଡିବା ବଜେଟ ଚନ୍ଦ୍ରଯାନ ପଠେଇବା ଖର୍ଚ୍ଚଠାରୁ ମଧ୍ୟ ଅଧିକ ।

ଭାରତ ଅତି ଅଳ୍ପ ଖର୍ଚ୍ଚରେ ଚନ୍ଦ୍ରକୁ ମହାକାଶଯାନ ପଠେଇପାରେ। ୨୦୦୮ମସିହାରେ ଭାରତର ପ୍ରଥମ ଚନ୍ଦ୍ରଯାନ ସକାଶେ ଖର୍ଚ୍ଚ ହେଇଥିଲା ୩୮୬ କୋଟି ଟଙ୍କା । ଏହା ଥିଲା ମୁଣ୍ଡପିଛା ୩ ଟଙ୍କା ୨୦ ପଇସା । ୨୦୧୯ମସିହାରେ ଦ୍ୱିତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୯୭୮ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୭ ଟଙ୍କା ୧୦ ପଇସା । ୨୦୨୩ରେ ତୃତୀୟ ଚନ୍ଦ୍ରଯାନ ପାଇଁ ଖର୍ଚ୍ଚ ଥିଲା ୬୧୫ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୪ ଟଙ୍କା ୩୦ପଇସା । ଏତେ କମ୍ ଟଙ୍କାରେ ବି ଭାରତର ଚନ୍ଦ୍ରଯାତ୍ରା ମହାକାଶ ଗବେଷଣାରେ ବିପ୍ଲବ ସୃଷ୍ଟି କରିପାରିଛ। ଆଜି ଦେଶର ଅର୍ଥନୈତିକ ବିକାଶରେ ମହାକାଶ ଗବେଷଣା ସହାୟତା କରୁଛ। ଆମେ ମହାକାଶ ବିଜ୍ଞାନୀଙ୍କ ଉପରେ ବିଶ୍ୱାସ ନ କରିବା ପାଇଁ କେଇଟା ମାତ୍ର କାରଣ ଥାଇପାରେ, କିନ୍ତୁ ସେମାନଙ୍କ ଦକ୍ଷତା ଉପରେ ପୂରା ଭରସା କରିବା ପାଇଁ ଯଥେଷ୍ଟ କାରଣ ରହିଛି । ଯଦି ଆମ ପିଲାମାନେ ରକେଟ୍ ବାଣ ଫୁଟେଇ ପରିବେଶକୁ ଦୂଷିତ ନ କରି ସେଇ ଟଙ୍କାରେ ବର୍ଷକୁ ଥରେ ମହାକାଶଯାନ ପଠେଇବା କାମରେ ସହାୟତା କରନ୍ତେ ତେବେ ଭାରତ ମହାକାଶ ଗବେଷଣାରେ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବ ଅର୍ଜନ କରିପାରନ୍ତା । ଏବେ ପିଲାମାନେ ଭାବନ୍ତୁ, ହାବେଳି ବାଣରେ ନିଆଁ ଲଗେଇ ପରିବେଶକୁ ନଷ୍ଟ କରିବେ ନା ଚନ୍ଦ୍ରକୁ ମହାକାଶଯାନ ପଠେଇବା ପାଇଁ ଅଗ୍ନି ସଂଯୋଗ କରିବେ।



ମୁଖ୍ୟ ପ୍ରାଧ୍ୟାପକ (ଫିଜିକ୍‌ସ), ବିଜ୍ଞାନ ଏକାଡେମୀ ସଦସ୍ୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୋ: ୯୪୩୯୫୦୧୬୫୧

## ଏଇ ଭାରତରେ

ଛତିଶଗଡ଼ର ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ସେଥିରୁ ୨୦୨୩–୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ବିଶେଷକରି ସେ ଟମାଟୋ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉତ୍ପାଦିତ ଟମାଟୋକୁ ସେ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ସେ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟକୁ ଯୋଗାଉଛନ୍ତି। ସମୀକ୍ଷା ଏବେ ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷରେ ସାହାଯ୍ୟ କରୁଛନ୍ତି। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୦ ଅକ୍ଟୋବର ୧୯୭୬

- ବିଶିଷ୍ଟ ତେଲୁଗୁ କବି ବି. ସତ୍ୟନାରାୟଣଙ୍କର ଗୁଣ୍ଟୁରଠାରେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ପରଲୋକ।
- ଭାରତୀୟ ଟେଲିଫୋନ କାରଖାନାରେ ଗ୍ରାମାଞ୍ଚଳରେ ଟେଲିଫୋନ ଯୋଗାଯୋଗକୁ ଆହୁରି ସହଜ କରିଦେବା ନିମନ୍ତେ 'ଗ୍ରାମ୍ୟଫୋନ' ନାମରେ ଏକ ରେଡିଓ ଯନ୍ତ୍ରପାତି ନିର୍ମାଣ କରାଯାଇଛି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | 2 | 3 | | |
| | | 2 | | | 9 | | | 6 |
| 9 | | | | 1 | 3 | 2 | 8 | |
| 3 | | | | | | | | |
| 4 | | | | | | 9 | | 8 |
| | | | | 3 | 5 | | | |
| | 7 | 4 | | | 8 | | | |
| | | | 5 | | | | | |
| | 8 | | 9 | | | 6 | 5 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 5 | 4 | 6 | 9 | 7 | 1 |
| 6 | 1 | 4 | 2 | 7 | 9 | 3 | 5 | 8 |
| 5 | 9 | 7 | 1 | 3 | 8 | 2 | 4 | 6 |
| 9 | 8 | 6 | 4 | 5 | 7 | 1 | 2 | 3 |
| 7 | 4 | 1 | 8 | 2 | 3 | 6 | 9 | 5 |
| 3 | 5 | 2 | 9 | 6 | 1 | 4 | 8 | 7 |
| 1 | 6 | 5 | 7 | 9 | 2 | 8 | 3 | 4 |
| 4 | 3 | 9 | 6 | 8 | 5 | 7 | 1 | 2 |
| 2 | 7 | 8 | 3 | 1 | 4 | 5 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସମ୍ମତ ପନ୍ଥା ଜରୁରୀ

ମହାଶୟ,

ଭାଜପା ସରକାରକୁ ଆସିବା ପରେ ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଭିଜିଲାନ୍ସବାଲା ଧରୁଛନ୍ତି। ସେମାନଙ୍କଠାରୁ ଅଜସ୍ର ସମ୍ପତ୍ତି ଜବତ କରାଯାଉଛି। ସେମାନଙ୍କୁ କୋର୍ଟକୁ ପଠାଯାଉଛି। ସେମାନେ ଜେଲରେ ରହୁଛନ୍ତି। ଜେଲରେ ଖାଦ୍ୟପେୟର ଅଭାବ ନାହିଁ। ଅସାଧୁ କର୍ମଚାରୀଙ୍କ ଜରିଆରେ ମାଦକ ଦ୍ରବ୍ୟ ମଧ୍ୟ ପଠାଉଛନ୍ତି। ଲାଭ କ'ଣ ହେଉଛି। ସେମାନଙ୍କ ଦୁର୍ନୀତିକୁ ଦେଖି ହୁଏତ ଅନ୍ୟମାନେ ନିଜର ମାନସମ୍ମାନକୁ ବଜାୟ ରଖିବା ଲାଗି ଲାଞ୍ଚ ନେବା ଛାଡ଼ି ଦିଅନ୍ତେ, କିନ୍ତୁ ସେମାନେ ଲାଞ୍ଚ ନେବା ଛାଡୁନାହାନ୍ତି। ବରଂ ଭିଜିଲାନ୍ସ ହାତରେ ଧରାପଡ଼ି ନିର୍ଲଜଙ୍କ ଭଳି ମୁହଁ ଘୋଡ଼ାଇ କୋର୍ଟକୁ ଯାଉଛନ୍ତି ଏବଂ ଜେଲକୁ ଯାଉଛନ୍ତି। ମୋଟା ଅଙ୍କର ଅର୍ଥ ଓକିଲଙ୍କୁ ଦେଇ କାରସାଦି କରୁଛନ୍ତି, ପୁଣି ଜେଲରୁ ଆସି ନିଜ ଚାକିରିରେ ଯୋଗ ଦେଇ କାମ କରୁଛନ୍ତି। ଏମାନେ ତ କଂସାରି ଘରର ପାରା। ଯେତେ ଯାହା କଲେ ବି ପୁଣି ସେହି କାମ କରିବେ। ଭିଜିଲାନ୍ସ ଦ୍ୱାରା ଧରା ହେବା ପରେ ତୁରନ୍ତ ବିଚାର ପ୍ରକ୍ରିୟା ଶେଷ କରି ଯଦି କାର୍ଯ୍ୟରୁ ବହିଷ୍କାର କରାଯାଆନ୍ତା, ତେବେ ଅନ୍ୟମାନଙ୍କ ଉପରେ ତା'ର ତ୍ୱରିତ ପ୍ରଭାବ ପଡ଼ନ୍ତା। ଲାଞ୍ଚ ନେବା ପୂର୍ବରୁ ସେମାନେ କମ୍‌ସେକମ୍ ଦଶଥର ଚିନ୍ତା କରନ୍ତେ। କିରାଣି, ଅମିନ, ଯନ୍ତ୍ରୀ, ଅଫିସର ଏବଂ ପୋଲିସମାନଙ୍କ କ୍ଷେତ୍ରରେ ଏହି ଲାଞ୍ଚ ନେବାଟା ସାଧାରଣ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଦୁର୍ନୀତି ଓ ଲାଞ୍ଚ କାରବାର ହୁଏତ କମିଯାଆନ୍ତା। ଅନେକ ଶିକ୍ଷିତ ଯୁବକଯୁବତୀ ଚାକିରି ଅପେକ୍ଷାରେ। ସେମାନଙ୍କୁ ଚାକିରି ମିଳିଯାନ୍ତା ଏବଂ ଶାସନରେ ସ୍ୱଚ୍ଛତା ଆସନ୍ତା।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ !
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା'ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଲେ ଶିଳ୍ପୀ

କୋରୁକୋଣ୍ଡା,୧୯।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର କାଳୀଛକରେ ଶ୍ୟାମାକାଳୀଙ୍କ ପୂଜା ସୋମବାର ଆରମ୍ଭ ହେବାକୁ ଥିବା ବେଳେ ମା'ଙ୍କ ମୂର୍ତ୍ତିରେ ଶିଳ୍ପୀ ଶେଷ ସ୍ପର୍ଶ ଦେଇଛନ୍ତି। ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କାର୍ଯ୍ୟ ରବିବାର ସନ୍ଧ୍ୟା ସୁଦ୍ଧା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ସ୍ଥାନୀୟ ପୂଜା କମିଟି ପକ୍ଷରୁ ୫୨ବର୍ଷ ଧରି ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ବଡ଼ ତୋରଣ ସହ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମା'ଙ୍କ ପୂଜା ଶୁକ୍ରବାର ଯାଏ ରୀତିନୀତି ଅନୁସାରେ ଚାଲିବ ବୋଲି ପୂଜା କମିଟିର ସଭାପତି ଅଭିଷେକ ନାୟକ, ଉପସଭାପତି ଅଭୟ ପ୍ରସାଦ ନାୟକ,ସଧାରଣ ସମ୍ପାଦକ ପ୍ରତାପଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖରା, ପ୍ରଶାନ୍ତ ମୁଦୁଲୀ ଓ କୋଷାଧ୍ୟକ୍ଷ ସତ୍ୟଜିତ ମୁଦୁଲୀ ପ୍ରମୁଖ ସୂଚନା ଦେଇଛନ୍ତି। ପୂଜାରେ ମନୋଜ କୁମାର ନାୟକ ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ସୋମବାର ସକାଳୁ ରୀତିନୀତି ଅନୁସାରେ ପୂଜକ ରଙ୍କନିଧି ରଥ ଓ କମିଟର ଅନ୍ୟ ସଦସ୍ୟମାନେ ନିକଟସ୍ଥ ଚିତାପାରି ନଦୀରୁ ଏକ କଳସଯାତ୍ରା ଆରମ୍ଭ କରି ସହର ପରିକ୍ରମା ପରେ ମା'ଙ୍କ ମଣ୍ଡପରେ ଶୁଭ କଳସ ସ୍ଥାପନ କରାଯିବ। ପୂଜା ଉପଲକ୍ଷେ କମିଟି ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ଦୈନିକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।


ଶିଳ୍ପୀ ମା'ଙ୍କ ମୂର୍ତ୍ତିରେ ରଙ୍ଗ ଭରୁଛନ୍ତି।

## ଆଜି ଶ୍ୟାମାକାଳୀଙ୍କ ପୂଜା

# ଭାଜପାରେ ମିଶିଲେ କଂଗ୍ରେସ,ବିଜେଡିର ବହୁ କର୍ମକର୍ତ୍ତା

ମାଲକାନଗିରି,୧୯।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ଓ କଂଗ୍ରେସର ବହୁ କର୍ମକର୍ତ୍ତା ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ଏହି କର୍ମକର୍ତ୍ତାମାନେ ତାଣ୍ଡବାଇ, ମାଲାଭରମ, ପୁସୁଗୁଡା, ଓ ମହାରାଜପାଲ୍ଲୀ ପଞ୍ଚାୟତରୁ ଆସି ଦଳରେ ମିଶିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ଦୂରଦର୍ଶିତା ଓ ଦେଶବାସୀଙ୍କ ପାଇଁ କରାଯାଉଥିବା ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଭାଜପାରେ ମିଶିଥିବା କହିଛନ୍ତି। ଏହି ଉପଲକ୍ଷେ ଭାଜପା ଜିଲା ସଭାପତି ଅଶୋକ କୁମାର ପରିଡ଼ା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ପୂର୍ବତନ ଜିଲା ସଭାପତି ନିମାଇଚନ୍ଦ୍ର ପାଲ ଓ ବାଲିମେଳା ନଗରପାଳ ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦଳର ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତୀ, ଉପସଭାପତି ସମୀର ମିସ୍ତ୍ରୀ, ଜିଲା ବିଧାୟକ ପ୍ରତିନିଧି ନିହାର ରାୟ, ମାଲାଭରମ ମଣ୍ଡଳ ସଭାପତି ଜୟନ୍ତ ମଜୁମଦାର ପ୍ରମୁଖ ନୂତନ କର୍ମୀମାନଙ୍କୁ ସ୍ୱାଗତ କରି ଦଳୀୟ ପତାକା ହାତରେ ଦେଇ ଶପଥ ପାଠ କରାଇଥିଲେ। ପରେ ମାଲକାନଗିରି ଜିଲାର ବିକାଶ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା।


ଭାଜପାରେ ଯୋଗଦେଇଥିବା ନୂତନ କର୍ମକର୍ତ୍ତାମାନେ।

# ଧନ୍ୱନ୍ତରୀ ଜୟନ୍ତୀ ପାଳିତ


ଜୟପୁର,୧୯।୧୦ (ପବନ ପାଣିଗ୍ରାହୀ)

ଜୟପୁର ଲିଙ୍ଗରାଜ ମନ୍ଦିରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ କୋରାପୁଟ ଜିଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଆୟୁର୍ବେଦର ବୈଦରାଜ ଧନ୍ୱନ୍ତରୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ହୋଇଥିଲା। ଏହି ଅବସରରେ ଡା. ସୁଦର୍ଶନ ଗୌଡ, କବିରାଜ କ୍ଷେତ୍ରବାସୀ, ପରିଷଦର ସହ ସମ୍ପାଦକ ସତ୍ୟନାରାୟଣ ପରିଚ୍ଛା, ଉପଦେଷ୍ଟା ଶିବକେଶବ ଦାସ, ସଂଯୋଜକ ତ୍ରିପତୀ ସାହୁ,ଜୁପିଟର ମିଶ୍ର, ଡା.ଶ୍ରୀକାନ୍ତ ମହାପାତ୍ର, ଅଂଶ ପାତ୍ର, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ପରମେଶ୍ୱର ପାତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଅଭିଯୋଗ ସତ୍ତ୍ୱେ ନିର୍ମାଣ ହେଉନି ଶ୍ମଶାନ ରାସ୍ତା

କୁନ୍ଦୁରା, ୧୯।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ପୂଜାରୀପୁଟ ଗାଁଠାରୁ ମଶାଣିକୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ନିର୍ମାଣ ହେଉ ନଥିବା ଗ୍ରାମବାସୀ କହିଛନ୍ତି। ଲୋକଙ୍କୁ ଶ୍ମଶାନ ମୃତଦେହ ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷ ଜମି,ଖାଲଖମା ପାଦଚଲା ରାସ୍ତା ଓ ନାଳ ପାରି ହୋଇ ଗାଁ ଲୋକେ ମୃତଦେହ ସତ୍କାର ପାଇଁ ନେଉଛନ୍ତି। ରବିବାର ଗ୍ରାମର ଜଣେ ବୃଦ୍ଧ ଡମ୍ବୁରୁ ହରିଜନଙ୍କ ମୃତ୍ୟୁ ହୋଇଥିବା ବେଳେ ଶ୍ମଶାନକୁ ରାସ୍ତା ନ ଥିବାରୁ ଲୋକେ ସମସ୍ୟା ମଧ୍ୟରେ ମୃତଦେହ ସତ୍କାର ପାଇଁ ୨ କି.ମି. ଦୂରକୁ ନେଇଥିଲେ। ଏହା ଲୋକଙ୍କ ମୁଖ୍ୟ ଚିନ୍ତାର କାରଣ ପାଲଟିଛି। ଏ କେବଳ ଏହି ଗୋଟିଏ ଘଟଣା ନୁହେଁ ଗ୍ରାମବାସୀ ଦଶନ୍ଧି ଧରି ଏଭଳି ସମସ୍ୟା ଭୋଗୁଥିବା କହିଛନ୍ତି। ମଶାଣିକୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନ ଥିବା କୁହାଯାଇଛି। ରାତି ଅଧରେ କାହାର ମୃତ୍ୟୁ ହେଲେ ଗ୍ରାମବାସୀଙ୍କ ସେହି ୨ କି.ମି. ରାସ୍ତା ଚାଲି ଚାଲି ଯିବାକୁ ପଡୁଛି ବୋଲି କହିଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରିବାକୁ ନାଏବ ସରପଞ୍ଚ ସଦନ ଖରା, ୱାର୍ଡ ସଭ୍ୟ ଖଗପତି ପୂଜାରୀ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ପିଇଓ ଉପେନ୍ଦ୍ର ବାଘଙ୍କୁ ଯୋଗଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଫୋନ ସଂଯୋଗ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।



# ମେଲୋଡି ବ୍ୟାଣ୍ଡବାଜା ମାଲିକ ସଂଘ ଗଠନ

ଚନ୍ଦାହାଣ୍ଡି,୧୯।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧୋଡ୍ରାଠାରେ ବ୍ଲକର ମେଲୋଡି ବ୍ୟାଣ୍ଡ ବାଜା ମାଲିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବାଜା ମାଲିକଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ଓ ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବା ସହିତ ନୂତନ ମାଲିକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚନ୍ଦାହାଣ୍ଡି ବ୍ୟାଣ୍ଡ ବାଜା ମାଲିକ ସଂଘର ନୂତନ ସଭାପତି ଭାବେ ପ୍ରେମ ଜଗତ, ଉପ ସଭପତି ପ୍ରଫୁଲ ସୁନା,ସମ୍ପାଦକ ଗଗନେଶ୍ୱର ବାଗ ଓ କୋଷାଧ୍ୟକ୍ଷ ଭାବେ କୀର୍ତ୍ତି ଖମାରୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିଭଳି ଉପଦେଷ୍ଟା ଭାବେ ଭୁବନ ସୁନା, ଅଭିରାମ ସୁନା, ସଂଯୋଜକ ଭାବେ ଶ୍ୟାମ ବେଶ୍ରା ଓ କୁନୁ ଖମାରୀ ମନୋନୀତ ହୋଇଥିଲେ। ଅଭିରାମ ଜଗତ, ଶ୍ୟାମଲାଲ ଜାଲ, ଭୂପେନ୍ଦ୍ର ସୂରିୟବଂଶୀ, ହୀରା ଜଗତ ପ୍ରମୁଖଙ୍କ ସହ ବହୁ ବ୍ୟାଣ୍ଡ ବାଜା କଳାକାରମାନେ ବୈଠକରେ ଉପସ୍ଥିତ ଥିଲେ।


ମେଲୋଡି ବ୍ୟାଣ୍ଡବାଜା ମାଲିକ ସଂଘର ନୂତନ କର୍ମକର୍ତ୍ତା ।

# ମାଟିଦୀପ ତିଆରି କରି ଛାତ୍ରୀଛାତ୍ରଙ୍କ ପରିବେଶ ସଚେତନତା ବାର୍ତ୍ତା

ଜୟପୁର,୧୯।୧୦(ପବନ ପାଣିଗ୍ରାହୀ)

ଦୀପାବଳି ପାଳନ ଅବସରରେ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ଛାତ୍ରୀଛାତ୍ର ମାଟି ଦୀପ ତିଆରି କରି ପରିବେଶ ସଚେତନତା ବାର୍ତ୍ତା ଦେଇଛନ୍ତି। ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣ ନ କରି ଛାତ୍ରୀଛାତ୍ର ଘରେ ମାଟି ଦୀପ ଜାଳି ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ଶପଥପାଠ କରିଥିଲେ। ସ୍ଥାନୀୟ ମୂର୍ତ୍ତିକାର ଗୋପ ସୁନ୍ଦର ପାଣିଗ୍ରାହୀ, ସ୍କୁଲ ସୁରକ୍ଷା କର୍ମୀ ସୁନିଲ ଭତ୍ରା ଛାତ୍ରୀଛାତ୍ର ଓ ଅନ୍ୟ କର୍ମଚାରୀମାନଙ୍କୁ ଦୀପ ତିଆରି କରିବା କଳା ଶିଖାଇ ଥିଲେ। କାର୍ଯ୍ୟକ୍ରମ ଇକୋ କ୍ଲବ ଶିକ୍ଷକ ପ୍ରତାପ ପଟ୍ଟନାୟକ ଓ ସିଟି ଇଂଲିଶ ମିଡିଅମ ସ୍କୁଲ ପ୍ରାଚାର୍ଯ୍ୟ ସୁଧାକର ପଟ୍ଟନାୟକ ଆୟୋଜନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# ଆଦିବାସୀ ମହିଳାଙ୍କୁ ଟେରାକୋଟା ଦେଇଛି ନୂଆ ପରିଚୟ

ଡାବୁଗାଁ, ୧୯।୧୦ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁର ପ୍ରାୟ ୨୫ କୁମ୍ଭାର ପରିବାରକୁ ଟେରାକୋଟା ଶିଳ୍ପ ଦେଇଛି ନୂଆ ପରିଚୟ । ଏହି ଆଦିବାସୀ ମହିଳାଙ୍କ ଦ୍ୱାରା ମାଟିରେ ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଇ ବିଭିନ୍ନ ସାମଗ୍ରୀ ଯଥା ହାତୀ, ଘୋଡା, କଳସ, ଗଣେଶ, ଫୁଲଦାନୀ, ମଶାଧୂପ ଷ୍ଟାଣ୍ଡ, ଝୁଣାଧୂପ ଷ୍ଟାଣ୍ଡ, ଦୀପ, ଷ୍ଟାଣ୍ଡଦୀପ, ମାଣ, ଖଜୁରୀ ଗଛ, କଇଁଛ, କୁମ୍ଭି, କଡେଇ, ମଟକା ହାଣ୍ଡି ଓ ବିଭିନ୍ନ ଘରସଜ୍ଜା ସାମଗ୍ରୀ ତିଆରି କରୁଛନ୍ତି । ଏହି ସାମଗ୍ରୀ କଟକର ବାଲିଯାତ୍ରା, ଭୁବନେଶ୍ୱର ଆଦିବାସୀ ମେଳା ଓ ପଲିଶ୍ରୀ ମେଳା, ନବରଙ୍ଗପୁର ମଣ୍ଡେଇ, କୋରାପୁଟର ପରବ, ରାୟଗଡାର ଚଇତି, ମାଲକାନଗିରିର ମାଲ୍ୟବନ୍ତ ଉତ୍ସବରେ ହେଉଥିବା ପ୍ରଦର୍ଶନୀରେ ବିକ୍ରି ହେଉଛି। ଏଥିସହ ଛତିଶଗଡର ଜଗଦଲପୁରଠାରେ ମାଟିତିଆରିସାମଗ୍ରୀର ଚାହିଦା ଥିବାରୁ ଦିପାବଳୀ ସମୟରେ ନେଇ ବିକ୍ରି କରିଥାନ୍ତି। ଏହାସହ ଦୀପାବଳି ସମୟରେ ଡାବୁଗାଁରେ ମଧ୍ୟ ମାଟି ଦୀପର ଚାହିଦା ରହୁଥିବାରୁ ମହିଳା କାରିଗରମାନେ ଏଠାରେ ମଧ୍ୟ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। କାରିଗରମାନେ ମାସକୁ ୫ରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କହିଛନ୍ତି।

ଗ୍ରାମରେ ୨୦୦୩ ମସିହାରେ ଗଠିତ ହୋଇଥିବା ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସରକାରଙ୍କ ଦ୍ୱାରା ପ୍ରୋତ୍ସାହନ ପାଇ ଟେରାକୋଟା ଶିଳ୍ପକୁ ଆଗେଇ ନେଇଛନ୍ତି। ୨୦୧୨ ଜୁନ ୧୫ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ଜିଲା ନାବାର୍ଡ ସହାୟତା ଓ କଳାନିକେତନ ସହଯୋଗରେ କାରିଗରମାନେ ତାଲିମ ନେଇଥିଲେ। ଏହାର ସୁପରିଚାଳନ ପାଇଁ ୨୦୦୮-୦୯ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଏସଜିଏସୱାଇ ଯୋଜନାରେ ୬ ଲକ୍ଷ ଟଙ୍କା ଅନୁଦାନରେ କାର୍ଯ୍ୟଶାଳା ଓ ଗୋଦାମ ଗୃହ ନିର୍ମାଣ ହୋଇଥିଲା। ସେହି ଗୃହରେ ଟେରାକୋଟା ସାମଗ୍ରୀ ଗଢାଯାଏ । ବର୍ତ୍ତମାନ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଭାଙ୍ଗି ଦିଆଯାଇ ୧୫ ଜଣ ମହିଳାଙ୍କୁ ନେଇ ଟେରାକୋଟା ଉତ୍ପାଦକ ସଂଘ ଗଠନ କରାଯାଇଛି । ଏଥିରେ ସଭାନେତ୍ରୀ ହେମ କୁମ୍ଭାର ଓ ସମ୍ପାଦିକା ସନମତି କୁମ୍ଭାର ରହିଛନ୍ତି।


ମହିଳାମାନେ ମାଟିରେ ନିର୍ମିତ ସାମଗ୍ରୀ ତିଆରି କରୁଛନ୍ତି।

DSPL-323

Dr. Hari Babu Kambhampati
Governor, Odisha

RAJ BHAVAN
Bhubaneswar - 751 008



October 18, 2025

MESSAGE

On this occasion of the 66th Police Commemoration Day, I pay my heartfelt homage to the brave police personnel who made the supreme sacrifice in the line of duty. Their courage, sense of duty and unwavering commitment to the nation's security and integrity will always remain a source of inspiration for generations to come.

The Odisha Police, through its dedicated service, has always stood as a steadfast guardian of peace, harmony and public safety. Their contribution in upholding the rule of law and protecting the lives and rights of citizens is commendable. ,

Let us collectively reaffirm our gratitude to these selfless warriors who serve without fear or favor, often at great personal risk. I also extend my best wishes to all members of the police force and their families for their continued strength, good health and well being.

(Hari Babu Kambhampati)

OIPR-12029/13/0114/2526

DSPL-323



ପୋଲିସ ଶହୀଦ ସ୍ମୃତି ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମାତୃଭୂମିର ସେବା ପାଇଁ ପ୍ରାଣବଳି ଦେଇଥିବା ବୀର ପୋଲିସ ମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ "ପୋଲିସ ଶହୀଦ ଦିବସ" ରୂପେ ପାଳନ କରିଆସୁଛି।

ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ, ରାଜ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସର୍ବୋପରି ଓଡ଼ିଶାରେ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାମ କରି ଆସୁଛି। 'ସବୁ ପଛ କର୍ତ୍ତବ୍ୟ ଆଗ' ଏହି ଉକ୍ତିକୁ ଆଧାର କରି ଖରା, ବର୍ଷା, ଦିନ, ରାତି ଖାତିର ନକରି ସେବା ପ୍ରଦାନ କରିବା ମନୋବୃତ୍ତି ସର୍ବଦା ଓଡ଼ିଶା ପୋଲିସ୍‌ର ମୂଳମନ୍ତ୍ର ହୋଇଆସିଛି। କର୍ତ୍ତବ୍ୟ ସମ୍ପାଦନ ସମୟରେ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଏହି ବୀର ଶହୀଦ ପୋଲିସମାନଙ୍କର ନିକଟରେ ରାଜ୍ୟ ସର୍ବଦା କୃତଜ୍ଞ ରହିବ।

ଆଜିର ଏହି ସ୍ମୃତି ଦିବସ ଅବସରରେ ମୁଁ ସେହି ବୀର ଶହୀଦ ମାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସେମାନଙ୍କ ପରିବାରର ମଙ୍ଗଳ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0115/2526

# ଗ୍ରାମୀଣ ଉଦ୍ୟୋଗୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟ: ମନ୍ତ୍ରୀ

## ଓର୍‌ମାସ୍ ପକ୍ଷରୁ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ

ନବରଙ୍ଗପୁର,୧୯।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ତହସିଲଦାର କାର୍ଯ୍ୟାଳୟ ନିକଟରେ ଓରମାସ ପକ୍ଷରୁ ଦୀପାବଳି ଉତ୍ସବ-୨୦୨୫ ଉପଲକ୍ଷେ ଶନିବାର ଏକ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଓର୍‌ମାସ ସହକାରୀ ସିଇଓ ରୋଶନ କୁମାର କାର୍ତ୍ତିକ, ଡିଆଇପିଆର୍‌ଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର, ପାପଡାହାଣ୍ଡି, ଚନ୍ଦାହାଣ୍ଡି, ଡାବୁଗାଁ ବ୍ଲକ, ଲିମ୍ୱଭଟା ଅଞ୍ଚଳରୁ ଏସ୍‌ଏଚ୍‌ଜି ତଥା ଟେରାକୋଟା ଶିଳ୍ପୀ ଓ ମାଟିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଉତ୍ପାଦ ମାଟି ଦୀପ, ସାଜସଜ୍ଜା ଉପକରଣ, ସୁନ୍ଦର ମୂର୍ତ୍ତି, କୃତ୍ରିମ ଫୁଲ, ଆଦିବାସୀ ହସ୍ତଶିଳ୍ପ ପ୍ରଦର୍ଶନ କରିଥିଲେ। ନବରଙ୍ଗପୁର ସହରର ଜନସାଧାରଣ ଷ୍ଟଲ ପରିଦର୍ଶନ କରି ଗ୍ରାମୀଣ ଉଦ୍ୟୋଗୀଙ୍କ ଆୟ ବୃଦ୍ଧି ଓ ସକ୍ଷମ ଜୀବିକା ପାଇଁ ବିଭିନ୍ନ ପ୍ରଦର୍ଶିତ ଉତ୍ପାଦ କିଣିବା ପାଇଁ ମନ୍ତ୍ରୀ କହିଥିଲେ।



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ଅତିଥିମାନେ ଦୀପାବଳି ଉତ୍ସବ ଷ୍ଟଲକୁ ଉଦ୍‌ଘାଟିତ କରୁଛନ୍ତି।

# ମଦ ଜବତ, ୩ ଗିରଫ

ନବରଙ୍ଗପୁର,୧୯।୧୦(ସଦାଶିବ ପ୍ରହରାଜ)

ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୫ ଲିଟର ହାତରନ୍ଧା ମଦ ଜବତ କରାଯାଇଛି। ୩ ଅବକାରୀ ମାମଲା ରୁଜୁ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ହରିଶ ଚନ୍ଦ୍ର ଭତ୍ରା (୨୨), ରାମଧର ଭତ୍ରା (୪୦) ଏବଂ ରତୁରାଜ ଚାଲାନ (୨୬)।


ଗିରଫ ଅଭିଯୁକ୍ତ।

କୋଡ଼ିଗାଁ ଥାନା ଅନ୍ତର୍ଗତ ଭାଟିଗାଁ ଛକ ନିକଟରେ ଅବକାରୀ ଅଧିକାରୀ ଚଢ଼ାଉ କରି ୨ଟି ମୋଟର ସାଇକେଲରେ ହରିଶ ଓ ରାମଧର ଦେଶୀ ମଦ ନେଇ ଯାଉଥିବାବେଳେ ଜଣଙ୍କଠାରୁ ୨୫ ଲିଟର ଏବଂ ଅନ୍ୟ ଜଣଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ନବରଙ୍ଗପୁର ଥାନା ଅନ୍ତର୍ଗତ କୁକୁଡ଼ାବାଇ ଛକ ନିକଟରେ ରତୁରାଜଙ୍କଠାରୁ ଏକ ବାଇକ୍‌ରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି ନବରଙ୍ଗପୁର ଅବକାରୀ ଥାନା କେସ ନଂ ୨୦୯, ୨୧୦ ଏବଂ ୨୧୧/୨୫ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛିଙ୍। ଉକ୍ତ ଚଢାଉରେ ଅବକାରୀ ଉପନିରୀକ୍ଷକ ବିଙ୍ଗରାଜ ଦାମୀ, ସହ ଉପ ନିରୀକ୍ଷକ କିଲାଡା ଭାସ୍କର, ଅବକାରୀ ସିପାହୀ ସୁଧାଂଶୁ ଶେଖର ବାଘ, ସଦାଶିବ ଭତରା, ଉମେଶ ହରିଜନ, ରଞ୍ଜି ଜାନି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜବତ ଜିନିଷଗୁଡ଼ିକର ଆନୁମାନିକ ମୂଲ୍ୟ ଟ ୧. ୭୩ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# କ୍ଷତ୍ରିୟ ଧାକଡ ସମାଜ ମହାସମ୍ମିଳନୀ



ବୈଠକରେ ଉପସ୍ଥିତ କ୍ଷତ୍ରିୟ ଧାକଡ ସମାଜର କର୍ମକର୍ତ୍ତା।

ଡାବୁଗାଁ, ୧୯।୧୦ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡୁମୁନିଗୁଡା ଗ୍ରାମରେ କ୍ଷତ୍ରିୟ ଧାକଡ ସମାଜର ମହା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଚକ୍ରଧର ସିଂହ, ସଂଗଠନ ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ କୁମାର ପାତ୍ର, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ, ଲକ୍ଷ୍ମୀ ନାରାୟଣ ସିଂ, ଉପସଭାପତି ସୁରେନ୍ଦ୍ର ନାୟକ, କାର୍ତ୍ତିକ ଦାସ, ମନମୋହନ ସିଂ, ହରି ଧାକଡ, ସଦନ ନାୟକ, ଉପଦେଷ୍ଟା ଦୁର୍ଯୋଧନ ନାୟକ ମଞ୍ଚାସୀନ ଥିଲେ । ବୈଠକରେ କ୍ଷତ୍ରିୟ ବର୍ଣ୍ଣର ଉତ୍ପତ୍ତି, ବର୍ତ୍ତମାନ ସମାଜରେ କ୍ଷତ୍ରିୟଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁମିତ ଠାକୁର, ମିହିର ଶଙ୍କର ରାୟପାତ୍ର, ବଳିରାମ ସିଂ, ଘାସିରାମ ସିଂ, ରବି ସିଂ, ତ୍ରୀନାଥ ସିଂ, ତ୍ରୀନାଥ ନାୟକ, ରତନ ପାତ୍ର, ରମେଶ ପାତ୍ର, ଯଦୁମଣୀ ପାତ୍ର, ଦଶମୁ ପାତ୍ର, ବିପିନ ଭୁକ୍ତା, ଭିକାରୀ ଚରଣ ନାୟକ, ଯମୁନା ସୁର, ମନୋରମା ନାୟକ, ମହେଶ୍ୱର ନାୟକ, ଲମେନ ଭୁକ୍ତା, ବିଘ୍ନରାଜ ସିଂ, ପଦଲାମ ପାତ୍ର, ଲକ୍ଷ୍ମଣ ସିଂ, ଦୀପକ ସିଂ, ଜଳନ୍ଧର ସିଂ, ବିଭୁତି ନାୟକ, ଗୋପୀ ପାତ୍ର, ସମ୍ଭୁନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କ୍ଷତ୍ରିୟ ସମାଜର କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଥ ସଞ୍ଚଳନ

ନବରଙ୍ଗପୁର,୧୯।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ଭବ୍ୟ ପଥ ସଂଚଳନ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଚାମୁରିଆ ଗୁଡ଼ାସ୍ଥିତ ସତ୍‌ସଙ୍ଗ ବିହାରରୁ ସର୍କିଟ ହାଉସ ପଡ଼ିଆ, ମାଝୀଗୁଡ଼ା ପର୍ଯ୍ୟନ୍ତ ଜିଲାର ୧୦ ବ୍ଲକରୁ ମୋଟ ୧୨୭୫ ଜଣ ସ୍ୱୟଂସେବକ ପୂର୍ଣ୍ଣଗଣ ବେଶରେ ଯୋଗଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ମା' ଭଉଣୀ ତଥା ଶୁଭେଚ୍ଛୁମାନେ ଭାରତମାତା କୀ ଜୟ ନାରାଦେଇ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ । ସର୍କିଟ ହାଉସ ପଡ଼ିଆ ଠାରେ ଜିଲା ସଂଘ ଚାଳକ ଯୁଧିଷ୍ଠିର ରାଜଗଣ୍ଡଙ୍କ ଅଧକ୍ଷତାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଭାରତୀୟ ସେନାର ଅବସରପ୍ରାପ୍ତ କମାଣ୍ଡର ଡ଼ି. ସୁବ୍ରମଣ୍ୟମ ଓ ମୁଖ୍ୟବକ୍ତା ଭାବେ ହରେକୃଷ୍ଣ ମାଝୀ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଶାରୀରିକ ଶିକ୍ଷଣ ସଂଯୋଜକ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷର ଯାତ୍ରାରେ ସଂଘ ପ୍ରତି ହୋଇଥିବା ଉପହାସ, ବିରୋଧ ଓ ସମର୍ଥନର ଗାଥାକୁ ବର୍ଣ୍ଣନା କରଥିଲେ। ସେହିପରି ଆଗାମୀ ଦିନରେ ଗୃହ ସମ୍ପର୍କ ଅଭିଯାନ ମାଧ୍ୟମରେ ସାମାଜିକ ସମରସତା, ସ୍ୱ କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣର ସୁରକ୍ଷା ଓ ନାଗରିକ କର୍ତ୍ତବ୍ୟ ଭଳି ପଞ୍ଚ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ସ୍ୱୟଂସେବକଙ୍କ ଦାରା ଗଣସମତା, ନିଯୁଦ୍ଧ, ଆସନ ଓ ବ୍ୟାୟାମ ଯୋଗ ପ୍ରଦର୍ଶନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତା।

# କ୍ରୀଡ଼ା ସ୍ୱାସ୍ଥ୍ୟରକ୍ଷା ସହ ସୁନାଗରିକ ଗଠନରେ ସହାୟକ ହେବ

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ, ସିପକଟାକ୍ର ପ୍ରତିଯୋଗିତା ଉଦ୍‌ଯାପିତ

ଉମରକୋଟ/ନବରଙ୍ଗପୁର ୧୯।୧୦
(ସନ୍ତୋଷ ଶତପଥୀ, ସଦାଶିବ ପ୍ରହରାଜ)

୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପକଟାକ୍ର ପ୍ରତିଯୋଗିତା ୨୦୨୫-୨୬ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲା ପରିଷଦ ଉପାଧକ୍ଷା ଲିପିକା ବରୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ଉମରକୋଟ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ରାମକୃଷ୍ଣ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ସନ୍ତୋଷ କୁମାର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ସହକାରୀ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ରାଇଘର ବିଇଓ ବିକାଶ ଚନ୍ଦ୍ର ସରକାର, ଡାବୁଗାଁ ବିଇଓ ରଶ୍ମିତା ନେତମ, ନବରଙ୍ଗପୁର ବିଇଓ ଶ୍ରୀକାନ୍ତ ଜାନୀ, ନନ୍ଦାହାଣ୍ଡି ବିଇଓ ସୁଦୀପ୍ତ ଦାସ, କୋଷଗୁମୁଡା ବିଇଓ ସୌମେନ୍ଦ୍ର ଭୂମିକ, ଉମରକୋଟ ବିଇଓ ଈଶ୍ୱର ଚନ୍ଦ୍ର ମାଝୀ, ଚନ୍ଦାହାଣ୍ଡି ବିଇଓ ଜଗନ୍ନାଥ ଧାରୁଆ, ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ ପ୍ରମୁଖ ମଞ୍ଚାସୀନ ଥିଲେ। ଉମରକୋଟ ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ ପ୍ରତଯୋଗିତା ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କ୍ରୀଡା ଦ୍ୱାରା ଶିକ୍ଷାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ଓ ସ୍ୱାସ୍ଥ୍ୟରକ୍ଷା ହେବା ସହ ସୁନାଗରିକ ଗଠନରେ ସହାୟକ ହେବ ବୋଲି ଅତିଥିମାନେ ମତ ରଖିଥିଲେ।

ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଯାଜପୁର ଜିଲା ଉପବିଜେତା ଓ ଢେଙ୍କାନାଳ ଜିଲା ଚାମ୍ପିୟନ ହୋଇଥିବାବେଳେ, ବାଳିକା ବର୍ଗରେ ଢେଙ୍କାନାଳ ଉପବିଜେତା ଓ ବାଲେଶ୍ୱର ଚାମ୍ପିୟନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ସୁନ୍ଦରଗଡ ଉପବିଜେତା ଓ ସମ୍ବଲପୁର ଜିଲା ଚାମ୍ପିୟନ ହୋଇଛି। ସେହିପରି ସିପକଟାକ୍ର ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଭଦ୍ରକ ଜିଲା ଉପବିଜେତା ହୋଇଥିବାବେଳେ ଭୁବନେଶ୍ୱର ଜିଲା ଚାମ୍ପିୟନ ହୋଇଛି। ବାଳିକା ବର୍ଗରେ ନବରଙ୍ଗପୁର ଉପବିଜେତା ଓ ଭୁବନେଶ୍ୱର ଜିଲା ଚାମ୍ପିୟନ ହୋଇଛି। ଚାମ୍ପିୟନ ଏବଂ ଉପବିଜତା ଦଳକୁ ଅତିଥିଙ୍କ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ଶିକ୍ଷକ ନିରଞ୍ଜନ ଶତପଥି ମଞ୍ଚ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ କେଶବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଫଳତା ହାସଲ କରିଥିବା ଖେଳାଳିମାନେ ରାଜ୍ୟ ତରଫରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବେ ବୋଲି ଅତିଥି ମତପ୍ରକାଶ କରିଥିଲେ। ଏହି ମଞ୍ଚରେ ପ୍ରଧାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳଙ୍କୁ ଜାତୀୟସ୍ତର ବିଜ୍ଞାନ ମେଳାରେ ଅଂଶ କରିବା ନିମନ୍ତେ ସମ୍ମାନିତ କରାଯାଇଥିଲା। ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଇମିଂ ବାର୍ଡ ଇଂରାଜୀ ବିଦ୍ୟାଳୟ ଓ ଗୁରୁକୃପା ଚାରିଟେବଲ ଟ୍ରଷ୍ଟ, ପୋଲିସ ପ୍ରଶାସନ, ଉମରକୋଟ ପୌର ପରିଷଦ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ ସଂସ୍ଥା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ନବରଙ୍ଗପୁର ଜିଲା ଗତବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଓ ଚଳିତ ବର୍ଷ ବ୍ୟାଡମିଣ୍ଟନ ଓ ସିପାକ ଟାକ୍ରୋ ପ୍ରତିଯୋଗିତା ଆୟୋଜନ କରି ଏକ ନୂତନ ଇତିହାସ ସୃଷ୍ଟି କରିଛ ବୋଲି କୁହାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

# ତଦନ୍ତ କଲେ ଜିଲା ମଙ୍ଗଳ ଅଧିକାରୀ

## ହଷ୍ଟେଲ କୋଠରିରୁ ମଦ ପାଉଚ୍ ମିଳିବା ଘଟଣା

ପାପଡାହାଣ୍ଡି, ୧୯।୧୦
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ମାଦକ ଦ୍ରବ୍ୟ ଜବତ ଘଟଣାକୁ ନେଇ ହଷ୍ଟେଲ କର୍ତ୍ତୃପକ୍ଷ ବିଦ୍ୟାଳୟର ୯ ଜଣ ଛାତ୍ରଙ୍କୁ ହଷ୍ଟେଲରୁ ୭ ଦିନ ପାଇଁ ବହିଷ୍କାର କରିଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ରବିବାର ସନ୍ଧ୍ୟାରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଓ ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଘଟଣାର ତଦନ୍ତ କରାଯାଉଛି, ଯିଏ ବି ହଷ୍ଟେଲକୁ ମଦ ଆଣିଥିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲ କୋଠରୀରୁ ଶୁକ୍ରବାର ମଦ ପାଉଚ ଓ ସିଗାରେଟ ଆଦି ମିଳିଥିଲା । ସୁପରିଣ୍ଟେଣ୍ଡେଣ୍ଟ ହଷ୍ଟେଲ ବୁଲିବା ସମୟରେ କବାଟ ବାଡେଇବାରୁ ପିଲାମାନେ ଖୋଲି ନ ଥିଲେ । ପରେ କବାଟ ଖୋଲିବାପରେ ମାଦକ ଦ୍ରବ୍ୟ ମିଳିଥିଲା। ସୁପରିଣ୍ଟେଣ୍ଡେଣ୍ଟ ପିଲାମନଙ୍କୁ ପଚାରିବାରୁ ସେମାନେ ମଦ୍ୟପାନ କରି ନ ଥିବା କହିଥିଲେ। ତେବେ ଏହି ଘଟଣାକୁ ନେଇ ୯ଜଣ ପିଲାଙ୍କ ଅଭିଭାବକଙ୍କୁ ଶନିବାର ସ୍କୁଲକୁ ଡ଼କାଇ ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ର ତଦନ୍ତ କରିବା ସହ ସେହି ୯ ଛାତ୍ରଙ୍କୁ ୭ ଦିନ ପାଇଁ ହଷ୍ଟେଲରୁ ବହିଷ୍କାର କରିଥିଲେ। ତେବେ ଅଭିଭାବକମାନେ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ସୁରକ୍ଷା ମଧ୍ୟରେ ହଷ୍ଟେଲରେ ପିଲାଙ୍କୁ ରଖା ଯାଉଥିବାବେଳେ ସେମାନେ କିପରି ମାଦକଦ୍ରବ୍ୟ ହଷ୍ଟେଲ ଭିତରକୁ ଆଣିଲେ ଏବଂ ପ୍ରଧାନ ଶିକ୍ଷକ ଜାଣିପାରିଲେ ନାହିଁ ସେ ନେଇ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସୁପରିଣ୍ଟେଣ୍ଡେଣ୍ଟ କବାଟ ବାଡେଇଥିଲେ ମଧ୍ୟ ପିଲାମାନେ ବହୁ ସମୟ ଧରି କବାଟ ନ ଖୋଲିବା ଓ ପରେ ମାଦକ ଦ୍ରବ୍ୟ ସହ ଧରାପଡିବାରୁ ସନ୍ଦେହ ହୋଇଥିବା ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା କହିଛନ୍ତି । ପିଲାଙ୍କୁ ଭୟ ଦେଖାଇବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ କହିଛନ୍ତି ।

**Government of Odisha**
**Information and Public Relations Department**
IPR-FP-GP-0002-2025/15727/IPR Dated: 18.10.2025

**2nd Corrigendum Notice**

No.Z - : In continuation to the RFP No.15037, dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed to all concerned that the last date and time for submission of the poroposal is extended to **Dt.22.10.2025, till 5 PM,** since last date for such submission of application in earlier advt was on 20.10.2025 being declared as a holiday by the State Government. The opening of tender shall be held on **23.10.2025 at 11.30 AM.**

OIPR-15001/11/1237/2526 **Sd./- Director**

ସତ୍ୟମେବ ଜୟତେ
**ଭାରତ ସରକାର**
**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**

**ଚେତାବନୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଭାରତ ସରକାର ଅଧିସୂଚନା ସଂ. ଜି.ଏସ୍.ଆର୍.୬୮୨ (ଇ), ତାରିଖ: ୦୫।୧୦।୧୯୯୯ ମାଧ୍ୟମରେ ବାଣର ମାଳା ସମେତ ୧୨୫ ଡିବି(ଏ୧) ରୁ ଅଧିକ ଧ୍ୱନି ସ୍ୱରର ଆତସବାଜିର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । ଏଭଳି ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ ତଥା ବ୍ୟବହାର ବେଆଇନ ଅଟେ ଏବଂ ଏହାର ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବୈଧାନିକ ନିୟମାବଳୀ ଅଧୀନରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୀପାବଳି ପର୍ବ ସମୟରେ ନିରାପତ୍ତା ପାଇଁ ନିମ୍ନଲିଖିତ ପ୍ରାକ୍-ସତର୍କତା ଅବଲମ୍ବନ କରନ୍ତୁ:

**କ'ଣ କରିବେ**

* କେବଳ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରି ତିଆରି ହୋଇଥିବା ବାଣଗୁଡ଼ିକୁ ବିଶ୍ୱସନୀୟ ଲାଇସେନ୍ସଧାରୀ ବିକ୍ରେତାଙ୍କଠାରୁ କିଣନ୍ତୁ ।
* ସର୍ବଦା ଜଣେ ପ୍ରୌଢ଼ଙ୍କ ତତ୍ତ୍ୱାବଧାନ ଅଧୀନରେ ବାଣ ବ୍ୟବହାର କରନ୍ତୁ ।
* ବାଣରେ ଦର୍ଶାଯାଇଥିବା ନିରାପତ୍ତା ସତର୍କତାକୁ କଡ଼ାକଡ଼ି ଭାବେ ଅନୁସରଣ କରନ୍ତୁ ।
* ବାଣରେ ନିଆଁ ଲଗାଇବା ପାଇଁ ମହମବତି କିମ୍ବା ଧୂପକାଠି ବ୍ୟବହାର କରନ୍ତୁ ।
* ପ୍ରାରମ୍ଭିକ ଅଗ୍ନିକୁ ଲିଭାଇବା ପାଇଁ ସର୍ବଦା ହାତପାହାନ୍ତାରେ ଏକ ପାଣି ବାଲ୍‌ଟି ରଖନ୍ତୁ ।
* ଆକାଶୀ ବାଣଗୁଡ଼ିକୁ କେବଳ ସୁରକ୍ଷିତ ଅବତରଣ ଅଞ୍ଚଳରେ ବ୍ୟବହାର କରନ୍ତୁ ।
* ବ୍ୟବହୃତ ବାଣଗୁଡ଼ିକୁ ପାଣିରେ ଭିଜାଇବା ପରେ ହିଁ ଫୋପାଡ଼ନ୍ତୁ ।

**କ'ଣ କରିବେ ନାହିଁ**

* ୧୨୫ ଡିବି(ଏ୧) ଅଥବା ଫୁଟାଇବା ଜାଗାରୁ ୪ ମିଟର ଦୂରତାରେ ୧୪୫ ପିକେରୁ ଅଧିକ ଧ୍ୱନି ସୃଷ୍ଟି କରୁଥିବା ବାଣଗୁଡ଼ିକର ବିନିର୍ମାଣ, ବିକ୍ରୟ କିମ୍ବା ବ୍ୟବହାର ପ୍ରତିବନ୍ଧିତ ଅଟେ । ସିରିଜ୍ (ବାଣର ମାଳା) ଗଠିତ କରୁଥିବା ପୃଥକ୍ ବାଣଗୁଡ଼ିକ ପାଇଁ ଉପରଦର୍ଶିତ ସୀମାକୁ ୫ ଲଗ୍ ୧୦ (ଏନ୍) ଡିବିରେ ହ୍ରାସିତ କରାଯିବ, ଯେଉଁଠି 'ଏନ୍'ର ଅର୍ଥ ହେଉଛି ଏକାଠି ଯୋଡ଼ି ଗଢ଼ାଯାଇଥିବା ବାଣଗୁଡ଼ିକର ସମାନ ସଂଖ୍ୟା ।
* ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଧ୍ୱନି ସୃଷ୍ଟି କରୁଥିବା ବାଣ ଫୁଟାନ୍ତୁ ନାହିଁ ।
* ବାଣଗୁଡ଼ିକୁ କଦାପି ହାତରେ ଧରି ଫୁଟାନ୍ତୁ ନାହିଁ । ବାଣକୁ ଭୂ-ସ୍ତରରେ ରଖନ୍ତୁ, ସେଥିରେ ନିଆଁ ଲଗାନ୍ତୁ ଓ ଦୂରେଇ ଯାଆନ୍ତୁ ।
* ବାଣଗୁଡ଼ିକୁ କୌଣସି ପାତ୍ର ଭିତରେ ରଖି ଫୁଟାନ୍ତୁ ନାହିଁ ।
* ଉପରେ ଗଛପତ୍ର, ତାର ଆଦି ବାଧା ଥିବା ସ୍ଥାନରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ କାରଣ ସେଗୁଡ଼ିକ ହୁଏତ ବାଣକୁ ଖୋଲା ଆକାଶକୁ ଯିବାରୁ ବାଧା ପହଞ୍ଚାଇପାରେ ।
* ବିଲ୍‌ଡିଂ ନିକଟରେ ଆକାଶୀ ବାଣ ଫୁଟାନ୍ତୁ ନାହିଁ । ଏଭଳି କ୍ଷେତ୍ରରେ ବାଣ କବାଟ, ଝରକା ଆଦି ଦେଇ ବିଲ୍‌ଡିଂ ମଧ୍ୟକୁ ପଶିବା ଓ ବିଲ୍‌ଡିଂରେ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଥାଏ ।
* ଘର ଭିତରେ କଦାପି ବାଣ ଫୁଟାନ୍ତୁ ନାହିଁ ।
* ସର୍ବସାଧାରଣ ରାସ୍ତାରେ ବାଣ ଫୁଟାନ୍ତୁ ନାହିଁ ।
* କଦାପି ନିଜେ ନିଜେ ବାଣ ତିଆରି କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ ।
* ନିଆଁ ଲଗାଇବା ପରେ ମଧ୍ୟ ଫୁଟି ନ ଥିବା ବାଣକୁ ପୁଣିଥରେ ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ (୧୫ରୁ ୨୦ ମିନିଟ୍ ଅପେକ୍ଷା କରନ୍ତୁ ଓ ତାହାକୁ ଏକ ପାଣି ବାଲ୍‌ଟିରେ ଭିଜାଇଦିଅନ୍ତୁ) ।
* ନକଲି / ବେଆଇନ ବାଣ ବ୍ୟବହାର କରନ୍ତୁ ନାହିଁ ।
* ପିଲାମାନଙ୍କୁ ଏକାକୀ ବାଣ ଫୁଟାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ ।

CBC 05209/12/0004/2526

**ପେଟ୍ରୋଲିୟମ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)**
**(ପୂର୍ବରୁ ବିସ୍ଫୋରକ ସାମଗ୍ରୀ ବିଭାଗ)**

Odisha Coal and Power Limited OCPL
**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023, Odisha,
Ph. No. : 0674-2300654 / 2300664

**NOTICE INVITING TENDER**

**Date : 20/10/2025**

Sealed bids in the prescribed format for the following tender are invited from reputed Companies/ Firms/Agencies for execution of the following work :

| Sl. No. | Name of the work | Cost of Tender Paper (inclusive of GST) | Last date of Sale/ download of Tender document | Date of submission/ Opening |
|---|---|---|---|---|
| 1 | Widening of Road from Jhardeswar Temple Gate to Mega water line stock yard, Hemgir, Sundargarh. Tender No.: OCPL/MCMP/SER-159/2025 | NIL | 10/11/2025 | 11:00 AM / 11:30 AM on 17/11/2025 |
| 2 | Construction of School Building at village Ostali, Hemgir, Sundargarh. Tender No. OCPL/MCMP/SER-160/2025 | NIL | 10/11/2025 | 3:00 PM / 3:30 PM on 17/11/2025 |
| 3 | Balance work of construction of Twin Cottage, Sarafgarh Nature Camp, Sundargarh, Odisha. Tender No.: OCPL/MCMP/SER-165/2025 | Rs 1000/- (Rs One Thousand Only) | 11/11/2025 | 11:00 AM / 11:30 AM on 18/11/2025 |
| 4 | Renovation of Pond at Village Kiripsira, Hemgir, Sundargarh. Tender No. OCPL/MCMP/SER-167/2025 | NIL | 11/11/2025 | 3.00 PM / 3:30 PM on 18/11/2025 |

Any further clarifications may please be addressed to the undersigned at the above address or by email to: Contracts@ocpl.org.in.

**Sd./- Sr. Manager (Commercial & Contracts)**

# ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ...

**ଡା. ଉମେଶ ଚନ୍ଦ୍ର ପାତ୍ର**

ଆଲୋକର ପର୍ବ ଦୀପାବଳି। ଏହି ଦିନଟିକୁ ସମସ୍ତେ ଦୀପ, ମହମବତି ଓ ବିଭିନ୍ନ ରଙ୍ଗବେରଙ୍ଗର ଲାଇଟ୍ ଜଳାଇ, ବାଣଫୁଟାଇ ବେଶ୍ ଧୁମ୍‌ଧାମରେ ପାଳନ କରିଥା'ନ୍ତି। ପିଠା, ମିଠା ବଣ୍ଟନର ଆନନ୍ଦରେ ବିଭୋର ହୋଇଥା'ନ୍ତି। ପ୍ରତିବର୍ଷ ଭାରତ ବର୍ଷରେ ଏହି ପର୍ବ ପାଳନ କରାଯାଇଥାଏ । ଏହା ପଛରେ ମଧ୍ୟ ରହିଛି ବିଭିନ୍ନ କିମ୍ବଦନ୍ତୀ। ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହାହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନ୍‌ଙ୍କ ନିକଟରେ କାମନା କରିଥା'ନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସି ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମ ସାକ୍ଷାତ୍‌କାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ । ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ।

ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ନିମିତ୍ତ ଏହିଦିନ ପିଣ୍ଡଦାନ କରାଯାଇଥାଏ । ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ । ଏଥିପାଇଁ ପିଣ୍ଡଦାନ ପରେ ପିପେଇ ଡକାଯାଏ। କାଉଁରିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତ ହୋଇଥାଏ ପିପେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ବଡୁଆଙ୍କୁ ଆହ୍ୱାନ କରାଯାଇଥାଏ । ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିପେଇ ଡାକି କାମନା କରିଥା'ନ୍ତି। ପିପେଇ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା । ବନ୍ଦନାଟି ଏହିପରି– ବଡ଼ବଡୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ । ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚରେ ଗଡ଼ଗଡ଼ଉଥାଅ । ରାମାୟଣ ପୃଷ୍ଠାରୁ ଜଣାପଡ଼େ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ରାକ୍ଷସ ରାବଣକୁ ବଧ କରି ଜନକନନ୍ଦନୀ ସୀତାଙ୍କୁ ତା' କବଳରୁ ଉଦ୍ଧାର କରିଥିଲେ । ଏହି ଦିନ ତାଙ୍କ ବନବାସର ଚଉଦ ବର୍ଷ ପୂରିଯାଇଥିବାରୁ ସେ ଅଯୋଧ୍ୟା ଫେରି ଆସିଥିଲେ । ଅଯୋଧ୍ୟା ନଗରବାସୀ ବହୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ରାଜକୁମାର ରାମଚନ୍ଦ୍ରଙ୍କୁ। ତାଙ୍କୁ ଫେରିବା ଦେଖି ନଗରବାସୀ ଆନନ୍ଦରେ ବିଭୋର ହୋଇ ପାଳନ କରିଥିଲେ ବିଜୟର ଦିବସ । ରଙ୍ଗବେରଙ୍ଗର ଆଲୋକରେ ଅଯୋଧ୍ୟା ନଗରୀ ନେଇଥିଲା ନୂଆ ରୂପ । ଏହା ସହ ନଗରବାସୀ ଦୀପ ଜାଳି, ବାଣ ଫୁଟାଇ ସ୍ୱାଗତ କରିଥିଲେ ରଘୁକୁଳ ତିଳକ ରାମଚନ୍ଦ୍ର, ଲକ୍ଷ୍ମଣ ଓ ଜନକନନ୍ଦନୀ ସୀତାଙ୍କୁ। ସେଦିନ ଏହି ଦିନଟିକୁ ଦୀପାବଳି ବୋଲି ନାମକରଣ କରାଯାଇଥିଲା । ସେହିଦିନଠାରୁ ହିଁ ଏହି ଦିନରେ ଦୀପାବଳି ପାଳନ କରିଆସୁଛନ୍ତି ଦେଶର କୋଣ ଅନୁକୋଣର ଲୋକମାନେ। ଦୀପାବଳିକୁ ନେଇ ମହାଭାରତରେ ମଧ୍ୟ ରହିଛି ଏକ ସୁନ୍ଦର କାହାଣୀ। ପାଣ୍ଡବ ପାଞ୍ଚ ଭାଇ ତାଙ୍କ ଆତ୍ମୀୟ କୌରବ ଶହେ ଭାଇଙ୍କ ଦ୍ୱାରା ଏକ ବାଜିରେ ପରାଜିତ ହୋଇଥିଲେ । ସର୍ତ୍ତ ଅନୁଯାୟୀ, ପଞ୍ଚ ପାଣ୍ଡବ ୧୩ ବର୍ଷ ପାଇଁ ନିଜ ଜନ୍ମସ୍ଥାନରୁ ନିର୍ବାସିତ ହୋଇଥିଲେ । ଯେଉଁଦିନ ୧୩ ବର୍ଷ ପୂରଣ ହୋଇଥିଲା, ପଞ୍ଚପାଣ୍ଡବ, ତାଙ୍କ ମା' ଓ ସ୍ତ୍ରୀଙ୍କ ସହ ଫେରିଥିଲେ ଜନ୍ମସ୍ଥାନ ହସ୍ତିନାପୁରକୁ। ଏହି ଦିନ ହିଁ ହୋଇଥିଲା କାର୍ତ୍ତିକ ଅମାବାସ୍ୟା। ସେଦିନ ହସ୍ତିନାପୁରବାସୀ ନଗରକୁ ଆଲୋକରେ ସଜାଇ, ଦୀପ ଜାଳି ଓ ବାଣ ଫୁଟାଇ ପଞ୍ଚପାଣ୍ଡବ, ତାଙ୍କ ମା' ଓ ପତ୍ନୀ ଦ୍ରୌପଦୀଙ୍କୁ ସ୍ୱାଗତ କରିଥିଲେ ।

ଦୀପାବଳି ଦିନ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ପୁରାଣ କିମ୍ବଦନ୍ତୀ ଅନୁଯାୟୀ, ଦେବତା ଓ ଅସୁରଙ୍କ ମଧ୍ୟରେ ମଣିଷଙ୍କ ପରି ମୃତ୍ୟୁ ଘଟୁଥିଲା । କିନ୍ତୁ ସେମାନେ ମୃତ୍ୟୁକୁ ଜୟ କରିବା ପାଇଁ ଚାହୁଁଥିଲେ । ଏଥିପାଇଁ ସେମାନଙ୍କୁ ଦରକାର ଥିଲା ସମୁଦ୍ରରେ ଥିବା ଅମୃତ । ଏହି ଅମୃତ ସେବନରେ ହିଁ ମୃତ୍ୟୁକୁ ଜୟ କରିହେବ । ଏଥିପାଇଁ ସେମାନେ ଆରମ୍ଭ କରିଥିଲେ ସମୁଦ୍ର ମନ୍ଥନ । ସମୁଦ୍ର ମନ୍ଥନରୁ ବହୁ ଦୈବିକ ବସ୍ତୁ ବାହାରିଥିଲା । ହେଲେ ଦେବତା ଓ ରାକ୍ଷସ ଯେଉଁ ଅମୃତ ପାଇଁ ସମୁଦ୍ର ମନ୍ଥନ କରୁଥିଲେ, ଉକ୍ତ ଅମୃତକୁ ସାଙ୍ଗରେ ଧରି ସମୁଦ୍ରଙ୍କ ଝିଅ ମହାଲକ୍ଷ୍ମୀ ଆସିଥିଲେ। ସତେ ଯେପରି କାର୍ତ୍ତିକ ଅମାବାସ୍ୟା ରାତିରେ ନୂଆ ଜହ୍ନର ରୂପ ନେଇ ଲକ୍ଷ୍ମୀ ଆବିର୍ଭାବ ହେଲେ । ଭଗବାନ୍ ବିଷ୍ଣୁ ତାଙ୍କୁ ବିବାହ କଲେ । ଦୀପ୍ତିମାନ ଆଲୋକରେ ଆଲୋକମୟ ହୋଇଗଲା ସାରାଜଗତ । ଏହି ପବିତ୍ର ଦିନଟିକୁ ପ୍ରତିବର୍ଷ ଲୋକେ ଦୀପ, ଧୂପ, ପିଠା, ମିଠା ଓ ପଣା ଦେଇ ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରିଥା'ନ୍ତି। ଏହି ଦିନଟିକୁ କେତେକେ ମଧ୍ୟ ଲକ୍ଷ୍ମୀଙ୍କ ଜନ୍ମଦିନ ବୋଲି ମାନନ୍ତି। କାର୍ତ୍ତିକ ଅମାବାସ୍ୟା ଦିନ ଭଗବାନ୍ ବିଷ୍ଣୁ ବାମନ ଅବତାର ନେଇ ବଳିକୁ ପାତାଳକୁ ଚାପି ଦେଇଥିଲେ। ମହାବଳି ବିଷ୍ଣୁଙ୍କ ଦ୍ୱାରା ପରାଜିତ ହୋଇଥିବାରୁ ଲୋକମାନେ ଏହିଦିନକୁ ବେଶ୍ ଧୁମ୍‌ଧାମରେ ପାଳନ କରିଥିଲେ । ରାକ୍ଷସ ନରକାସୁରକୁ ମଧ୍ୟ ଭଗବାନ୍ ବିଷ୍ଣୁ ଦୀପାବଳି ପୂର୍ବଦିନ ବଧ କରିଥିଲେ। ନରକାସୁର ଦ୍ୱାରା ବନ୍ଦୀଥିବା ନାରୀମାନଙ୍କୁ ଦୀପାବଳି ଦିନ ମୁକ୍ତି ମିଳିଥିଲା । ଏହି ଖୁସିରେ ସେମାନେ ଏହିଦିନରେ ଦୀପ, ଧୂପ ଦେଇ ଭଗବାନ୍ ବିଷ୍ଣୁଙ୍କୁ ପୂଜା କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାପଡ଼େ, ଏକ ଯୁଦ୍ଧରେ ଦେବତାମାନେ ରାକ୍ଷସଙ୍କଠୁ ପରାଜିତ ହୋଇଥିଲେ। ରାକ୍ଷସମାନଙ୍କ ପ୍ରାଦୁର୍ଭାବ ପୃଥିବୀପୃଷ୍ଠରେ ବୃଦ୍ଧି ପାଇଲା । ଲୋକମାନେ ତ୍ରାହି ତ୍ରାହି ଡାକ ଛାଡ଼ିଲେ । ସ୍ୱର୍ଗ ଓ ମର୍ତ୍ତ୍ୟକୁ ରାକ୍ଷସଙ୍କ କବଳରୁ ରକ୍ଷା କରିବା ପାଇଁ ମା'ଦୁର୍ଗା ସାଜିଲେ ମା'କାଳୀ। ମା'କାଳୀ ସମସ୍ତ ରାକ୍ଷସଙ୍କୁ ମାରି ସାରିବା ପରେ ନିଜର ନିୟନ୍ତ୍ରଣ ହରାଇଥିଲେ । ତାଙ୍କ ସାମ୍ନାରେ ଯିଏ ପଡ଼ିଲା, ତାଙ୍କ ଜୀବନ ଗଲା । ମା'କାଳୀଙ୍କ ରାଗ ଶାନ୍ତ କରିବା ପାଇଁ ସ୍ୱୟଂ ଭଗବାନ୍ ଶିବଶଙ୍କର ଦ୍ୱାରବନ୍ଧରେ ଶୋଇପଡ଼ିଲେ । ମା'ବାହାରି ଯିବା ସମୟରେ ତାଙ୍କ ପ୍ରଥମ ପାଦ ପଡ଼ିଥିଲା ତାଙ୍କ ସ୍ୱାମୀ ଶିବଶଙ୍କରଙ୍କ ଉପରେ। ସ୍ୱାମୀଙ୍କ ଉପରେ ପାଦ ପଡ଼ିଥିବା ଦେଖି ମା'ଜିଭ କାମୁଡ଼ି ଅଟକିଯାଇଥିଲେ । ଏହି ସୁନ୍ଦର ରୂପକୁ ଦେବଲୋକ ଓ ଭକ୍ତଗଣ ବିଭିନ୍ନ ନୈବେଦ୍ୟରେ ପୂଜା କରିଥିଲେ । ସେ ଦିନ ଥିଲା କାର୍ତ୍ତିକ ଅମାବାସ୍ୟା । ଏଣୁ ଦୀପାବଳିରେ ମା'କାଳୀଙ୍କୁ ପୂଜା କରାଯାଏ ।

ଅତୀତର ମହାନ୍ ପରମ୍ପରାପୁଷ୍ଟ ଦୀପାବଳି ଓ ବର୍ତ୍ତମାନର ଆଭିଜାତ୍ୟପୂର୍ଣ୍ଣ ବାଣଫୁଟା ପର୍ବ ଦୀପାବଳି ପାଳନ ବ୍ୟବସ୍ଥାକୁ ତୁଳନା କଲେ ଆମେ କିପରି ଏହି ମହାନ୍ ପର୍ବର ଉଚ୍ଚ ସଂସ୍କୃତିଠାରୁ ଦୂରେଇ ଯାଉଛୁ, ତାହା ସ୍ପଷ୍ଟ ହୋଇଥାଏ । ପର୍ବ ପାଳନର ଆନନ୍ଦ ମଧ୍ୟରେ ଯଦି ଦୁଃଖ ଆସିଲା, ମଣିଷଙ୍କ ସମେତ ଧରାପୃଷ୍ଠରେ ବସବାସ କରୁଥିବା ଅସଂଖ୍ୟ ଜାତିର ଜୀବଜନ୍ତୁ ଭୟାତୁର ଓ କ୍ଷତିଗ୍ରସ୍ତ ହେଲେ, ପକ୍ଷୀ, କୀଟପତଙ୍ଗ ଆତଙ୍କିତ ହେଲେ, ତେବେ ଏଭଳି ଉତ୍ସବ ପାଳନ ମାଧ୍ୟମରେ ଆମେ ଲାଭ କରୁଛେ କି କ୍ଷତି ଆଣୁଛେ ତାହା ଏବର ପରିପ୍ରେକ୍ଷୀରେ ଗୁରୁତ୍ୱର ସହ ବିଚାର କରିବା କଥା । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମା ଅନ୍ଧକାର ଦୂରେଇଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବାଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା – 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟା...' ।

**– ପ୍ରତିରହ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ, ମେଡିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭**



# ଖୁସିର ପର୍ବ ହେଉ ଦୀପାବଳି

ଆଲୋକର ପର୍ବ ଦୀପାବଳି। ଅସତ୍ୟ ଉପରେ ସତ୍ୟର ବିଜୟ, ଧର୍ମର ଗୌରବ ଗାଥା ବହନ କରିଥାଏ ଏହି ପର୍ବ। ହିନ୍ଦୁମାନଙ୍କର ଏହି ମହାନ ପର୍ବରେ ଆମେ ଆମ ପୂର୍ବପୁରୁଷଙ୍କୁ ମନେପକାଇବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡୁଆ ଡାକିଥାଉ। ପିତୃପୁରୁଷଙ୍କ ଆଶୀର୍ବାଦ ଲାଭ କରିବା ଦ୍ୱାରା ଆମ ଜୀବନର ଅନ୍ଧକାରକୁ ଦୂରୀଭୂତ ହୋଇ ଆଲୋକର ଶିଖା ପ୍ରଜ୍ୱଳିତ ହୋଇଥାଏ। ତେବେ ଧୀରେ ଧୀରେ ଆଲୋକର ପର୍ବ ଏବେ ଆତସବାଜିର ପର୍ବ ଭାବେ ପରିଗଣିତ ହେବାରେ ଲାଗିଲାଣି। ଫଳରେ ମାଟି ଦୀପ ଜାଳିବା ବଦଳରେ ଲୋକେ ରଙ୍ଗବେରଙ୍ଗର ଲିଚୁ ଲାଇଟ୍, କ୍ୟାଣ୍ଡେଲ ଓ ଆତସବାଜିରେ ଦୀପାବଳି ପାଳନ କରୁଛନ୍ତି। ପରିବେଶ ପ୍ରଦୂଷଣ ହେବା ସହ ଆମ ପ୍ରକୃତ ପରମ୍ପରା ହଜିଯିବାକୁ ବସିଲାଣି। 'ଦୀପାବଳି' ଶବ୍ଦର ପ୍ରକୃତ ଅର୍ଥ ବାଣ ଫୁଟାଇବା ନୁହେଁ, ବରଂ ଦୀପ ଜାଳି ନିଜ ଭିତରେ ସତ୍ୟ, ଧର୍ମ, ନ୍ୟାୟକୁ ଜାଗ୍ରତ କରିବା। ଦୀପାବଳି ସହ ବହୁ ପୁରାଣ କଥା ଯୋଡି ହୋଇ ରହିଛି। କୁହାଯାଏ ରାମଚନ୍ଦ୍ର ୧୦ବର୍ଷ ବନବାସ ଯାଇଥିଲେ। ଲଙ୍କାପତି ରାବଣକୁ ସଂହାର କରି ସୀତା ଓ ଭାଇ ଲକ୍ଷ୍ମଣ ସହିତ ଅଯୋଧ୍ୟା ଫେରିବା ପରେ ଅଯୋଧ୍ୟାବାସୀ ଖୁସିରେ ତାଙ୍କୁ ଦୀପ ଜାଳି ସ୍ୱାଗତ କରିଥିଲେ। ସେହିପରି ଭଗବାନ୍ ଶ୍ରୀକୃଷ୍ଣ ପତ୍ନୀ ସତ୍ୟଭାମାଙ୍କ ସାହାଯ୍ୟରେ ନରକାସୁରକୁ ବଧ କରିଥିଲେ। ନରକାସୁରର ଆତଙ୍କ ଓ ଅତ୍ୟାଚାରରୁ ମୁକ୍ତି ମିଳିବା ଖୁସିରେ ଲୋକମାନେ ଦୀପ ଜଳାଇ ଖୁସି ପାଳିଥିଲେ। ତେଣୁ ଖୁସିର ଉତ୍ସବ ଦୀପାବଳିକୁ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପର୍ବ ଭାବେ ବିବେଚନା କରାଯାଏ। ତେବେ ଏବର୍ଷ କିଏ କିଭଳି ଆଲୋକର ଏହି ପର୍ବକୁ ପାଳନ କରୁଛନ୍ତି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## କିଏ କେମିତି ପାଳିବେ...

### ଦୀପ ଜାଳି ଆନନ୍ଦ ଉଲ୍ଲାସରେ ପର୍ବ ପାଳିବି



ଆମ ସଂସ୍କୃତି ଆଉ ପରମ୍ପରାକୁ ନେଇ ଆମେ ଗର୍ବ କରୁ। ସବୁ ପର୍ବ ଭିତରେ ଦୀପାବଳି ପାରମ୍ପରିକ ତଥା ସାଂସ୍କୃତିକ ଗୁରୁତ୍ୱ ବହନ କରେ । ହେଲେ ଏବେ ଆଧୁନିକତାର ବଶବର୍ତ୍ତୀ ହୋଇ ଆମେ ଆଉ ଆମ ପ୍ରଥା ଓ ପରମ୍ପରାକୁ ଭୁଲିବାରେ ଲାଗିଛୁ। ଏବେ ସାଧାରଣତଃ ଦୀପାବଳିରେ ସବୁଆଡେ ବାଣ ଓ ବୈଦ୍ୟୁତିକ ଆଲୋକମାଳା ଟ୍ରେଣ୍ଡ୍ ପାଲଟିଛି। ବିସ୍ଫୋରକ ବ୍ୟବହାର ଦ୍ୱାରା ବାୟୁ ଓ ଶବ୍ଦ ପ୍ରଦୂଷଣ ବଢୁଛି। ଫଳରେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ତେଣୁ ବାଣ ଫୁଟାଇ ବିପଦକୁ ଆମନ୍ତ୍ରଣ ବଦଳରେ ମୁଁ ଦୀପ ଜାଳି ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳନ କରିବି।

**– ଆରାଧନା ନାୟକ, ଛାତ୍ରୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**

### ଆମ ସଂସ୍କୃତି, ପରମ୍ପରା ଅନୁସାରେ ପାଳନ କରିବି



ଭାରତୀୟ ସଂସ୍କୃତିରେ ଆଲୋକର ପର୍ବ ଦୀପାବଳିର ସ୍ଥାନ ଅନନ୍ୟ ହୋଇଥିବାବେଳେ ଦୀପ ବଦଳରେ ବିସ୍ଫୋରକ ଏହାକୁ ଫିକା କରୁଛି। ଏହି କାରଣରୁ ବାୟୁ ପ୍ରଦୂଷଣ ହେବା ସହିତ ବିଭିନ୍ନ ଦୁର୍ଘଟଣା ହେବାର ଭୟ ରହୁଛି। ଏ ଦିଗରେ ସଚେତନ ହୋଇ ଦୀପ ଜାଳିବା ସହିତ ଆମ ସଂସ୍କୃତି ଓ ପରମ୍ପରା ଅନୁସାରେ ଦୀପାବଳି ପାଳନ କରାଗଲେ ପରିବେଶ ସୁରକ୍ଷା ହେବ ଓ ଦୁର୍ଘଟଣାରୁ ମୁକ୍ତି ମିଳିବ।

**– ପ୍ରସନ୍ନଜିତ୍ ସାହୁ, ଜୟଦେବ ବିହାର, ଭୁବନେଶ୍ୱର**

### ନିଜ ସହ ଅନ୍ୟର ଜୀବନକୁ ଆଲୋକିତ କରିବାକୁ ଚେଷ୍ଟା କରିବି



ଦୀପାବଳି କେଉଁ ଆବାହମାନ କାଳରୁ ମାନବତା, ସହଯୋଗ ଏବଂ ସାମ୍ପ୍ରଦାୟିକ ଏକତାର ପରିଚୟ ହୋଇ ରହିଆସିଛି। ପ୍ରତିବର୍ଷ ଦୀପାବଳି ଆସେ । ଭଳିକି ଭଳି ଆଲୁଅ, ତୋରଣ ଆଉ ଦୀପରେ ସୁନ୍ଦରୀ ଝିଅଟିଏ ପରି ସଜେଇ ହୁଏ ଗାଁଠାରୁ ସହର । ମାତ୍ର ସବୁବର୍ଷ ଆମେ କେବଳ ଘରେ, ଦୁଆରେ ଓ ବାଲକୋନୀରେ ଦୀପ ଜାଳିବାରେ ସୀମିତ ନ ରହି ପ୍ରେମର ଦୀପଟିଏ ହୃଦୟରେ ଜାଳିବା ଦରକାର । ଏଥର ଦୀପାବଳିରେ ଘର ସହ ଅନ୍ୟର ଜୀବନ ବି ଆଲୋକିତ କରିବାକୁ ଚେଷ୍ଟା କରିବି। ଏଥିସହ ସୁରକ୍ଷିତ ରହି ଦୀପାବଳି ପାଳିବା ଉପରେ ଗୁରୁତ୍ୱ ଦେବି।

**– ଗୌରୀ ସାହୁ, ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ**







# ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ

ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ଭଦ୍ରକାଳୀ ପୀଠ। ପ୍ରତିବର୍ଷ କାଳୀପୂଜା ଅବସରରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ପୀଠରେ ସପ୍ତଦିବସ ବ୍ୟାପୀ ମହାଯଜ୍ଞ ସହ ମା'ଙ୍କର ସପ୍ତମାତୃକା ବେଶ ହୋଇଥାଏ । ଚଳିତବର୍ଷ ସୋମବାରଠାରୁ ମା' ଭଦ୍ରକାଳୀ ସପ୍ତମାତୃକା ବେଶରେ ପୂଜା ପାଇବେ। ଏଥିସହ ପୀଠରେ ଆରମ୍ଭ ହେବ ବିଶ୍ୱଶାନ୍ତି ମହାଯଜ୍ଞ । ମା' ଭଦ୍ରକାଳୀ ସପ୍ତଦିବସ ମଧ୍ୟରେ ବେଦମାତା, ମହାକାଳୀ, ରାଜରାଜେଶ୍ୱରୀ, ସିଂହବାହିନୀ, ଜଗଦ୍ଧାତ୍ରୀ, ମହାସରସ୍ୱତୀ ଏବଂ ମହାଲକ୍ଷ୍ମୀ ବେଶ ଧାରଣ କରି ଭକ୍ତମାନଙ୍କୁ ଦର୍ଶନ ଦେବେ।

ଏଥିପାଇଁ ମନ୍ଦିରର ସିଂହଦ୍ୱାରଠାରୁ ଯଜ୍ଞମଣ୍ଡପ ଓ ମା'ଙ୍କର ପୂଜାମଣ୍ଡପ ସୁସଜ୍ଜିତ କରାଯାଇଥିବା ବେଳେ ଏହା ବେଶ୍ ଆକର୍ଷଣୀୟ ହୋଇଛି। ମହାଯଜ୍ଞ ନିମନ୍ତେ ଆଲୋକ ସଜ୍ଜା, ତୋରଣ, ପାନୀୟ ଜଳ, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତା, ପୂଜା ରୀତିନୀତି ଓ ସମୟ ନିର୍ଘଣ୍ଟ ତଥା ପୂର୍ଣ୍ଣାହୁତି ଅବସରରେ ଭକ୍ତମାନଙ୍କ ନିମନ୍ତେ ପହୁଡ଼ ଭୋଗ ସମ୍ପନ୍ନ କରିବା ପାଇଁ ମନ୍ଦିର ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୦୨୬ରେ ମହାଯଜ୍ଞକୁ ୨୫ବର୍ଷ ପୂରଣ ହେଉଥିବାରୁ ମା'ଙ୍କର ସୁନାବେଶ ଅନୁଷ୍ଠିତ ହେବ। ଏବେଠାରୁ ଭକ୍ତମାନେ ଦାନ କରିପାରିବେ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ଏହି ପୀଠର ମହିମାକୁ ବହୁଗୁଣିତ କରିଛି। କିମ୍ବଦନ୍ତୀ ଅନୁଯାୟୀ ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା'ଙ୍କୁ ପୂଜାର୍ଚ୍ଚନା କରୁଥିଲେ । ତାଙ୍କର ଦେହାନ୍ତ ପରେ ତାଙ୍କ ଶିଷ୍ୟ ଭଦ୍ରନାଥଙ୍କୁ ମା' ଭଦ୍ରକାଳୀ ସ୍ୱପ୍ନାଦେଶ କରି କହିବା ପରେ ସେ ମା'ଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ । ପରେ ସ୍ଥାନୀୟ ରାଜା ମନ୍ଦିର ନିର୍ମାଣ କରିବା ସହ ପୂଜାର୍ଚ୍ଚନା କରିବା ପାଇଁ ସେବାୟତମାନଙ୍କୁ ନିୟୋଜିତ କରିଥିଲେ।


ମା' ଭଦ୍ରକାଳୀ

**– ସନାତନ ରାଉତ, ଭଦ୍ରକ**






# ସଚେତନତା ହିଁ ସାଇବର ସୁରକ୍ଷାର ମୂଳ ଅସ୍ତ୍ର

ରାୟଗଡା, ୧୯।୧୦ (ଆଶିଷ ରଞ୍ଜନ ପଣ୍ଡା)



ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅତିଥି।

ରାୟଗଡା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଜିଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ରାୟଗଡା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ.କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡା ପୌର ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଅତିରିକ୍ତ ଏଏସ୍‌ପି ସ୍ୱସ୍ତିକ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଡିଜିଟାଲ ଯୁଗରେ ସାଇବର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତାରେ ପଡିଥିବା ବେଳେ କେବଳ ସଚେତନତା ହିଁ ଏହାର ମୂଳ ଅସ୍ତ୍ର ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସାଇବର ଠକେଇ ମଧ୍ୟରେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ୍ସ ଠକେଇ,ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ/ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଏବଂ ଘରୁ କାମ କରିବାର ଠକେଇ, ଇ-କମର୍ସ ରିଫଣ୍ଡ/ଅଫର ଭଳି ବିଭିନ୍ନ ପ୍ରଲୋଭନ ଦେଖାଇ ନିରୀହ ଜନସାଧାରଣଙ୍କୁ ଲୁଟୁଛନ୍ତି। ତେଣୁ ପ୍ରତିଦିନ ସାଇବର ସୁରକ୍ଷା ପାଇଁ ମୋବାଇଲ ବ୍ୟବହାରକାରୀମାନେ ସତର୍କ ରହିବା ଏବଂ କ୍ଲିକ କରିବା ପୂର୍ବରୁ ଥରେ ଭାବିବା, ଓଟିପି, ପିନ,କିମ୍ବା ବ୍ୟାଙ୍କ ପାସୱାର୍ଡ କେବେ କାହାକୁ ସେୟାର ନ କରିବା, ନିଜ ଡିଭାଇସକୁ ସୁରକ୍ଷିତ ରଖିବା, ସୁରକ୍ଷିତ ବ୍ୟାଙ୍କିଂ ଅଭ୍ୟାସ କରିବା, ସୋସିଆଲ ମିଡିଆରେ ସତର୍କତା ରହିବା, କଲ ଏବଂ ମେସେଜ ଉପରେ ସଚେତନ ହେବା, ସୁରକ୍ଷିତ ଅନଲାଇନ ଶପିଂ କରିବା, ବିଶ୍ୱାସ କରିବା ପୂର୍ବରୁ ଯାଞ୍ଚ କରିବା ଏବଂ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଆର୍ଥିକ କ୍ଷତି ହେଲେ ପ୍ରଥମ ଏକ ଘଣ୍ଟା ମଧ୍ୟରେ ଜାତୀୟ ସାଇବର କ୍ରାଇମ ହେଲ୍ପଲାଇନ -୧୯୩୦ରେ ତୁରନ୍ତ ରିପୋର୍ଟ କରିବା ପାଇଁ ଏଏସ୍‌ପି ପଣ୍ଡା ସଚେତନତା ବାର୍ତ୍ତା ଦେଇଥିଲେ। ଡିଜିଟାଲ ପ୍ଲାଟଫର୍ମକୁ ବହୁଳ ଭାବେ ବ୍ୟବହାର କରୁଥିବା ଯୁବପୀଢୀ ସଚେତନ ହେବା ବହୁତ ଜରୁରୀ ଏବଂ ବିଶେଷକରି ମହିଳାମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ଜିଲାପାଳ କୁଲକର୍ଣ୍ଣି କହିଥିଲେ। ଅଭିଯାନ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତମାନ

## ସାଇବର ସୁରକ୍ଷା କ୍ୟାମ୍ପେନ ଶୁଭାରମ୍ଭ

ଆୟୋଜନ କରାଯାଇଥିବା ଏବଂ ଜିଲାବାସୀଙ୍କୁ ସଚେତନ କରିବା ପାଇଁ ସାଇବର ସୁରକ୍ଷା ସଚେତନତା ରଥର ପରିଭ୍ରମଣ ସୂଚୀ ବିଷୟରେ ଏସ୍‌ପି ସ୍ୱାତୀ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମରେ ରାୟଗଡାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, କଲେଜ ଛାତ୍ରୀଛାତ୍ର, ସମାଜସେବୀ, ବିଭିନ୍ନ ସଂଗଠନ ସଦସ୍ୟ, ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଜିଲା ପୋଲିସର ବରିଷ୍ଠ ଅଧିକାରୀ, ବିଭିନ୍ନ ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ରାୟଗଡାର ଲୋକପ୍ରିୟ ଘୋଷିକା ବିଦିଶା ଶତପଥୀ ସଂଯୋଜନା କରିଥିଲେ ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ପଦ୍ମପୁର, ୧୯।୧୦(ପ୍ରଶାନ୍ତ କୁମାର କର)

ରାୟଗଡା ଜିଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ରବିବାର ବ୍ଲକ୍‌ସ୍ତରୀୟ ଶ୍ରୀମଦ ଭଗବଦ ଗୀତା ୭ମ ଅଧ୍ୟାୟ (କର୍ମ ସନ୍ନ୍ୟାସ ଯୋଗ) ଉପରେ ଆଧାରିତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ପ୍ରଜ୍ଞାନ ମିଶନ ' ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୭୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଚାରକ ରୂପେ ଶିକ୍ଷକ ଦିଲୀପ କୁମାର କର, ନିଳ ମାଧବ ପାଣିଗ୍ରାହୀ,ସାନ୍ତନୁ ଦାସ, ସର୍ବେଶ୍ୱର ପରିଡ଼ା, ନିଗମାନନ୍ଦ ପାଣିଗ୍ରାହୀ, ସୌମ୍ୟ ପ୍ରକାଶ ନାୟକ, ଶିକ୍ଷୟିତ୍ରୀ ଅର୍ପିତା ନାୟିକ, ପ୍ରିୟା ପଣ୍ଡା ଓ ବନିତା ରାଣୀ ଖଣ୍ଡାୟତ ରାୟ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ । ଏଥିରେ କ ବିଭାଗରେ ଶୁଭଶ୍ରୀ ରତ୍ନାଲୁ ପ୍ରଥମ, ସାଗରିକା ମହାପାତ୍ର ୨ୟ ଓ ଧରିତ୍ରୀ ସାହ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଖ ବିଭାଗରେ ଆଦ୍ୟାଶା ବେହେରା, ତିର୍ଥ ଚରଣ ପାଣି, ଦୀପିକା ରଣା ଓ ଗ ବିଭାଗରେ ଗୌରବ ବେହେରା, ଉର୍ମିଳା ଶବର ଓ ମୋନାଲିସା ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ଲକ ସଂଯୋଜକ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପାତ୍ର ଓ ସୁଧାକର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ବ୍ଲକ୍‌ର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଜୟ ପାଣିଗ୍ରାହୀଙ୍କ ସହ ସରସ୍ୱତୀ ବିଦ୍ୟା ମନ୍ଦିରର କର୍ମକର୍ତ୍ତା, ଗୁରୁଜୀ ଗୁରୁମା ପ୍ରମୁଖ ସହଯୋଗ କରିଥିଲେ ।

# ବିଜ୍ଞାନ ମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ


ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଜେକେପୁର,୧୯।୧୦(ରାଜେଶ ବିଶ୍ୱାଳ)

ରାୟଗଡା ଜିଲାସ୍ତରୀୟ ବିଜ୍ଞାନ ମେଳା ଜେକେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ପରିଷଦର ଜିଲାସ୍ତରୀୟ ସଂଯୋଜକ ଗୌରହରି ସାହୁ ଏବଂ ଗୌରିଶଙ୍କର ବେହେରାଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଚାରକ ଭାବେ ମାଟିକଣା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ନାୟକ, ବିଏନ୍‌ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ରାୟଗଡା ରାମକୃଷ୍ଣ ନଗର ସରସ୍ୱତୀ ବିଦ୍ୟାମନ୍ଦିର ବିଜ୍ଞାନ ଶିକ୍ଷକ ମହେଶର ରାଓ ବିଚାରକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ ଏବଂ ବିଜ୍ଞାନ ମେଳା କୁ ଶୁଭ ଉଦ୍ଘାଟନ କରିଥିଲେ। 'ପ୍ରାଚୀନ ଭାରତୀୟ ବିଜ୍ଞାନ ଅତୀତ ଭବିଷ୍ୟତ ଆଡ଼କୁ ଲମ୍ଫଦେବା ପାଇଁ ସହାୟକ ଯନ୍ତ୍ର ହେବା ଉଚିତ' ବିଷୟବସ୍ତୁକୁ ଆଧାର କରି ଜିଲାର ବିଭିନ୍ନ ବିଦ୍ୟାଳୟରୁ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମନୋନୀତ ୨ଟି ଉଚ୍ଚକୋଟିର ପ୍ରକଳ୍ପ ରାଜ୍ୟସ୍ତରରେ ଆସନ୍ତା ୨୫ ଓ ୨୬ ତାରିଖରେ ମାତୃ ବିହାର କଟକଠାରେ ପ୍ରଦର୍ଶିତ କରାଯିବ ବୋଲି ଜିଲାସ୍ତରୀୟ ସଂଯୋଜକ ଗୌରହରି ସାହୁ ଜଣାଇଥିଲେ। ପ୍ରତ୍ୟେକ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହିତ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଫଟୋ ଓ ପୁସ୍ତକ ପ୍ରଦାନ କରାଯାଇଥିଲା।

# ଗର୍ଭବତୀଙ୍କୁ ଚିକିତ୍ସା ସହାୟତା ଯୋଗାଇଲେ ଆରପିଏଫ୍ କର୍ମଚାରୀ

ରାୟଗଡା, ୧୯।୧୦ (ଆଶିଷ ରଞ୍ଜନ ପଣ୍ଡା)

ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଯୋଗେ ଶନିବାର କୋରାପୁଟରୁ ଭୁବନେଶ୍ୱରକୁ ଯାତ୍ରା କରୁଥିବା ଜଣେ ଗର୍ଭବତୀ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ରାୟଗଡାଠାରେ ରେଳବାଇ ପୋଲିସ ସୁରକ୍ଷା ବଳ (ଆରପିଏଫ) ତରଫରୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଆରପିଏଫ ତରଫରୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓଙ୍କ ସହ ଯୋଗାଯୋଗ କରାଯାଇ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ପରେ ଗର୍ଭବତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ଜଣାପଡିଛି । ଏବେ ସେ ସୁସ୍ଥ ଥିବା ଏଡିଏମଓ ପ୍ରକାଶ କରିଛନ୍ତି । ଟ୍ରେନରେ ଯାତ୍ରା କରୁଥିବା ଗର୍ଭବତୀ ମହିଳା ଜଣକ ହେଲେ ନେହା ନାଜ (୩୦)।

ସୂଚନା ପ୍ରକାରେ, ଶନିବାର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ କୋରାପୁଟରୁ ଭୁବନେଶ୍ୱରକୁ ନିଜ ସ୍ୱାମୀ ତାହିର ଅହମ୍ମଦଙ୍କ ସହ ଗର୍ଭବତୀ ନେହା ଯାତ୍ରା କରୁଥିବା ସେ ଅସୁସ୍ଥ ହୋଇପଡ଼ିଥିଲେ। ଟ୍ରେନ୍ ରାୟଗଡା ରେଳ ଷ୍ଟେଶନରେ ପହଞ୍ଚିବା ୧୫ମିନିଟ ପୂର୍ବରୁ ଅର୍ଥାତ୍ ରାତ୍ର ୧୧ଟା ୫ ମିନିଟରେ ଏସସିଏନଏଲ/ୱାଟ ତରଫରୁ ହ୍ୱାଟ୍‌ସଆପ ମେସେଜ ଜରିଆରେ ଏସିକୋଚ ଏ-୦୧, ବର୍ଥ ନଂ ୪୯ରେ ଥିବା ନେହାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଥିବା ଏବଂ

## ଟ୍ରେନରେ ଅସୁସ୍ଥତା ଅନୁଭବ କରିବାରୁ ମେଡିକାଲରେ ଭର୍ତ୍ତି କରାଗଲା

ଜରୁରୀକାଳୀନ ଚିକିତ୍ସା ସେବା ଆବଶ୍ୟକ ନେଇ ରାୟଗଡା ଆରପିଏଫ ପୋଲିସକୁ ସୂଚନା ଦିଆଯାଇଥିଲା । ମେସେଜ ପାଇବା ପରେ ଆରପିଏଫ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓଙ୍କୁ ଅବଗତ କରାଯାଇଥିଲା। ଡ୍ୟୁଟିରେ ଥିବା ଡାକ୍ତରଙ୍କ ସମେତ ଏଡିଏମଓ ତୁରନ୍ତ ରେଲୱେ ଷ୍ଟେଶନରେ ପହଞ୍ଚିଥିଲେ। ଟ୍ରେନ୍ ୧୧ଟା ୨୦ମି.ରେ ରାୟଗଡା ଷ୍ଟେଶନରେ ପହଞ୍ଚିବା ପରେ ଆରପିଏଫ ହେଡ କନଷ୍ଟେବଲ ଏଲ.ଏନ.ସ୍ୱାଇଁ, ତ୍ରିଲୋଚନ ପଣ୍ଡା, ରାଜ କୁମାରଙ୍କ ସମେତ କମର୍ସିଆଲ ଷ୍ଟାଫ ପ୍ରମୁଖ ଏ-୧କୋଚ ଠାରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରେଳଯାତ୍ରୀଙ୍କୁ ଏଭଳି ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଭଳି ମହତ କାମ ଆରପିଏଫର ଅପରେସନ 'ସେବା'ମାଧ୍ୟମରେ ଯୋଗାଇ ଦିଆଯାଉଛି ।


ଗର୍ଭବତୀଙ୍କୁ ମେଡିକାଲକୁ ନିଆଯାଉଛି।

# ଦୀପାବଳିରେ ବାଣ ଫୁଟାକୁ ନା



ସଚେତନତା ଶୋଭାଯାତ୍ରା ।

ଗୁଣପୁର,୧୯।୧୦(ପ୍ରଦୀପ କୁମାର ପାଢ଼ୀ)

ଦିନକୁ ଦିନ ବାୟୁ ମଣ୍ଡଳ ଦୂଷିତ ହୋଇ ପରିବେଶ ଉପରେ କୁପ୍ରଭାବ ପଡ଼ିବା ସହ ମାନବ ସମ୍ବଳ କ୍ଷତିଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ଗୁଣପୁର ମହର୍ଷି ଗୁରୁକୁଳ ଟେକ୍ନୋ କନସେପ୍ଟ ସ୍କୁଲ ପକ୍ଷରୁ ପରିବେଶ ସୁରକ୍ଷା ନିମନ୍ତେ ସଚେତନ ସୃଷ୍ଟି କରି ସାମାଜିକ ବାର୍ତ୍ତା ଦିଆଯାଇଛି। ଚଳିତ ବର୍ଷଠାରୁ ଆଉ ବାଣ ନ ଫୁଟାଇ ଦୀପ ଜାଳି ଦୀପାବଳି ପାଳିବାକୁ ଅନୁରୋଧ କରିଥିଲେ ।

## ଦୀପ ଜାଳିବାକୁ ସଚେତନତା ଶୋଭାଯାତ୍ରା

ପରିବେଶ ସୁରକ୍ଷା ପାଇଁ ବାଣ ଫୁଟାଇବା ବଦଳରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସମ୍ପର୍କିତ ଲେଖା ହୋଇଥିବା ପ୍ଲାକାର୍ଡ ଧରି ସହରର ମୁଖ୍ୟ ରାସ୍ତାରେ ପରିକ୍ରମା କରି ସାମାଜିକ ବାର୍ତ୍ତା ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ଶତପଥୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନା କରିଥିଲେ।

# ଆଇଆଇସି ଭାବେ ପଦୋନ୍ନତି ପାଇଲେ କାଶୀପୁର ଥାନା ଏସ୍‌ଆଇ

ଟିକିରି,୧୯।୧୦ ( ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଜିଲା ସଦର ଥାନାରେ ଆଇଆଇସି ଭାବେ ପଦୋନ୍ନତି ହୋଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ହେଇଥିବା ବିଜ୍ଞପ୍ତି ପ୍ରକାରେ କାଶୀପୁର ବ୍ଲକ୍‌ରେ ଥିବା ୪ଟି ଥାନା ମଧ୍ୟରୁ ୩ ଜଣଙ୍କୁ ପଦନ୍ନତି ହେଇଥିବା ପ୍ରକାଶ ପାଇଥିବା ବେଳେ ଟିକିରି ଥାନାରେ କାର୍ଯ୍ୟରତ ଦୁଇଜଣ ଏସ୍‌ଆଇ ଏବଂ କାଶୀପୁର ଥାନାରେ କାର୍ଯ୍ୟରତ ଏସ ଆଇ ପ୍ରସନ୍ନ କୁମାର ସ୍ୱାଇଁଙ୍କ ନାମ ରହିଛି। ପଦୋନ୍ନତି ପ୍ରକାଶ ପରେ ତାଙ୍କୁ ଜିଲା ମୁଖ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଥିବାବେଳେ ତୁରନ୍ତ ଏଠାରେ ଏକ ଦକ୍ଷ ଅଧିକାରୀଙ୍କୁ ଅବସ୍ଥାନ ପାଇଁ ଜନସାଧାରଣରେ ଦାବି ହେଉଛି ।

# ଗୁଣୁପୁର ଟ୍ରାକ୍ଟର ମାଲିକ ମହାସଂଘ ଗଠିତ

ଗୁଣୁପୁର, ୧୯।୧୦ ( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ଓ ଆଖପାଖ ଅଞ୍ଚଳର ଟ୍ରାକ୍ଟର ମାଲିକଙ୍କୁ ନେଇ ସୌରା ପ୍ରଧାନୀଗୁଡାସ୍ଥିତ ଗ୍ରାମଦେବୀ ମନ୍ଦିରରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବହୁ ସଂଖ୍ୟାର ଟ୍ରାକ୍ଟର ମାଲିକମାନେ ଯୋଗ ଦେଇଥିଲେ। ଟ୍ରାକ୍ଟର ମାଲିକ ମହାସଂଘ ନାମରେ ଏକ ଅସ୍ଥାୟୀ ସଙ୍ଗଠନ କରାଯାଇଛି। ଆଗାମୀ ଦିନରେ ଏହି ସଂଘକୁ ସରକାରୀ ଭାବେ ପଞ୍ଜୀକରଣ କରି ଏକ ସ୍ଥାୟୀ କୋଠାରେ କାର୍ଯ୍ୟାଳୟ ଖୋଲାଯିବ। ସଂଘ ଦ୍ୱାରା ମାଲିକମାନଙ୍କ ଭଲ ମନ୍ଦ ଓ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ସଂଘର ସଭାପତି ଭାବେ ଜଗନ୍ନାଥ ମହାନ୍ତି, ଉପ ସଭାପତି ଭାବେ ପୃଥିବୀ ରାଜ ପାଢି, ସମ୍ପାଦକ ଭାବେ ବାବୁଲା ରଥ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରତାପ ଯୋଗୀଙ୍କୁ ଚୟନ କରାଯାଇଥିଲା।

# ଶିଶୁବାଟିକାର ମାତୃ କର୍ମଶାଳା

ଗୁଣପୁର,୧୯।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଶିଶୁବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଘରେ କିପରି ଶିଶୁ ମାଆମାନେ ବିଭିନ୍ନ କ୍ରିୟାକଳାପ ଓ ହସ୍ତକର୍ମ ମାଧ୍ୟମରେ ଉଭୟ ଗୃହ କାର୍ଯ୍ୟ ସହିତ ଶିଶୁଙ୍କ ନିମନ୍ତେ ଏକ ଶିକ୍ଷଣ କାର୍ଯ୍ୟ ହୋଇପାରିବ ସେ ବିଷୟରେ ପ୍ରତିପାଦନ କରିଥିଲେ। ଯୁଗ୍ମ ସଂପାଦକ ମୀନକେତନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ମାତୃମଣ୍ଡଳୀଙ୍କୁ ମାର୍ଗଦର୍ଶନ କରିଥିଲେ । ସଭାପତି ବି ଗଜପତି ରାଓ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଆଚାର୍ଯ୍ୟା ମମତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ରଞ୍ଜିତା ମିଶାଲ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ ଶିଶୁ ବାଟିକାର ବିଭିନ୍ନ କାଳାଂଶ ଗୁଡିକ ପ୍ରଦର୍ଶନ କରାଯାଇଥିଲା ଏବଂ ଏହାକୁ ଶିଶୁ ବାଟିକା ପ୍ରମୁଖ ସଂଯୁକ୍ତା ନାୟକ ପରିଚାଳନା କରିଥିଲେ ।

# ବର୍ଷା ଯୋଗୁ ଫିକା ପଡ଼ିଲା ବାଣ ବ୍ୟବସାୟ

ଟିକିରି,୧୯।୧୦ ( ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶିପୁର ବ୍ଲକ୍‌ରେ ରବିବାର ବର୍ଷା ଲାଗି ରହିଛି। ରବିବାର ସକାଳୁ ଆକାଶରେ କଳା ମେଘ ଢ଼ାଙ୍କି ରହିଥିବା ବେଳେ ଦିନ ଦ୍ୱିପହରୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ବର୍ଷା ଯୋଗୁ ବାଣ ବ୍ୟବସାୟ ମାନ୍ଦା ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଚଳିତ ବର୍ଷ ଭଲ ବାଣ ବିକ୍ରି ନେଇ ବ୍ୟବସାୟୀମାନେ ଆଶା ରଖିଥିବାବେଳେ ବର୍ଷା ଯୋଗୁ ବାଣ ବିକି ହୋଇ ନ ପାରିବାରୁ ଚିନ୍ତାରେ ପଡ଼ିଛନ୍ତି।


କାଶୀପୁରରେ ଖୋଲିଥିବା ବାଣ ଦୋକାନ।

# ଟ୍ରେନ୍‌ରୁ ନଗଦ ୯୦ ଲକ୍ଷ ଟଙ୍କା ଜବତ, ୩ ଅଟକ

ମୁନିଗୁଡ଼ା,୧୯।୧୦ (ନନ୍ଦ କିଶୋର ପଟ୍ଟନାୟକ)

ଟ୍ରେନ୍‌ରେ ଚୋରା ସାମଗ୍ରୀ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବେଆଇନ ପରିବହନକୁ ରୋକିବା ପାଇଁ ଆରପିଏଫ୍ ଫୋର୍ସ ଦ୍ୱାରା ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିଭିନ୍ନ ରେଳ ଷ୍ଟେଶନ ସହ ଟ୍ରେନ୍‌ଗୁଡିକରେ ତନଖି ଓ ଯାଞ୍ଚ କରାଯାଉଥିବାବେଳେ ୨ଟି ଟ୍ରେନ୍‌ରୁ ନଗଦ ୯୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଅଟକ ରଖାଯାଇ ଆୟକର ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

ଆର୍‌ପିଏଫ ଏସ୍‌ଆଇ କେ.ସ୍ୱୟମ୍ ପ୍ରକାଶ, ହନୁମାନ ସିଂହ ଓ ଶୈଳେନ୍ଦ୍ର କୁମାରଙ୍କ ସହ ଅନ୍ୟ ଅଧିକାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର କେସିଙ୍ଗା ଏବଂ ଟିଟିଲାଗଡ଼ ରେଳ ଷ୍ଟେଶନ ମଧ୍ୟରେ ଟ୍ରେନ୍ ନମ୍ବର ୧୮୫୭୩ ଭଗତ କି କୋଠି ସାପ୍ତାହିକ ଏକ୍ସପ୍ରେସ ଯାଞ୍ଚ ସମୟରେ ଜଣେ ପୁରୁଷ ଯାତ୍ରୀଙ୍କ ସନ୍ଦେହଜନକ ଆଚରଣ ଦେଖି ଆରପିଏଫ ଅଧିକାରୀ ତାଙ୍କ ବ୍ୟାଗ ଯାଞ୍ଚ କରିବାରୁ ସେଥିରେ ବହୁତ ଟଙ୍କା ଥିବା ଦେଖିବାକୁ ପାଇଥିଲେ। ତେବେ ଏତେ ପରିମାଣର ନଗଦ ଟଙ୍କା ରଖିବା ପାଇଁ ସେ କୌଣସି ବୈଧ କାଗଜପତ୍ର, ବ୍ୟାଙ୍କ ଉଠାଣ ସ୍ଲିପ କିମ୍ବା କାରବାର ରେକର୍ଡ ପ୍ରଦାନ କରିପାରି ନ ଥିଲେ। ସେ କେବଳ ତାଙ୍କ ଆଧାର କାର୍ଡର ଏକ ଜେରକ୍ସ କପି ଏବଂ ତାଙ୍କ ମୋବାଇଲ ନମ୍ବର ପ୍ରଦାନ କଲେ, କିନ୍ତୁ ପାଣ୍ଠିର ଉତ୍ସ ସମ୍ପର୍କରେ କୌଣସି ପାନ୍ କାର୍ଡ କିମ୍ବା ସହାୟକ ଡକ୍ୟୁମେଣ୍ଟ ପ୍ରଦାନ କଲେ ନାହିଁ। ଫଳରେ ଆରପିଏଫ ଅଧିକାରୀ ତାଙ୍କୁ ଟ୍ରେନ୍‌ରୁ ଆର୍‌ପିଏଫ ଅଫିସକୁ ଆଣି ଅଟକ ରଖି ପ୍ରାଥମିକ ତଦନ୍ତ କରିଥିଲେ । ଏହି ସମୟରେ ପଚରାଉଚରା କରିବା ପରେ ସେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମହାବୀରପଡ଼ାର ନରେଶ କୁମାର ଅଗ୍ରୱାଲ ବୋଲି ପରିଚୟ ଦେବା ସହ ସେ କମିଶନ ଭିତ୍ତିରେ କାମ କରନ୍ତି, ରାୟପୁରରୁ ଭବାନୀପାଟଣାକୁ ବହୁମୁଖୀ ସାମଗ୍ରୀ ପରିବହନ କରନ୍ତି। ତାଙ୍କ ବ୍ୟାଗରେ ଥିବା ଜିନିଷ ବିଷୟରେ ପଚରାଯିବାରୁ ବ୍ୟାଗରେ ୨୦ ଲକ୍ଷ ଟଙ୍କା ଥିଲା । ଡିସେମ୍ବରରେ ତାଙ୍କ ଭଣଜାର ବିବାହ ପାଇଁ ପୋଷାକ ଏବଂ ଅଳଙ୍କାର ପାଇଁ ଅର୍ଡର ଦେବାକୁ ଏହି ଟଙ୍କା ନେଇ ସେ ରାୟପୁର ଯାଉଥିବା କହିଥିଲେ। ଆରପିଏଫ ଅଧିକାରୀ ଟଙ୍କା ଭର୍ତ୍ତି ବ୍ୟାଗ ସହିତ ବ୍ୟକ୍ତିଙ୍କୁ ପ୍ରକ୍ରିୟା ଅନୁଯାୟୀ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଟିଟିଲାଗଡ଼ ଆରପିଏଫ ପୋଷ୍ଟକୁ ଆଣିଥିଲେ। ଏଥିସହ ସମ୍ବଲପୁର ଆୟକର ବିଭାଗର ସହାୟକ ନିର୍ଦ୍ଦେଶକଙ୍କ ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଏବଂ ତଦନ୍ତ ପାଇଁ ଅବଗତ କରାଯାଇଥିଲା।


ଅଭିଯୁକ୍ତଙ୍କ ସହ ଜବତ ଟଙ୍କା ।

ସେହିପରି ଶୁକ୍ରବାର ଟ୍ରେନ୍ ନମ୍ବର ୨୨୮୩୮ 'ଧରତୀ ଆବା ସୁପରଫାଷ୍ଟ ଏକ୍ସପ୍ରେସ'ରେ ଯାଞ୍ଚ ସମୟରେ କେସିଙ୍ଗା ଏବଂ ଟିଟିଲାଗଡ଼ ରେଳ ଷ୍ଟେଶନ ମଧ୍ୟରେ ୨ପୁରୁଷ ବ୍ୟକ୍ତିଙ୍କ ସନ୍ଦେହଜନକ ଆଚରଣ ଦେଖି ଆରପିଏଫ୍ ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲା। ବ୍ୟାଗରେ ବିଡା ବିଡା ନୋଟ ବାହାରିଥିଲା । ଏମାନଙ୍କୁ ମଧ୍ୟ ଟ୍ରେନ୍‌ରୁ ଆରପିଏଫ ଅଫିସକୁ ନେଇ ପ୍ରାଥମିକ ତଦନ୍ତ କରାଯାଇଥିଲା । ଜଣେ ବ୍ୟକ୍ତି ବିହାର ଗୟା ଜିଲାର ଫତେପୁର ଥାନା ଅନ୍ତର୍ଗତ ବୈଜଡା ଗ୍ରାମର ଉମେଶ ପ୍ରସାଦ ଓ ଆଉ ଜଣେ ଝାଡ଼ଖଣ୍ଡ ଖୁଣ୍ଟି ଜିଲାର ଆରକି ଥାନା ଅନ୍ତର୍ଗତ ପୂର୍ଣ୍ଣାଙ୍ଗର ଗ୍ରାମର ପ୍ରଭାତ କୁମାର ସାହୁ ବୋଲି ଜଣାପଡ଼ିଛି। ସେମାନେ ସେମାନଙ୍କ ନିଯୁକ୍ତିଦାତାଙ୍କ ପକ୍ଷରୁ କଳାହାଣ୍ଡି କେସିଙ୍ଗାରୁ ରାଞ୍ଚି (ଲାଲପୁର ଚୌକ)କୁ ୭୦ ଲକ୍ଷ ଟଙ୍କା ନେଇ ଯାଉଥିବା ଉଭୟ ଆରପିଏଫ୍ ସମ୍ମୁଖରେ ସ୍ୱୀକାର କରିଛନ୍ତି। କିନ୍ତୁ ଏତେ ପରିମାଣର ନଗଦ ଟଙ୍କା ରଖିବା ପାଇଁ କୌଣସି ବୈଧ ଡକ୍ୟୁମେଣ୍ଟ, ବ୍ୟାଙ୍କ ଉଠାଣ ସ୍ଲିପ କିମ୍ବା କାରବାର ରେକର୍ଡ ଦେଖାଇ ପାରି ନ ଥିଲେ । ସେମାନେ କେବଳ ସେମାନଙ୍କର ଆଧାର କାର୍ଡର ଜେରକ୍ସ କପି ଏବଂ ସେମାନଙ୍କର ମୋବାଇଲ ନମ୍ବର ଏବଂ ପାନ ବିବରଣୀ ପ୍ରଦାନ କରିଥିଲେ। ତେଣୁ ଅଟକ ଥିବା ଉଭୟ ବ୍ୟକ୍ତିଙ୍କୁ ପ୍ରକ୍ରିୟା ଅନୁଯାୟୀ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏବଂ ସମ୍ବଲପୁରର ଆୟକର ବିଭାଗ, ସହାୟକ ନିର୍ଦ୍ଦେଶକଙ୍କ ଦ୍ୱାରା ପରବର୍ତ୍ତୀ ତଦନ୍ତ ପାଇଁ ଅଣାଯିବା ସହ ଉକ୍ତ ତିନି ଜଣଙ୍କୁ ଅଧିକ ପଚରାଉଚରା କରାଯାଉଛି ବୋଲି ଆରପିଏଫ ଏସ୍‌ଆଇ କେ.ସ୍ୱୟମ ପ୍ରକାଶ ସୂଚନା ଦେଇଛନ୍ତି ।

## ଆୟକର ବିଭାଗକୁ ହସ୍ତାନ୍ତର କଲା ଆର୍‌ପିଏଫ୍

# ବଦଳି ପ୍ରକ୍ରିୟା ପରେ ପ୍ରାଣୀଧନ ବିଭାଗର ସ୍ଥିତି ଦୁର୍ବଳ

- ଅଛନ୍ତି ହାତଗଣତି ପ୍ରାଣୀ ଚିକିତ୍ସକ, ବଢ଼ୁଛି ଅସନ୍ତୋଷ
- ୭୭୨୩୨୫ ପଶୁଙ୍କୁ ଉପେକ୍ଷା ଅଭିଯୋଗ

ନନ୍ଦପୁର,୧୯।୧୦(ତୁଷାର କାନ୍ତ ମହାନ୍ତି)

ରାଜ୍ୟ ପ୍ରାଣୀଧନ ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ବଦଳି ତାଲିକାରେ କୋରାପୁଟ ଜିଲାର ୧୦ ପ୍ରାଣୀ ଚିକିତ୍ସକଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ପରେ ଜିଲାରେ ପ୍ରାଣୀଧନ ବିଭାଗର ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଜିଲାର ୧୪ ବ୍ଲକରେ ୨୩ ଡିସ୍ପେନସାରି, ୧୪ ଭ୍ରାମ୍ୟମାଣ ୟୁନିଟ ଓ ୧୪୫ ଏଲଆଇ ସେଣ୍ଟର୍‌ର ୭୭୨୩୨୫ ଗାଈ, ମଇଁଷି, ଛେଳି, ମେଣ୍ଢା, ଘୁଷୁରୀଙ୍କ ଚିକିତ୍ସା, ଟୀକାକରଣ ଦାୟିତ୍ୱ କେତେକ ହାତଗଣତି ପଶୁ ଚିକିତ୍ସକଙ୍କ ଜିମାରେ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତାଲିକାରେ ଜିଲାର ସର୍ବାଧିକ ପଶୁ ସମ୍ପଦ ନନ୍ଦପୁର ବ୍ଲକ ପ୍ରାଣୀଧନ ଅଧିକାରୀ(ବିଭିଓ) ଓ ଭ୍ରାମ୍ୟମାଣ ପଶୁ ଚିକିତ୍ସକ ୨ ଜଣଙ୍କ ବଦଳି ହୋଇଥିବାରୁ ଏଠାରେ ୯୨୦୯୨ ପ୍ରାଣୀଙ୍କ ଚିକିତ୍ସା, ଟୀକାକରଣ ସହ ଭ୍ରାମ୍ୟମାଣ ୟୁନିଟ ଓ ଏଲଆଇ ସେଣ୍ଟର୍ ଗୁଡ଼ିକର ତଦାରଖ ଜଣେ ମାତ୍ର ପଶୁ ଚିକିତ୍ସକ(ପାଡୁଆ ଡିସପେନସାରୀ)ଙ୍କ ଦାୟିତ୍ୱରେ ରହିଛି।

ସୂଚନା ମୁତାବକ ରାଜ୍ୟ ପ୍ରାଣୀଧନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୫୪୭୭/ ଏଫଏଆରଡି ଓ ୧୫୪୬୧/ଏଫଏଆରଡି ତା.୧୪।୧୦।୨୦୨୫ ପ୍ରକାରେ ପଶୁ ଚିକିତ୍ସକଙ୍କ ବଦଳି ତାଲିକାରେ ଜିଲାର ୧୦ ପଶୁ ଚିକିତ୍ସକଙ୍କ ବଦଳି ହୋଇଛି। ବଦଳି ତାଲିକାରେ ନନ୍ଦପୁର ବିଭିଓ, ଭ୍ରାମ୍ୟମାଣ ୟୁନିଟ ଭିଏଏସ, ଦଶମନ୍ତପୁର ଏଭିଏଏସ ଓ ଭ୍ରାମ୍ୟମାଣ ଭିଏଏସ, ସେମିଳିଗୁଡା, ଜୟପୁର, କୁନ୍ଦୁରା, କୋରାପୁଟ, ବନ୍ଧୁଗାଁ ଓ କୋଲାବ ନଗର ଭ୍ରାମ୍ୟମାଣ ୟୁନିଟ ଭିଏଏସ ମାନଙ୍କ ନାମ ରହିଛି। ପୂର୍ବରୁ ଜିଲାର ଆବଶ୍ୟକତା ଅନୁସାରେ ୪ ବିଭିଓ ଓ ୧୫ରୁ ଊର୍ଦ୍ଧ୍ୱ ପଶୁ ଚିକିତ୍ସକଙ୍କ ଅଭାବ ଥିଲା। ମାତ୍ର ୬ ପଶୁ ଚିକିତ୍ସକଙ୍କୁ ଜିଲାକୁ ବଦଳି ହୋଇଥିବା ଜଣାପଡ଼ିଛି। ଜିଲାର ବନ୍ଧୁଗାଁରେ ଥିବା ୩୧୦୯୫, ନାରାୟଣପାଟଣାରେ ୩୨୪୭୫, ଲମତାପୁଟ ୫୦୧୮୯, ସେମିଳିଗୁଡା ୫୫୬୪୦, ଲକ୍ଷ୍ମୀପୁର ୪୪୫୯୯, ନନ୍ଦପୁର ୯୨୦୯୨, କୋରାପୁଟ ୪୮୫୦୦, ଦଶମନ୍ତପୁର ୬୭୧୪୪, ପଟ୍ଟାଙ୍ଗି ୭୪୬୫୬, କୋଟପାଡ଼ ୩୯୪୮୮, କୁନ୍ଦୁରା ୩୫୭୭୫, ବୋରିଗୁମ୍ମା, ୭୩୨୨୯, ବୈପାରିଗୁଡା ୭୩୬୯୭, ଜୟପୁର ବ୍ଲକର ୫୩୭୮୬ ପଶୁ ସମ୍ପଦର ସୁରକ୍ଷା ପ୍ରତି ପ୍ରାଣୀଧନ ବିଭାଗ ଅବହେଳା କରୁଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗୀୟ ନିୟମ ପ୍ରକାରେ ପ୍ରତି ବ୍ଲକରେ ଅନୁନ୍ୟ ଜଣେ ଲେଖାଏ ବିଭିଓ, ଏଭିଏଏସ, ଭିଏଏସ, ଭ୍ରାମ୍ୟମାଣ ଭିଏଏସ ରହିବା କଥା। ଜିଲା ସ୍ତରରେ ଜଣେ ଉପନିର୍ଦ୍ଦେଶକ ଓ ବରିଷ୍ଠ ପଶୁ ଚିକିତ୍ସକ ରହିବା ଆବଶ୍ୟକ। କିନ୍ତୁ ଜିଲାର ୧୪ ବ୍ଲକରେ ୧୦ ବିଭିଓ ନିଯୁକ୍ତ ଥିଲେ। ୪ ବିଭିଓ ୪ ବ୍ଲକର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସର୍ବାଧିକ ପଶୁ ସମ୍ପଦ(୯୨୦୯୨) ଥିବା ନନ୍ଦପୁର ବ୍ଲକର ବିଭିଓ ଅଜିତ କୁମାର ପତିଙ୍କ ବଦଳି ପରେ ଏହି ଅଭାବ ସଂଖ୍ୟା ୫କୁ ବୃଦ୍ଧି ହୋଇଛି। ୧୪ ଭ୍ରାମ୍ୟମାଣ ୟୁନିଟର ୮ ଭିଏଏସଙ୍କ ବଦଳି ପରେ ଜିଲାର ପଶୁ ଚିକିତ୍ସକଙ୍କ ୪୦ରେ ପହଞ୍ଚିଛି। ନନ୍ଦପୁର ଭ୍ରାମ୍ୟମାଣ ୟୁନିଟ ପଶୁ ଚିକିତ୍ସକ ଶିଶିର କୁମାର ଦାସଙ୍କ ବଦଳି ପରେ ତାଙ୍କ ସ୍ଥାନରେ କାଳିମେଳାର ପଶୁ ଚିକିତ୍ସକ ଯଶବନ୍ତ କୁମାର କୁମୁଟିଙ୍କୁ ନିଯୁକ୍ତି ମିଳିଛି। ନନ୍ଦପୁର ବ୍ଲକ ବିଭିଓ ଭାବେ ପାଡୁଆ ଡିସ୍ପେନସାରି ପଶୁ ଚିକିତ୍ସକ ସିଦ୍ଧାର୍ଥ ବେହେରା ତୁଲାଇବେ। ମାସକ ମଧ୍ୟରେ ଜିଲାରେ ବ୍ଲକ ଓ ଜିଲା ସ୍ତରୀୟ ପଶୁମେଳା ଆୟୋଜନ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି। ପଶୁ ଚିକିତ୍ସକମାନଙ୍କ ଅଭାବ ପଶୁମେଳା କରିବା ଓ ଗାଁ ଗାଁରେ ବୁଲି ପଶୁଙ୍କ ଟୀକାକରଣ କଷ୍ଟକର ବୋଲି କହିଛନ୍ତି। ସମସ୍ୟାର ସମାଧାନ ପାଇଁ ସେ ରାଜ୍ୟ ସ୍ତରୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି।


ନନ୍ଦପୁର ବ୍ଲକ ଅଞ୍ଚଳର ପ୍ରାଣୀସମ୍ପଦ ।

# ୧୪ ଶ୍ରମିକଙ୍କୁ ଉଦ୍ଧାର କରି ଘରକୁ ପଠାଇଲା ତେଲଙ୍ଗାନା ପ୍ରଶାସନ

## ଦଲାଲଙ୍କ ପ୍ରରୋଚନାରେ କାମ ପାଇଁ ଯାଇ ପାଉଥିଲେ ନିର୍ଯାତନା

ନନ୍ଦପୁର,୧୯।୧୦(ତୁଷାର କାନ୍ତ ମହାନ୍ତି)

ଆନ୍ଧ୍ର ପ୍ରଦେଶର ଆରକୁ ଅଞ୍ଚଳର ଜଣେ ଦଲାଲଙ୍କ ପ୍ରରୋଚନାରେ ପଡ଼ି ତେଲଙ୍ଗାନାର ଅମରଗିରି କାମ କରିବାକୁ ଯାଇ ନିର୍ଯାତିତ ହେଉଥିବା ନନ୍ଦପୁର ଓ ଆରକୁ ଅଞ୍ଚଳର ୧୪ ଶ୍ରମିକଙ୍କୁ ତେଲଙ୍ଗାନା ପ୍ରଶାସନ ଉଦ୍ଧାର କରିଛନ୍ତି। ତେଲଙ୍ଗାନା କୋଲାପୁର ଉପଜିଲାପାଳ ବଂଶୀଲାଲ ଭୁକିୟାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ୧୪ ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଆରକୁ ଅଞ୍ଚଳର ବାବୁଜୀ ନାମକ ଜଣେ ଦଲାଲ ମାସକୁ ୧୨ ହଜାର ଟଙ୍କାର ଦରମା ଦିଆଯିବ କହି ନନ୍ଦପୁର ଅଞ୍ଚଳର ୧୧ ଓ ଆରକୁ ଅଞ୍ଚଳର ୨ ଯୁବକଙ୍କୁ ନେଇ ତେଲଙ୍ଗାନାର ଅମରଗିରି କ୍ରିଷ୍ଣା ନଦୀରେ ମାଛଧରା କାର୍ଯ୍ୟରେ ନିଯୁକ୍ତି ଦେଇଥିଲା। ବଣ୍ଡ ପେପରରେ କାର୍ଯ୍ୟ ଓ ଦରମା ସମ୍ପର୍କରେ ଚୁକ୍ତିନାମା କରାଇ ସେଠାରେ ଭୋର ୩ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୩ଟାରୁ ରାତି ୯ଟା ଯାଏ ନଦୀରେ ମାଛ ଧରିବାକୁ ବାଧ କରାଯାଉଥିଲା। ଏହାଦ୍ୱାରା ଶ୍ରମିକଙ୍କ ଦେହ ଅସୁସ୍ଥ ହୋଇଥିଲା। ଏହାପରେ ସେମାନେ କାର୍ଯ୍ୟ ବନ୍ଦ କରୁଥିବା ଦେଖି ସେଠାକାର କର୍ମଚାରୀ ଶ୍ରମିକଙ୍କୁ ବାହାରକୁ ନଛାଡ଼ି ମାରପିଟ୍ କରିବା ସହ ଖାଇବାକୁ ନଦେଇ ନିର୍ଯାତନା ଦେଉଥିଲେ। କିନ୍ତୁ କୌଶଳ କ୍ରମେ ୧୪ ଜଣଙ୍କ ମଧ୍ୟରୁ ୨ଜଣ ଖସି ଆସି ଅମରଗିରି ଅଞ୍ଚଳର କେତେଜଣ ସ୍ୱେଚ୍ଛାସେବୀଙ୍କୁ ଏ ନେଇ ଅବଗତ କରିଥିଲେ। ସ୍ୱେଚ୍ଛାସେବୀ ଦଳ କୋଲାପୁର ଉପଜିଲାପାଳ ବଂଶିଲାଲ ଭୁକିଆଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ନିଯୁକ୍ତି ଦେଇଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଶ୍ରମିକଙ୍କ ଚୁକ୍ତିନାମାକୁ ଅବୈଧ ଘୋଷଣା କରି ସମସ୍ତଙ୍କୁ ଗାଁକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଶ୍ରମିକମାନେ ବସ୍ ଯୋଗେ ଘରକୁ ଫେରୁଥିବା ଫୋନ ଯୋଗେ ସୂଚନା ଦେଇଛନ୍ତି। ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତର ସନିଆ ଖିଲ, ବାସୁ ଖରା, ଭୀମ ଖିଲ, ସୁକୁ ଖିଲ, ସୁନ୍ଦୁରୁ ଖରା, ସୁକିଦେବ ଖିଲ, ଚାଟୁଆ ପଞ୍ଚାୟତର କାଳିଆ ମାରି, ଲଚିନା ମାରି, ରବି ମାରି, ସୁନ୍ଦର୍ ମାରି, ସୁରେଶ ମାରିଙ୍କ ସମେତ ଆନ୍ଧ୍ର ଆରକୁ ଅଞ୍ଚଳର ଶ୍ରମିକ ପାଙ୍ଗି ଅର୍ଜୁନ, ପୂଜାରୀ ଅଭିମୂର୍ତ୍ତି ଓ ସୁବାରାଓ ଘରକୁ ଫେରୁଥିବା ଜଣାପଡ଼ିଛି। ସମସ୍ତ ଶ୍ରମିକ ତେଲଙ୍ଗାନା ପ୍ରଶାସନର ପ୍ରଶଂସା କରିଛନ୍ତି। ଦଲାଲଙ୍କ ପ୍ରରୋଚନାରେ ପଡ଼ି ବାହାର ରାଜ୍ୟକୁ କର୍ମ ନିଯୁକ୍ତି ସନ୍ଧାନରେ ଯାଉଥିବା ଯୁବଗୋଷ୍ଠୀ ଏଭଳି ଘଟଣାରୁ ଶିକ୍ଷା ନିଅନ୍ତୁ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ପାରାପେଟି ୱାଲ୍ ଭାଙ୍ଗିବା ନେଇ ଅସନ୍ତୋଷ


ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି।

ସୁନାବେଡ଼ା,୧୯।୧୦(କୃତ୍ତିବାସ ପ୍ରଧାନ)

କିଛିମାସ ହେବ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୨୬ ନଂ ଜାତୀୟ ରାଜପଥ ସୁନାବେଡା ଘାଟଗୁଡ଼ାଠାରୁ କୋରାପୁଟ ସରକାରୀ ମହାବିଦ୍ୟାଳୟ ଯାଏ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତାର ଏକାଧିକ ସ୍ଥାନରେ କଲଭର୍ଟ ସହ ଗାର୍ଡୱାଲ ମଧ ନିର୍ମାଣ ହୋଇଛି। ରାଜପଥ ନୂଆ କଲୋନୀ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଭାଗ ପକ୍ଷରୁ ଏକ କଲଭର୍ଟ ସହ ଉଭୟ ପାର୍ଶ୍ୱରେ ପାରାପେଟି ୱାଲ ନିର୍ମାଣ ହୋଇଥିଲା। ନିର୍ମାଣର କିଛି ଦିନ ପରେ କଲଭର୍ଟରେ ଗୋଟିଏ ପାର୍ଶ୍ୱ ୱାଲକୁ ଭାଙ୍ଗି ପେଟ୍ରୋଲ ପମ୍ପକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗ ପାରାପେଟି ୱାଲ ଭାଙ୍ଗିବାର ଥିଲା ତେବେ ସରକାରୀ ପାଣ୍ଠି ଖର୍ଚ୍ଚ କରୁଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାବ୍ୟତୀତ ପୁଣିଥରେ ସେଠାରେ ରାସ୍ତାକୁ ଚଉଡା କରି ପାରାପେଟି ନିର୍ମାଣ କାହା ସ୍ୱାର୍ଥରେ ହୋଇଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଓ ବିଭାଗୀୟ ଉପରିସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଜନୀ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ତାକୁ ବିଭାଗ ଭାଙ୍ଗିନାହିଁ ରାସ୍ତା ନିର୍ମାଣକାରୀ ସଂସ୍ଥା କହିବା ମୁତାବକ ସମ୍ପୃକ୍ତ ପେଟ୍ରୋଲ ପମ୍ପ ଏହାକୁ ଭାଙ୍ଗିଥିବା ଠିକା ସଂସ୍ଥା ଜଣାଇଛି। ତେଣୁ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ଆମେ ନୋଟିସ କରିବୁ ଏବଂ ଜିଲାପାଳଙ୍କୁ ଅବଗତ କରି ତା ବିରୋଧରେ ଏତଲା ଦେବୁ ବୋଲି କହିଛନ୍ତି।

# ହଟୁନି ଓଭର ବ୍ରିଜରେ ଲାଗି ଥିବା ଗାଡି: ଲୋକଙ୍କ ଯାତାୟାତରେ ବାଧା

କୋରାପୁଟ,୧୯।୧୦(ଅମିତାଭ ବେହେରା)

କୋରାପୁଟ-ବିଶାଖାପାଟଣା ୨୬ ନମ୍ବର ଜାତୀୟ ରାଜପଥର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ନିକଟ ରେଲୱେ ଓଭର ବ୍ରିଜ ସୁରକ୍ଷା ଫାଟକରେ ୩ ଦିନ ହେବ ଲାଗିଥିବା ଗାଡ଼ି ହଟି ନ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ରେଳ ବିଭାଗର ଦାୟିତ୍ୱହୀନତା ବୋଲି ଅଭିଯୋଗ କରାଯାଇଛି। ସୂଚନାନୁଯାୟୀ, ଗତ ଶୁକ୍ରବାର ଭୋରରୁ ଏହି ବ୍ରିଜର ସୁରକ୍ଷା ଫାଟକ ବିମ୍‌ରେ ଏକ ଟ୍ରେଲର ଲାଗି ଏହାକୁ ଭାଙ୍ଗି ଦେଇଥିଲା। ଏଥିଯୋଗୁ ୬ ଘଣ୍ଟା ଯାଏ ଉକ୍ତ ରାସ୍ତାରେ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଭାଗୀୟ ଅବହେଳା ଯୋଗୁ ଉକ୍ତ ଟ୍ରେଲର ୩ ଦିନ ହେବ ସେହି ସ୍ଥାନରେ ପଡ଼ି ରହିଥିବା ଜଣାପଡ଼ିଛି। ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି। ଏହି ଜାତୀୟ ରାଜପଥରେ ସମସ୍ତ ଆମ୍ବୁଲାନ୍ସ, ଦୂରଦୁରାନ୍ତ ଏବଂ ଜିଲାର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ବସ ଯାତାୟାତରେ ସମସ୍ୟା ଉପୁଜିଥିବାରୁ ଗାଡ଼ିଟିକୁ ହଟାଇବାକୁ ଦାବି ହୋଇଛି। ଏ ନେଇ କୋରାପୁଟ ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ପଚାରିବାରୁ ଏହି ଘଟଣା ରେଲୱେ ବିଭାଗ ଦେଖୁଥିବା ସେ କହିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ଓ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଏହି ଗାଡ଼ିକୁ ଅତିଶୀଘ୍ର ହଟାଇବା ପାଇଁ ସେ ରେଳ ବିଭାଗକୁ କହିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପଚାରିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବେ ବୋଲି ସେ କହିଛନ୍ତି।


ଓଭରବ୍ରିଜ୍ ସୁରକ୍ଷା ଫାଟକକୁ ଲାଗିଥିବା ଟ୍ରେଲର।

# ଶିବିରରୁ ୭୮ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତଦାତାମାନେ ରକ୍ତ ଦାନ କରୁଛନ୍ତି।

ସୁନାବେଡା,୧୯।୧୦(କୃତ୍ତିବାସ ପ୍ରଧାନ)

ସୁନାବେଡା ଡିଏଭିଭିଏସ ବିଦ୍ୟାଳୟ, ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ସାମୁଖ୍ୟ(ଡିବିଡିଏମଏଫ)ର ମିଳିତ ଆନୁକୁଲ୍ୟରେ ଭିଏସ୍ ବିଦ୍ୟାଳୟ ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍କୁଲ ଅଧକ୍ଷ ବାସୁଦେବ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଡିବିଡିଏମଏଫ୍‌ର ଉପଦେଷ୍ଟା ଡଃ ଉମାଶଙ୍କର ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଜି.ସଞ୍ଜୀବ କୁମାର, ହେମନ୍ତ କୁମାର ମାଝୀ, ସ୍ୱରାଜ ରାୟ, ବିଲସେନ ସତ୍ୟ, ମନୋଜ କୁମାର ଦାସ, ନବୀନ ଚୌଧୁରୀ,କନ୍ଧ ମହାରଣା,ଗୀତାଞ୍ଜଳି ପାଢ଼ୀ, ଆଶା ଶର୍ମା,ପ୍ରମୋଦ କୁମାର ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ସେମିଳିଗୁଡ଼ା ଓ ସୁନାବେଡା ସହରର ବିଭିନ୍ନ ଅଞ୍ଚଳର ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତଭଣ୍ଡାର କର୍ମଚାରୀ ଭି.ଗଙ୍ଗାଧର ରାଓ, ଅଜିତ କୁମାର ଗୌଡ଼, ଗୀତାଞ୍ଜଳି ରାଉତ ଏବଂ ରବୀନ୍ଦ୍ର କୁମାର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଡିବିଡିଏମଏଫର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ବିଦ୍ୟୁତ ଆଘାତରେ ଚାଷୀ ମୃତ

ଜୟପୁର,୧୯।୧୦(ପବନ ପାଣିଗ୍ରାହୀ)

ବିଦ୍ୟୁତ୍ ଆଘାତରେ ଜୟପୁର ସଦରଥାନା ଅଧୀନ ଟାଙ୍କୁଆ ପଞ୍ଚାୟତର ଜଣେ ଚାଷୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ରାଙ୍ଗିଣିଗୁଡା ଗ୍ରାମର ଅନିମେଶ ହଲଦାର। ସୂଚନାନୁଯାୟୀ, ଅନିମେଶ ବିଲ ଯାଉଛି କହି ଘରୁ ବାହାରିଥିଲେ। ଦୀର୍ଘ ସମୟ ଯାଏ ଘରକୁ ନ ଫେରିବାରୁ ଖୋଜାଖୋଜି କରାଯାଇଥିଲା। ଜମିରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ତାଙ୍କ ପୁଅ ଅଭିଜିତ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ସଚ୍ଚିଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# ବୁଣାକାରଙ୍କୁ ଅନ୍ତର୍ଜାତୀୟ ପରିଚୟ ନେଇ ସିୟୁଓର ତାଲିମ

କୋରାପୁଟ,୧୯।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ସୁନାବେଡାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ) ଓ ସମ୍ବଲପୁର ଆଇଆଇଏମ୍‌ଙ୍କ ମିଳିତ ଉଦ୍ୟମରେ ମୁଖ୍ୟ କ୍ୟାମ୍ପସ୍‌ରେ ମାଷ୍ଟର ଉଇଭର୍ସ ମ୍ୟାନେଜମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଏଭଳି ମିଳିତ ଉଦ୍ୟମ ଶିକ୍ଷା ଓ ସମାଜ ସେବାର ମଧ୍ୟରେ ସେତୁ ରଚନା କରିପାରିବ ବୋଲି କହିଥିଲେ। ସେ ବିକ୍ରୟ ଶୃଙ୍ଖଳାକୁ ଶକ୍ତିକରଣ, ବୁଣାକାରମାନଙ୍କ ପାଇଁ ଉଚିତ ମୂଲ୍ୟ, ବିଶ୍ୱବ୍ୟାପୀ ବଜାର ଉପଲବ୍ଧି ଓ ପ୍ରଶାସନିକ କୌଶଳ ମାଧ୍ୟମରେ ଆୟ ବୃଦ୍ଧିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ବୁଣାକାରମାନଙ୍କ ସଶକ୍ତିକରଣ ପାଇଁ ରିଭର୍ସ ବିଜନେସ୍ ମଡେଲ୍ର ସମ୍ଭାବନା ନେଇ ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ୍ ଆଲୋକପାତ କରିଥିଲେ। ସେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱବ୍ୟାପୀ ବଜାର ସଂଯୋଗ, ସ୍କିଲ୍ ଡିଭେଲପମେଣ୍ଟ ଓ ମ୍ୟାନେଜମେଣ୍ଟ ଟ୍ରେନିଂର ଆବଶ୍ୟକତା ଅଛି ବୋଲି କହିଥିଲେ। ସଭାରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼. ରାକେଶ କୁମାର ଲେଙ୍କା,ପ୍ରୋଗ୍ରାମ କୋର୍ଡିନେଟର ଡ. ପ୍ରଶାନ୍ତ କୁମାର ବେହେରା ପ୍ରମୁଖ କୋଟପାଡ଼ ବୁଣାକାରମାନଙ୍କୁ ସମ୍ମାନ ଜଣାଇଥିଲେ। ସହ-ସମନ୍ୱୟକ ଭାବେ ଡ. ସୁଜିତ କୁମାର ପୃଷ୍ଟି କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ ଓ ସମାଜ ମଧ୍ୟରେ ଦୃଷ୍ଟାନ୍ତମୂଳକ ସହଯୋଗ ବୋଲି ବର୍ଣ୍ଣନା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ କୋଟପାଡ଼ ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ୫ ମହିଳା, ୨୧ ମାଷ୍ଟର ବୁଣାକାର ଯୋଗଦେଇଥିଲେ।

# ଜିଲାର ୨୧୬୮ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ

କୋରାପୁଟ,୧୯।୧୦
(ଅମିତାଭ ବେହେରା)

କୋରାପୁଟ ଜିଲାର ୨୧୬୮ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ରବିବାର ଅର୍ଥ ପ୍ରଦାନ କରାଯାଇଛି। ରାଜ୍ୟର ୪୭୧ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ୩ ୟ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତି ଅର୍ଥ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। ଏହି କ୍ରମରେ କୋରାପୁଟ ଜିଲାରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନେଇ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା।

# ଆବର୍ଡା ଗ୍ରାମର ୩ ସାହିରେ ପାନୀୟଜଳ ସମସ୍ୟା

## ବସୁଧା ପ୍ରକଳ୍ପର ପାଇପ ଲାଇନ ନଷ୍ଟ

ନନ୍ଦପୁର/ପାଡୁଆ, ୧୯।୧୦
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତର ୱାର୍ଡ ନଂ ୩ ଆବର୍ଡା ଗ୍ରାମରେ ବସୁଧା ପ୍ରକଳ୍ପର ପାଇପ ଲାଇନ୍ ଦୀର୍ଘଦିନରୁ ନଷ୍ଟ ହୋଇରହିଛି। ଗ୍ରାମର ତଳସାହି, ମାଝୀ ସାହି, ଲେଞ୍ଜାସାହି, ହରିଜନ ସାହି ଓ ଗାଗଡ଼ା ଆଦି ୫ ସାହି ମଧ୍ୟରୁ ୩ ସାହିରେ ବସୁଧା ପାନୀୟ ଜଳ ପହଞ୍ଚି ପାରୁନାହିଁ। ପାଇପ ପାଣି ଚାଲୁଥିବା ୨ସାହିକୁ ପାଣି ଆଣିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଯଦ୍ୱାରା ମାଝୀ ସାହି, ହରିଜନ ସାହି ଓ ଗାଗଡ଼ା ସାହିର ୧୨୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଇପ ମରାମତି ନେଇ ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ୱାର୍ଡ ସଭ୍ୟ କାମେଶ୍ୱର ଆମିଡି, ଗ୍ରାମର ଦାମଦର ମାଝୀ, ଡମ୍ବା ଦୋରା, ମୁଳା କିର୍ସାନୀ, ରଇଲା ଜାଲା, ପାନ ଖିଲ, ସମ୍ବାରି ମାଝୀ, ସୁବର୍ଣ୍ଣ କିର୍ସାନୀ, ମନି ଗଲରି, ସାବିତ୍ରୀ ବାରିକ, ଇସାରାମା ଖରା, ସାବିତ୍ରୀ ଆମିଡି ଓ ସାବିତ୍ରୀ କାମୁଡ଼ି ପ୍ରମୁଖ କହିଛନ୍ତି। ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ୩ ସାହିର ପାନୀୟ ଜଳ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପାଇପ ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଅନୁରୋଧ କରିଛନ୍ତି। ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ ଦିନେ ଦୁଇଦିନ ମଧ୍ୟରେ ଆବର୍ଡ଼ା ଗ୍ରାମ ପରିଦର୍ଶନ କରି ସ୍ଥିତି ପରଖି ଆବଶ୍ୟକ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।



ଗ୍ରାମର ମହିଳାମାନେ ପାଣି ପାଇଁ ପାଇପ ପାଖରେ ଅପେକ୍ଷା କରିଛନ୍ତି।

# ୧୨ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

## ଜୋନ୍‌ସ୍ତରୀୟ କଳା ଉତ୍ସବ

କୋରାପୁଟ,୧୯।୧୦(ଅମିତାଭ ବେହେରା)

କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୋନ୍‌ସ୍ତରୀୟ କଳା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କୋରାପୁଟ, ଗଜପତି, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲାକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ମନୋନୀତ ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ୧୨ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୋରାପୁଟ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧକ୍ଷ ଗିରିଜା ଚୌଧୁରୀ,ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଏବଂ ଶିକ୍ଷାବିତ୍ ସିମାଞ୍ଚଳ ଦାସ ମଞ୍ଚରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚମେଲି ମଜୁମଦାର, ଲକ୍ଷ୍ମୀପୁର ମହାବିଦ୍ୟାଳୟର ଅଧ୍ୟାପକ ଡ.ଜଗନ୍ନାଥ ରଥ,ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି,ଏମ୍‌ଡିଏଆର୍ ଖାନ୍ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ। ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀ ଆସନ୍ତା ୨୨ ଏବଂ ୨୩ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବରେ ଅଂଶ ଗ୍ରହଣ କରିବେ। ରମେଶ ସାହୁ,ଧରଣୀଧର ରଣା,ଭବେସ ପତି,ହର ମିଶ୍ର ,ପ୍ରିୟରଞ୍ଜନ ଦାସ,ପ୍ରମୋଦ ଡାକୁଆ, ରାଜେଶ୍ ବେହେରା,ସାଗରିକା ମିଶ୍ର,ସୁବୋଧ ମାଝୀ,ଜ୍ୟୋତି ପାଢ଼ୀ ଏବଂ ତ୍ରିଲୋକେଶ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ପ୍ରଦୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ।


ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ବାସି ଭାତ ଖାଇ ୧୫ରୁ ଊର୍ଦ୍ଧ୍ୱ ଗାଈ ମୃତ

ନୂଆପଡ଼ା,୧୯।୧୦ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଆମସେନା ପଞ୍ଚାୟତ ଗୋତମା ଗାଁରେ ବାସି ଭାତ ଖାଇ ୧୫ରୁ ଊର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଅଧିକ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଖଡ଼ିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡ଼ିଆରେ ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଲୋକଙ୍କ ଖାଇବା ଲାଗି ଗୋତମା ଓ ଗୁମେରପାଣି ଗାଁ ମଝି ପଡ଼ିଆରେ ବ୍ୟବସ୍ଥା ହୋଇଥିଲା। ଲୋକେ ଖାଇବା ପରେ ବଳକା ରହିଥିବା ଭାତକୁ ଗାତ କରି ପୋତିବା ବଦଳରେ ରାତି ହେବାରୁ ଏଣେତେଣେ ଫିଙ୍ଗିଦିଆଯାଇଥିଲା। ପରଦିନ ସକାଳେ ଗୋତମା ଗାଁର ଗାଈ ଚରିବାକୁ ଯିବା ସମୟରେ ଫିଙ୍ଗାଯାଇଥିବା ଭାତ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଛଟପଟ ହେଉଥିବା କିଛି ଗାଈଙ୍କୁ ମାଲିକମାନେ କୌଣସି ପ୍ରକାରେ ଘରକୁ ନେଇ ଚିକିତ୍ସା କରିଥିଲେ। ହେଲେ ଶନିବାରଠାରୁ ଗାଈ ମରିବା ଆରମ୍ଭ ହୋଇଛି। ଓ ଗାଁର ଅନ୍ୟ ଚାଷୀଙ୍କ ୬୦ରୁ ଅଧିକ ଗାଈ ଗୁରୁତର ଥିବାବେଳେ ସେମାନଙ୍କ ଚିକିତ୍ସା ଚାଲିଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଚାଷୀଙ୍କୁ ଭେଟିବା ସହ କ୍ଷତିପୂରଣ ପାଇଁ ଦାବି କରାଯିବ ବୋଲି କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ଏଥିରେ କ୍ଷୋଭ ପ୍ରକାଶ କରି ଜିଲାପାଳ ମଧୁସୂଦନ ଦାଶଙ୍କୁ ଫୋନରେ ଯୋଗାଯୋଗ କରିଥିଲେ।


ମରିପଡ଼ିଥିବା ଗାଈ।

## ନୂଆପଡ଼ାରେ ଗୋହତ୍ୟା ପାଇଁ ଭାଜପା ଦାୟୀ: ବିଜେଡି

ଭୁବନେଶ୍ୱର,୧୯।୧୦(ରବିନାରାୟଣ ଜେନା)

ନୂଆପଡ଼ାରେ ଗୋରୁ ମଡ଼କ ପାଇଁ ଭାଜପା ସରକାର ଦାୟୀ ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଭାଜପା ଦଳକୁ ନିରାଶ କରିଥିଲା। ସଭାରୁ ଲୋକେ ଉଠି ଚାଲିବା ଘଟଣାରୁ ସ୍ପଷ୍ଟ ଯେ ଭାଜପା ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ ହତାଶ ହୋଇ ବଳକା ଖାଦ୍ୟକୁ ଫୋପାଡ଼ି ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପ୍ରାଣୀ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଏହିଭଳି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ଭାଜପା ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ରାଜେନ୍ଦ୍ରଙ୍କ ଅଧୁରା ସ୍ୱପ୍ନ ପୂରଣ କରିବି: ସ୍ନେହାଙ୍ଗିନୀ

## ରୋଡ୍ ଶୋ' କରି ଶକ୍ତି ପ୍ରଦର୍ଶନ କଲା ବିଜେଡି

ନୂଆପଡ଼ା,୧୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉତ୍ତାପ ସେତିକି ରୋଚକ ହେବାରେ ଲାଗିଛି। ଇତିମଧ୍ୟରେ ରାଜ୍ୟର ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଭାଜପା ଓ କଂଗ୍ରେସ ପ୍ରାର୍ଥୀପତ୍ର ଦାଖଲ କରିସାରିଛନ୍ତି। ବିଜେଡି ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବ। ବର୍ତ୍ତମାନ ଭୋଟ ପ୍ରଚାରରେ ପ୍ରମୁଖ ଦଳ ମଧ୍ୟରେ ଏକପ୍ରକାର ବଳ କଷାକଷି ଚାଲିଛି। କେଉଁ ଦଳ ଗାଁକୁ ଯାଇ ସଭା କରି ଭୋଟ ମାଗୁଛି ତ ଅନ୍ୟ କେଉଁ ଦଳ ରୋଡ୍ ଶୋ' କରି ଭୋଟରଙ୍କ ଆକୃଷ୍ଟ କରିବାରେ ଲାଗିଛି। ଏହି କ୍ରମରେ ରବିବାର ବିଜୁ ଜନତା ଦଳ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ସମର୍ଥକ ଓ କର୍ମୀଙ୍କ ସହ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ପ୍ରଥମେ ସେ ଟାନୱାଟସ୍ଥିତ କଣାଭୈରା ଗୁଡ଼ିକୁ ଯାଇ ବୋଦା ବଳି ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ଫେରି ତେଲିପଡା ଛକଠାରୁ ସହସ୍ରାଧିକ ମହିଳା ଓ ପୁରୁଷ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏକତା ଛକରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରଚାରରେ ବାହାରିଥିବା ତୁଙ୍ଗ ନେତାମାନେ ୨୪ ବର୍ଷର ଶାସନ କାଳର ବିକାଶ ଉପରେ ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ବଖାଣିଥିଲେ। ଛୁରିଆ କହିଥିଲେ, ସେ ପଶ୍ଚିମ ଓଡ଼ିଶାର ବୋହୂ, ନୂଆପଡ଼ା ତାଙ୍କ ମାମୁଘର। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡିରୁ ନିର୍ବାଚନ ଲଢିବିଜୟୀ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ। ଏହି ଉପନିର୍ବାଚନରେ ଜିଲାବାସୀ ଆଶୀର୍ବାଦ କଲେ ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି ସେ କହିଥିଲେ। ଏହି ସମୟରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ପୂର୍ବତନ ଜିଲା ସଭାପତି ମନୋଜ ମିଶ୍ର, ନାରୀନେତ୍ରୀ ଶେଫାଳି ସନ୍ନାମଙ୍କ ସମେତ ପୂର୍ବତନ ସାଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ପ୍ରତାପ ଦେବ, ଅରୁଣ ସାହୁ, ପୁଷ୍ପେନ୍ଦ୍ର ସିଂଦେଓ, ଦେବୀ ରଞ୍ଜନ ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି, ନର୍ଲା ବିଧାୟିକା ମନୋରମା ମହାନ୍ତି, ପଦ୍ମପୁର ବିଧାୟିକା ବର୍ଷା ବରିହା, ନାରୀନେତ୍ରୀ ପ୍ରମିଳା ମଲ୍ଲିକ, ଲେଖାଶ୍ରୀ ସାମନ୍ତ ସିଂହାର, ଇପ୍ସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।


ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଚାରରେ ବାହାରିଥିବା ସ୍ନେହାଙ୍ଗିନୀ।

## ଭାଜପାରେ ଯୋଗଦେଲେ ଶିଖା ଆଜାଦ

ଭୁବନେଶ୍ୱର,୧୯।୧୦ (ରବିନାରାୟଣ ଜେନା)

ନୂଆପଡ଼ାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶିଖା ଆଜାଦ ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଏନେଇ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ି ଚାଲିଛି। କଂଗ୍ରେସ ଓ ବିଜେଡି ନେତା ଏବଂ କର୍ମୀ ଭାଜପାରେ ଯୋଗଦେଉଛନ୍ତି। ଏହି ଅବସରରେ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶିଖାଙ୍କୁ ସ୍ୱାଗତ କରିଥିଲେ।


## ODISHA PUBLIC SERVICE COMMISSION CUTTACK

**NOTICE**

**No. 7335 / P.S.C., Dt. 18.10.2025**
**PF1-1E-04-2025/26 (DR-III)**

**Partial Modification of Date of Document Verification & Viva Voce Test for Recruitment to the post of Assistant Conservator of Forests & Forest Ranger (Advertisement No.08 of 2023-24)**

**No.D-** : In partial modification to this Office Notice No. 6707/PSC, Dt-18.09.2025 & No.7062/PSC, Dt-09.10.2025, it is for information of concerned candidates that, consequent upon declaration of "HOLIDAY on 20.10.2025" by Government of Odisha, Document Verification & Personality Test for 'Recruitment to the posts of Assistant Conservator of Forests & Forest Ranger' in respect of 44 Candidates (Forenoon Session) & 19 Candidates (Afternoon Session) to be held on 20.10.2025 (Monday) is hereby postponed to 25.10.2025 (Saturday) as follows:

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Session | Time of Reporting | Roll No. of Candidates |
|---|---|---|---|
| 25.10.2025 (Saturday) | Forenoon | 08.00 A.M. | 400586, 400632, 400633, 400639, 400767, 400815, 400817, 400903, 400931, 400960, 400993, 401083, 401118, 401453, 401501, 401554, 401635, 401727, 401841, 401855, 401887, 401890, 401965, 401997, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403077, 403229, 403264, 403361, 403653, 500026, 500281, 500385 & 500402 **= 44 Candidates** |
| | Afternoon | 12.00 Noon | 306463, 500517, 500965, 501130, 501189, 501304, 501407, 501595, 501865, 502578, 502874, 503024, 503032, 503451, 503513, 503548, 503780, 503792 & 504047 **= 19 Candidates** |

Besides this, there will be no change in the terms and conditions enumerated in Notice No.6707/PSC, Dt-18.09.2025.

OIPR-12002/11/0329/2526 Sd./- Secretary

## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ. – ୩, ଏବଂ ୫, ୟୁନିଟ – ୧, ଭୁବନେଶ୍ୱର – ୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ୱେବସାଇଟ୍: www.osssc.gov.in

**NOTICE**

No. IIE-96/2025-2605/OSSSC Dated: 15th October, 2025

**Publication of Provisional Results of the Preliminary Examination for the Posts of Sevak/Sevika & Tribal Language Teacher (TLT)**

No. T-: In pursuance of this Commission's Advertisement No. 2267/OSSSC Dt.27.12.2024, Corrigendum No. 112 Dt.22.01.2025, Notice No. 1632/OSSSC Dt.18.07.2025, Notice No. 1872/OSSSC Dt.14.08.2025 and Notice No. 2590/OSSSC Dt.15.10.2025 the Provisional Result of the Preliminary Examination held on 30.07.2025 & 31.07.2025 on CBRT mode for the posts of Sevak/Sevika & Tribal Language Teacher (TLT) is hereby published in the Commission's web portal. Candidates have been provisionally screened at least @ 5 times of the vacancies advertised for Main Examination on the basis of the performance in the Preliminary Examination. The following lists are published for information of candidates.

(1) Roll Numbers of the candidates provisionally screened and allowed to participate in the Main Examination for the posts of Sevak/Sevika & Tribal Language Teacher (TLT) at Annexure - I.
(2) Provisional Minimum Screening Cut Off Marks of Preliminary Examination for the posts of Sevak/Sevika & Tribal Language Teacher (TLT) at Annexure - II.

The candidates may see the details of their results by logging into the Commission's web portal **www.osssc.gov.in** with their registered User ID and Password. In the candidate's home page, click the menu "Result/Marks" to visit the link to view results. The aforesaid information is hereby made available as PROACTIVE DISCLOSURE under the provisions of Right to Information Act, 2005. This will remain available for a period of 60 days for the candidates in the portal. Candidates are advised not to seek this information through RTI.
The candidates are advised to visit the website of the Commission at regular intervals for updates.

By Order of the Commission
OIPR-09007/11/0107/2526 Sd./- Secretary

No.RR-25
Dept. of Culture Govt. of Odisha

## ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Website : www.gkcmorc.org, Email:gkcmorc@gmail.com

## ବିଜ୍ଞାପନ

'ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ-୨୦୨୫' ନିମନ୍ତେ ଆବେଦନ ପତ୍ର ତା.୧୯।୧୦।୨୦୨୫ ରିଖ ଠାରୁ ତା.୨।୧୧।୨୦୨୫ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ।

ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ନିଜସ୍ୱ Website-www.gkcmorc.org ରେ ଉପଲବ୍ଧ।

ଇଚ୍ଛୁକ ପ୍ରାର୍ଥୀମାନେ ଏହି Websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ। ଏଥିନିମନ୍ତେ କେବଳ online application ଗ୍ରହଣ କରାଯିବ।

ସ୍ୱା/–
OIPR-03004/11/0007/2526 ମୁଖ୍ୟ ନିର୍ବାହୀ

## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ. – ୩, ଏବଂ ୫, ୟୁନିଟ – ୧, ଭୁବନେଶ୍ୱର – ୭୫୧୦୦୯, ୱେବସାଇଟ୍: www.osssc.gov.in

**NOTICE**

No. IIE-88/2025-2614/OSSSC Dated: 15th October, 2025

**Conduct of Main Examinations for the Posts of Sevak/Sevika & Tribal Language Teacher (TLT), Trained Graduate Teacher (TGT) - Arts, Trained Graduate Teacher (TGT) - Science (PCM) and Trained Graduate Teacher (TGT) - Science (CBZ) on CBRT Mode**

No. T-: In pursuance to the Advertisement No. 2267/OSSSC Dt. 27.12.2024, No. 2266/OSSSC Dt.27.12.2024, No. 2264/OSSSC Dt.27.12.2024, No. 2265/OSSSC Dt.27.12.2024, Corrigendum No. 112/OSSSC Dt.22.01.2025, No. 128/OSSSC Dt.22.01.2025, No. 136/OSSSC Dt.22.01.2025, No. 120/OSSSC Dt.22.01.2025, Notice No. 1333/OSSSC Dt.17.06.2025 and No. 1632/OSSSC Dt.18.07.2025 the Commission has been pleased to decide that the Main Examinations for the posts of Sevak/Sevika & Tribal Language Teacher (TLT), TGT Arts, TGT - Science (PCM) and TGT - Science (CBZ) shall be conducted on CBRT (Computer Based Recruitment Test) mode (Single shift each) on the following dates.

| Sl. No. | Name of the Post | Dates of Main Examinations | Timing |
|---|---|---|---|
| 1 | TGT - Science (CBZ) | 14th November, 2025 | 09.00 A.M. to 10.30 A.M. (One and half an hour duration) |
| 2 | Sevak/Sevika & Tribal Language Teacher (TLT) | 14th November, 2025 | 01.00 P.M. to 2.30 P.M. (One and half an hour duration) |
| 3 | TGT Arts | 15th November, 2025 | 09.00 A.M. to 10.30 A.M. (One and half an hour duration) |
| 4 | TGT - Science (PCM) | 15th November, 2025 | 01.00 P.M. to 2.30 P.M. (One and half an hour duration) |

Date, Venue, Timing & Centre details will be available in the Admission Letter to be uploaded online in due course.
The candidates are advised to visit the website of the Commission at regular intervals for updates.

By Order of the Commission
OIPR-09007/11/0105/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 7256 / P.S.C., Dt. 15.10.2025**
**1E-24-2025/26 (DR-III)**

**Recruitment to the post of Post Graduate Teacher in Discipline - CHEMISTRY (Advertisement No.25 of 2023-24)**

**No.D-** : In continuation to this Office Notice No. 5847/PSC, dtd. 14.08.2025, it is for information of all shortlisted candidates that the Document Verification and Interview/Personality Test for recruitment to the post of Post Graduate Teacher in Chemistry Discipline, pursuant to Advertisement No. 25 of 2023-24 will be held from 30.10.2025 to 01.11.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 30.10.2025 | 08.30 A.M. | 10.30 A.M. | 100907, 100922, 100926, 100941, 100943, 100944, 100946, 100957, 100959, 100965, 100977, 100982, 100985, 100994, 100998, 101003,/101005, 101008, 101021, 101044, 101055, 101075, 101077, 200239, 200256, 200291, 200292, 200295, 200296, 200309, 200331, 200359 & 200361 **= 33 Candidates** |
| | 12.30 P.M. | 02.30 P.M. | 200364, 200368, 200397, 200398, 200409, 300688, 300690, 300692, 300709, 300722, 300736, 300755, 300756, 300759, 300766, 300786, 300792, 300801, 300803, 300811 & 300843 **= 21 Candidates** |
| 31.10.2025 | 08.30 A.M. | 10.30 A.M. | 300851, 300873, 300882, 300893, 300952, 300960, 300965, 300966, 301002, 301003, 301020, 301021, 301023, 301046, 301048, 301098, 301099, 301109, 301117, 301131, 301148, 301149, 301159, 301164, 301166, 301195, 301198, 301200, 301202, 301226, 301239, 301244 & 301266 **= 33 Candidates** |
| | 12.30 P.M. | 02.30 P.M. | 301268, 301274, 301277, 301307, 301312, 400227, 400233, 400262, 400280, 400282, 400304, 400315, 400318, 400336, 400338, 400347, 400355, 400358, 400359, 400371, & 400373 **= 21 Candidates** |
| 01.11.2025 | 08.30 A.M. | 10.30 A.M. | 400374, 400397, 400402, 400409, 500349, 500360, 500362, 500374, 500381, 500398, 500407, 500415, 500430, 500437, 500440, 500441, 500448, 500452, 500479, 500487, 500510, 500515, 500524, 500558, 500571, 500576, 500579, 500583, 500585, 500596, 500602, 500608 & 500621 **= 33 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Biodata form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0327/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 7260 / P.S.C., Dt. 15.10.2025**
**1E-22-2025/26 (DR-III)**

**Recruitment to the post of Post Graduate Teacher in Discipline - SANSKRIT (Advertisement No.25 of 2023-24)**

**No.D-** : In continuation to this Office Notice No. 5610/PSC, dtd. 06.08.2025, it is for information of all shortlisted candidates that the Document Verification and Interview/Personality Test for recruitment to the post of Post Graduate Teacher in Sanskrit Discipline, pursuant to Advertisement No. 25 of 2023-24 will be held on 03.11.2025 & 04.11.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | Roll No. of Candidates |
|---|---|---|---|
| 03.11.2025 | 08.30 A.M. | 10.30 A.M. | 103602, 103640, 103769, 103772, 103786, 103800, 103825, 103829, 103851, 202541, 202560, 202563, 308602, 308605, 308668, 308704, 308718, 308733, 308783, 308873, 308922, 308941, 308958 & 308996 **= 24 Candidates** |
| | 12.30 P.M. | 02.30 P.M. | 309050, 309086, 309089, 309101, 309103, 309121, 309165, 309194, 309199, 309216, 309264, 309270, 309271 & 403869 **= 14 Candidates** |
| 04.11.2025 | 08.30 A.M. | 10.30 A.M. | 403874, 403880, 403892, 403918, 403954, 403975, 403985, 404009, 404010, 404031, 404046, 404049, 404081, 404084, 404088, 404130, 404150, 505657, 505660, 505684, 505687, 505690, 505745 & 505748 **= 24 Candidates** |
| | 12.30 P.M. | 02.30 P.M. | 505796, 505812, 505829, 505831, 505832, 505833, 505839, 505848, 505883, 505884, 505894, 505895, 505924, 505954 & 505964 **= 15 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Biodata form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0325/2526 Sd./- Secretary

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

NIRMAN SOUDHA, BHUBANESWAR
E-mail: seec.bbsr2010@gmail.com

**Bid Identification No. S.E.E.C. (R&B) 16/2025-26**
**No. 3803 Date: 16.10.2025**

No. B-: The Superintending Engineer, Electrical Circel (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.29.10.2025 at 05.00 P.M. to Dt.13.11.2025 upto 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.14.11.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**. Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B) Odisha, BBSR**
OIPR-34006/11/0054/2526

## ODISHA TOURISM DEVELOPMENT CORPORATION LIMITED

**(A GOVT. OF ODISHA UNDERTAKING)**
**PANTHANIVAS (OLD BLOCK), LEWIS ROAD, BHUBANESWAR-14**
**No. CAD- INVITATIONS FOR BIDS (IFB)**
**Letter No. 2261 Date: 18.10.2025**

**NOTICE INVITATION FOR BIDS (NIFB)**

**E-Procurement Notice No. BP-I/21/2025-26 Dt.18.10.2025**

1. Nature of Work : Civil, P.H. Electrical Works & Fairs and Festival
2. Total No. of Works : 03 Nos.
3. Value of Works : As per NIT
4. Bid Security : As per NIT
5. Class of Contractor : As per NIT
6. Period of Completion : 15 Days to 01 (One) Month
7. Other details as follows :

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/21/2025-26 Dt.18.10.2025 | From 22.10.2025 | To 31.10.2025 | 11.30 hours of Dt.01.11.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**.

**Sd./- Superintending Engineer**
OIPR-37002/11/0121/2526 **O.T.D.C. Ltd., BBSR**

# ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

## ଭୁବନେଶ୍ୱରରେ ନାବାଳିକାଙ୍କୁ ନେଇ ସେକ୍ସ ରାକେଟ ଘଟଣା

- ଜେଲ ଗଲେ ୪ ଅଭିଯୁକ୍ତ
- ୬ ବର୍ଷ ଧରି ଚାଲିଥିଲା କାରବାର

ଭୁବନେଶ୍ୱର,୧୯।୧୦(ସତ୍ୟଜିତ ରାଉତ)



ସେକ୍ସ ରାକେଟ୍ ଚାଲିଥିବା ଲକ୍ଷ୍ମୀସାଗରସ୍ଥ ପ୍ଲଟ ନଂ ଇବି ୩୨୪ସ୍ଥିତ ଘରେ ପୋଲିସ ତଦନ୍ତ କରୁଛି।

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନାବାଳିକାଙ୍କୁ ନେଇ ସେକ୍ସ ରାକେଟ ଚାଲିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ସେକ୍ସ ରାକେଟ ଚାଲିଥିବା ଲକ୍ଷ୍ମୀସାଗରସ୍ଥ ପ୍ଲଟ ନଂ ଇବି ୩୨୪ସ୍ଥିତ ଘର (ଯାଜ୍ଞସେନୀ ନିବାସ)କୁ ରବିବାର ପୋଲିସ ଯାଇ ପଚରାଉଚରା କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ସେଠାରେ ଯାଞ୍ଚ କରି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଭଳି କାରବାର ବିରୋଧରେ ପ୍ରତିବାଦ କରି ସ୍ୱର ଉଠାଇଥିଲେ। ଏପରିକି ପୋଲିସ ଉପରେ ମଧ୍ୟ ସେମାନେ ଦୋଷ ଲଦିଥିଲେ। ପୋଲିସ ଉକ୍ତ ଘରକୁ ତାଲା ଭାଙ୍ଗି ଭିତରେ ପଶିବା ପରେ ପୁଣି ତାହାକୁ ସିଲ୍ କରିଦେଇଛି। ଅନ୍ୟପକ୍ଷରେ ଶନିବାର ଗିରଫ ହୋଇଥିବା ଦୁଇ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲିଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଦଲାଲ ମଞ୍ଜୁ ଓ ମମତାଙ୍କ ସହିତ ରାଜଧାନୀ ସମେତ ବାହାର ରାଜ୍ୟର କେତେକ ଦଲାଲଙ୍କ ଲିଙ୍କ୍ ରହିଛି। ମଞ୍ଜୁ ଏହାର କିଙ୍ଗପିନ୍ ହୋଇଥିବାବେଳେ ମମତା ତାଙ୍କ ପାର୍ଟନର୍ ଥିଲେ। ସେମାନେ ବିଭିନ୍ନ ସିଜିନ୍‌ରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଯୁବତୀମାନଙ୍କୁ ଆଣି ଅନୈତିକ ଦେହ ବ୍ୟବସାୟରେ ଲଗାଉଥିଲେ। ତେବେ ଲକ୍ଷ୍ମୀସାଗରରେ ଉକ୍ତ ଘରେ ୬ ବର୍ଷ ଧରି ସେକ୍ସ ରାକେଟ୍ ଚାଲୁଥିବା ନେଇ ଜଣାପଡିଛି। ଏପରିକି ବ୍ୟବସାୟ ପ୍ରତିଷ୍ଠାନ ଭଳି ଉକ୍ତ ଘରେ କ୍ୟୁଆର୍ କୋଡ୍ ସ୍କାନର୍ ମଧ୍ୟ ଲଗାଯାଇଥିଲା। ଗ୍ରାହକମାନେ ଉକ୍ତ କ୍ୟୁଆର୍ କୋଡକୁ ସ୍କାନ କରି ଟଙ୍କା ପଠାଉଥିଲେ। ଲକ୍ଷ୍ମୀସାଗର ଥାନା ଠାରୁ ପ୍ରାୟ ୬୦୦ ମିଟର ଦୂରରେ ଏଭଳି କାରବାର ଚାଲୁଥିବାବେଳେ ପୋଲିସ କିଭଳି ନଜର ରଖୁ ନ ଥିଲା ବୋଲି ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଛନ୍ତି। କ୍ୟାପିଟାଲ ଥାନା ଏହି ଘଟଣାରେ ଅଧିକ ତଦନ୍ତ କରୁଥିବାବେଳେ ଗୁରୁତର ନାବାଳିକା ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ସୁସ୍ଥ ହେଲେ ତାଙ୍କୁ ପଚରାଉଚରା କରାଯିବା ପରେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଗ୍ରାହକ ଅବିନାଶ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ଦଲାଲଦ୍ୱୟ ଗୁରୁବାର ସନ୍ଧ୍ୟାରେ ଏକ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ଦଲାଲଙ୍କ ଠିକଣା କହିଥିଲେ।

# ଯୁବକଙ୍କୁ ମଦରେ ବିଷ ଦେଇ ହତ୍ୟା ଅଭିଯୋଗ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ବରୀ,୧୯।୧୦(ମହେନ୍ଦ୍ର ସ୍ୱାଇଁ)



ମୃତକଙ୍କ ପରିବାର ଥାନା ଆଗରେ ଧାରଣା ଦେଇଛନ୍ତି।

ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଆନନ୍ଦପୁର ଗ୍ରାମର ଯୁବକ ସନ୍ତୋଷ ମଲ୍ଲିକଙ୍କୁ ମଦରେ ବିଷ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ପରିବାର ଏହି ଅଭିଯୋଗ କରିବା ସହ ନ୍ୟାୟ ଦାବିରେ ରବିବାର ସନ୍ଧ୍ୟାରେ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଘଟଣାରେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ସେମାନେ ଅଭିଯୋଗ କରିବା ସହ ଥାନା ଅଧିକାରୀଙ୍କ ବଦଳି ଦାବି କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଅଡ଼ି ବସିଛନ୍ତି। ଖବରପାଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ ଓ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଛନ୍ତି। ଖବର ଲେଖା ହେବାବେଳକୁ ଆନ୍ଦୋଳନ ଜାରି ରହିଥିଲା।

ସନ୍ତୋଷଙ୍କ ସ୍ତ୍ରୀ ବନ୍ଦନା ମଲ୍ଲିକ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ୧୬।୧୦।୨୦୨୫ରେ ଗ୍ରାମର ଅଜିତ ଜେନା, ମୁନା ପଣ୍ଡା, ସରୋଜ ମଲ୍ଲିକ, ପ୍ରସନ୍ନ ମଲ୍ଲିକ, ଗଜେନ୍ଦ୍ର ମଲ୍ଲିକ, ବିକାଶ ଜେନା, କୈଳାସ ମଲ୍ଲିକ ଓ ସନାତନ ମଲ୍ଲିକ ଆସି ଭୋଜି କରିବାକୁ ତାଙ୍କ ସ୍ୱାମୀଙ୍କୁ ଡାକିନେଇଥିଲେ। ସେଠାରେ ଜୋର ଜବରଦସ୍ତ ମଦ ପିଆଇବାକୁ ଦେଇଥିଲେ। ମଦପିଇ ତାଙ୍କ ସ୍ୱାମୀ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ମଦରେ ବିଷ ମିଶାଯାଇଛି ବୋଲି ଡାକି ନେଇଥିବା ଯୁବକମାନେ କହି ପଳାଇଥିଲେ। ସନ୍ତୋଷ ଘର ନିକଟ ଛକକୁ ଆସି ମଦରେ ବିଷ ମିଶାଇ ତାଙ୍କୁ ଉପରୋକ୍ତ ବ୍ୟକ୍ତିମାନେ ଜୋର ଜବରଦସ୍ତ ପିଆଇଛନ୍ତି ବୋଲି ତାଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ସନ୍ତୋଷଙ୍କ କଥା ଶୁଣିବା ପରେ ସମ୍ପର୍କୀୟମାନେ ଥାନାରେ ଏକଥା ଜଣାଇଥିଲେ। ହେଲେ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଏହାପରେ ପରିବାର ଲୋକେ ସନ୍ତୋଷଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଶେଷରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା।

# ବିଳମ୍ବିତ ରାତିରେ ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୧୯।୧୦(ସତ୍ୟଜିତ ରାଉତ)



ବିଳମ୍ବିତ ରାତିରେ ଆକ୍ରମଣ କରି ଲୁଟ୍ ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେହେଲେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ରହୁଥିବା ନୟାଗଡ଼ ଥାନା କଣ୍ଟାବଣିଆ ଗ୍ରାମର ଦୀପକ କୁମାର ନାୟକ ଓରଫ ଦୀପୁ (୨୭) ଓ ଯାଜପୁରର ଶୁବାଶିଷ ଜେନା ଓରଫ ପପୁ (୨୪)। ଉଭୟଙ୍କଠାରୁ ଏକ ବୁଲେଟ୍ ଓ ୧୭୦୦ ଟଙ୍କା ଜବତ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟା ୩୦ ବେଳେ ଅଭିଯୋଗକାରୀ କୃତିବିଭବ ପାତ୍ର ତାଙ୍କ ସାଙ୍ଗ ଦିବ୍ୟଜ୍ୟୋତି ଶତପଥୀଙ୍କ ସହ ମହାରାଜା ସିନେମା ହଲ୍‌ରୁ ସିନେମା ଦେଖି ଘରକୁ ଫେରୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ସୈନିକ ସ୍କୁଲ ନିକଟରେ ଗିରଫ ଦୁଇ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସହଯୋଗୀ ଏକ ବୁଲେଟରେ ଆସି ଉଭୟଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରି ମୋବାଇଲ୍ ଏବଂ ନଗଦ ହଜାରେ ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ ଦିବ୍ୟଜ୍ୟୋତିଙ୍କ ଠାରୁ ଏକ ହାତଘଡ଼ି, ବିଭିନ୍ନ ଡକ୍ୟୁମେଣ୍ଟ ଓ ୩୦୦ ଟଙ୍କା ଥିବା ପର୍ସ ମଧ୍ୟ ଛଡ଼ାଇ ନେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୪୩୨/୨୦୨୫) ରୁଜୁ କରିଥିଲା।

# ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

ଆନନ୍ଦପୁର,୧୯।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଗୁଲାବନ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଦିଅର। ଗୁରୁତର ଅବସ୍ଥାରେ ମେଡିକାଲରେ ଭାଉଜଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ଦିଅର ବୁଦ୍ଧିଆ ନାଏକ(୩୮)ଙ୍କୁ ପୋଲିସ କାବୁ କରିଛି। ରବିବାର ବୁଦ୍ଧିଆ ଓ ତାଙ୍କ ଭାଉଜ ବାସନ୍ତୀ ନାଏକ (୩୫)ଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପାଟିତୁଣ୍ଡ ହୋଇଥିଲା। ବୁଦ୍ଧିଆ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଭାଉଜଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବାସନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା କରୁଛି।

# ପୀତବାସ ଓକିଲ ଜାଣିବା ପରେ ପଳାଇଥିଲେ ବିହାରୀ ଶୁଟର

ବ୍ରହ୍ମପୁର,୧୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

## ପୀତବାସ ପଣ୍ଡା ହତ୍ୟା ମାମଲା

### ଦିଗପହଣ୍ଡିର ୨ ଯୁବକ ହତ୍ୟା କରିଥିବା ଚର୍ଚ୍ଚା

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବିହାର ଲିଙ୍କ୍ ଥିବା ଯେଉଁ ଅନୁମାନ କରାଯାଉଥିଲା, ତାହାର ଗୁମର ଏବେ ଧୀରେ ଧୀରେ ଫିଟିବାରେ ଲାଗିଛି। ପୀତବାସଙ୍କୁ ହତ୍ୟା ପାଇଁ ବିହାରୀ ଶୁଟରଙ୍କ ସହ ୧୫ ଲକ୍ଷ ଟଙ୍କା ଡିଲ୍ ହୋଇଥିଲା। ବ୍ରହ୍ମପୁର ଉପକଣ୍ଠ ବାଲିପଡ଼ାରେ ରହୁଥିବା ଜଣେ ଯୁବକ ବିଏମ୍‌ସିର ଜଣେ କର୍ପୋରେଟରଙ୍କଠାରୁ ଟଙ୍କା ଆଣି ବିହାରୀ ଯୁବକଙ୍କ ସହ ଡିଲ୍ କରି ସେପ୍ଟେମ୍ବର ମାସରେ ସେମାନଙ୍କୁ ବ୍ରହ୍ମପୁର ଆଣିଥିଲେ। କର୍ପୋରେଟର ଜଣଙ୍କ ବିହାରୀ ଯୁବକଙ୍କୁ ଆଶ୍ରୟ ଦେବା ସହ ତାଙ୍କୁ ସମସ୍ତ ସୂଚନା ଦେଉଥିଲେ। ହେଲେ ପୀତବାସ ଜଣେ ଆଇନଜୀବୀ ବୋଲି ଜାଣିବା ପରେ ବିହାରୀ ଶୁଟର ତାଙ୍କୁ ହତ୍ୟା ନ କରିବାକୁ ସ୍ଥିର କରି ରାତାରାତି କୌଶଳକ୍ରମେ ଚାଲିଯାଇଥିଲେ। ଏହା ଜାଣିବା ପରେ କର୍ପୋରେଟର ଜଣଙ୍କ ହତ୍‌ବତ୍‌ଢ଼େଇ ଯାଇଥିଲେ। ତେଣୁ ସେ ଦିଗପହଣ୍ଡି ଅଞ୍ଚଳର ୨ ଅପରାଧୀଙ୍କ ସହାୟତା ନେଇଥିଲେ। ଗତ ୬ ତାରିଖ ରାତିରେ ଯୋଜନା ପ୍ରକାରେ ପୀତବାସଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ହତ୍ୟାକାରୀ, ତାଙ୍କ ସହଯୋଗୀ ଓ ଷଡ଼ଯନ୍ତ୍ରକାରୀ ଧରାପଡିଲେ ପୂରା ଘଟଣାର ପର୍ଦ୍ଦାଫାସ ହେବ ବୋଲି ଚର୍ଚ୍ଚା ହେଉଛି। ପୋଲିସ ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟାୱାରରୁ ଡାଟା ସଂଗ୍ରହ କରି ଫେରାର ଅପରାଧୀଙ୍କୁ ଖୋଜୁଛି। ତେବେ ସେମାନେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିବାରୁ ଟ୍ରାକିଂ କରିବା ସହଜ ହେଉନାହିଁ। ପୋଲିସ ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ଶୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ କାବୁ କରି ତନାଘନା ଚଳାଇଥିଲା। ସମସ୍ତଙ୍କୁ ବ୍ରହ୍ମପୁର ଆଣି ଜେରା କରାଯାଇଛି। ହତ୍ୟା ଘଟଣାରେ ପୋଲିସ ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମର ସମ୍ପୃକ୍ତ କର୍ପୋରେଟରଙ୍କୁ ଆଣି ଜେରା କରିଥିଲା। ହତ୍ୟାକାଣ୍ଡ ପାଇଁ ମଧ୍ୟସ୍ଥ କାର୍ଯ୍ୟ କରୁଥିବା ଆଉ ଜଣେ କର୍ପୋରେଟରଙ୍କୁ ୩ ଦିନ ତଳେ ପୋଲିସ ନେଇ ପଚରାଉଚରା କରିଥିଲା।

## Business

# ଆର୍‌ବିଆଇର ନୂଆ ଚେକ୍ କ୍ଲିୟରିଂ ସିଷ୍ଟମରେ ସମସ୍ୟା

- ଚିନ୍ତାରେ ବ୍ୟବସାୟୀ
- ଟେକ୍ନିକାଲ ସମସ୍ୟା, କର୍ମଚାରୀଙ୍କୁ ତାଲିମ ଅଭାବ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୪ ଅକ୍ଟୋବରରେ ନୂଆ ଚେକ୍ କ୍ଲିୟରିଂ ସିଷ୍ଟମ ଆରମ୍ଭ କରିଥିଲା। ଏହି ସିଷ୍ଟମ ଅନୁସାରେ ହିଁ ଚେକ୍ ଜମା କରାଯାଇଥିବା ଦିନ କ୍ଲିୟର ହେବାର ଥିଲା। ମାତ୍ର ଏଥିରେ ଅନେକ ସମସ୍ୟା ଦେଖାଦେଇଛି। କେତେକ କ୍ଷେତ୍ରରେ ଚେକ୍ କ୍ଲିୟର ହେବାକୁ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ଲାଗୁଛି। ଏହା ଯୋଗୁ ବ୍ୟବସାୟୀ ଓ ସାଧାରଣ ଲୋକ ବହୁତ ଅସୁବିଧାରେ ପଡୁଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ଏହି ସମସ୍ୟା ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଜଣାଇଛି। ସିଟିଆଇ ଚେୟାରମ୍ୟାନ ବ୍ରିଜେଶ ଗୋୟଲଙ୍କ କହିବା ଅନୁସାରେ, ଏହି ନୂଆ ସିଷ୍ଟମ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଛି। ପ୍ରଥମେ ଏହି ସିଷ୍ଟମର ଘୋଷଣା ହେବା ବେଳେ ବ୍ୟବସାୟୀମାନେ ଏହାକୁ ସ୍ୱାଗତ କରିଥିଲେ, ମାତ୍ର ଏବେ ଏହା ସେମାନଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଟେକ୍ନିକାଲ ସମସ୍ୟା ଓ କର୍ମଚାରୀଙ୍କୁ ପୂରା ତାଲିମ ନମିଳିବା ଯୋଗୁ ଏପରି ସମସ୍ୟା ହେଉଥିବା ବ୍ୟାଙ୍କଗୁଡ଼ିକ ଦର୍ଶାଇଛନ୍ତି। ଦୀପାବଳି ପର୍ବ ସମୟରେ ଏହି ସମସ୍ୟା ବ୍ୟବସାୟୀଙ୍କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଛି। ଅନେକ ବ୍ୟବସାୟୀଙ୍କ ପେମେଣ୍ଟ ଅଟକି ରହିଛି, ଯାହା ଯୋଗୁ ଅର୍ଡର ବାତିଲ ହେଉଛି ଓ ଆର୍ଥିକ କ୍ଷତି ହେଉଛି। ବ୍ୟବସାୟୀଙ୍କୁ ନିଜ କାମ ଛାଡ଼ି ବ୍ୟାଙ୍କ ଦୌଡ଼ିବାକୁ ପଡୁଛି। କେତେକ ବ୍ୟାଙ୍କରେ ଚେକ୍ କ୍ଲିୟର ହେବାକୁ ୧୫ ଦିନ ଲାଗୁଛି, ଆଉ କିଛି ବ୍ୟାଙ୍କ ଚେକ୍ ନେବାକୁ ମନା କରୁଛନ୍ତି। ଆର୍‌ବିଆଇ ଅନୁସାରେ, ଏହି ନୂଆ ସିଷ୍ଟମରେ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ) ବ୍ୟବହାର କରୁଛନ୍ତି। ଏଥିରେ ଚେକ୍ ଜମା କଲେ ବ୍ୟାଙ୍କ ତା'ର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇଦିଏ। ସେହି ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍ ଆସେପ୍ଟ କିମ୍ବା ରିଜେକ୍ଟ କରିବାକୁ ପଡ଼ିଥାଏ। ଏହି ସିଷ୍ଟମ ଏମିତି ତିଆରି ହୋଇଛି ଯେ, ଚେକ୍ ଜମା ହେବା ଦିନ ହିଁ କ୍ଲିୟର ହେବ। ପୂର୍ବରୁ ଚେକ୍ ଫିଜିକାଲ ଭାବେ ଅନ୍ୟ ବ୍ୟାଙ୍କକୁ ପଠାଯାଉଥିଲା, ଯାହାକୁ କ୍ଲିୟର ହେବାରେ ୨ରୁ ୩ ଦିନ ଲାଗୁଥିଲା। ଏବେ ଏହି ସମସ୍ୟାର ସମାଧାନ ପାଇଁ ବ୍ୟବସାୟୀମାନେ ଅପେକ୍ଷାରେ ଅଛନ୍ତି।

# ଇଣ୍ଡିଆନ୍ ବ୍ୟାଙ୍କର ଶହେ ଦିନରେ ୧୦୦ ଦେୟ ଅଭିଯାନ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କ ଜମା ପୁନରୁଦ୍ଧାର କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କ ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ କହିଛନ୍ତି, ଅନେକ ଉପଭୋକ୍ତାଙ୍କ ଖାତା ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆର୍‌ବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି। ଶାଖା ପ୍ରବନ୍ଧକମାନେ ନିଜ ଶାଖାର ଉପଭୋକ୍ତାମାନଙ୍କ ସହ ସମ୍ପର୍କକରି ସେମାନଙ୍କ ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଯୋଧ୍ୟାରେ ପ୍ରତୀକାତ୍ମକ ରାମାଭିଷେକ କଲେ ଯୋଗୀ

ଭୁବନେଶ୍ୱର,୧୯।୧୦



ଦୀପାବଳି ଅବସରରେ ଉତ୍ତରପ୍ରଦେଶରେ ୧.୫୧ କୋଟି ଦୀପ ପ୍ରଜ୍ୱଳନ କରାଯାଇଥିବାବେଳେ ଅଯୋଧ୍ୟାରେ ୨୬ ଲକ୍ଷ ଦୀପଦାନ କରାଯାଇଛି। ଏହି ଦୀପୋତ୍ସବ ନୂଆ ରେକର୍ଡ ସୃଷ୍ଟି କରିଛି। ଅଯୋଧ୍ୟାରେ ରାମକଥା ପାର୍କରେ ରବିବାର ଅନୁଷ୍ଠିତ ଏହି ଦୀପୋତ୍ସବ ସ୍ଥାନୀୟ ଅଞ୍ଚଳରେ ତ୍ରେତୟା ଯୁଗର ଭ୍ରମ ସୃଷ୍ଟି କରିଛି। ଲକ୍ଷାଧିକ ଦୀପାଲୋକରେ ସମଗ୍ର ଅଞ୍ଚଳ ଆଲୋକିତ ହୋଇଉଠିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାଧୁମହାତ୍ମାମାନଙ୍କ ସହିତ ରାମାଭିଷେକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଶ୍ରୀରାମଙ୍କ ରଥ ଟାଣିଥିଲେ। ପୁଷ୍ପବର୍ଷା ଓ ବୈଦିକ ମନ୍ତ୍ରୋଚ୍ଚାରଣ ସହ ସମ୍ପୂର୍ଣ୍ଣ ପାର୍କ 'ଜୟ ଶ୍ରୀରାମ' ନାରାରେ ଗୁଞ୍ଜରିତ ହୋଇଥିଲା। ଯୋଗୀ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ହନୁମାନଙ୍କୁ ପୂଜା କରିଥିଲେ। ସୁନ୍ଦର ସୁନ୍ଦର ରଥ, ଘୋଡ଼ା, ସୁନ୍ଦର ରାଜସଭା ଓ ସୁନ୍ଦର ସିଂହାସନ ଦ୍ୱାରା ରାମରାଜ୍ୟର ମହିମା ପୁନର୍ଜୀବିତ ହୋଇଥିଲା। ପ୍ରଥମେ ସେ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କୁ ମାଲ୍ୟାର୍ପଣ କରି ରଥଯାତ୍ରା ଆରମ୍ଭ କରିଥିଲେ। ପରେ ଆରତି ଓ ପ୍ରତୀକାତ୍ମକ ଅଭିଷେକ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସାଧୁମହାତ୍ମାମାନଙ୍କ ଦ୍ୱାରା ରାମ ଦରବାରକୁ ଫୁଲ ବର୍ଷଣ କରାଯାଇଥିଲା। ଏହାସହ ଯୋଗୀ, ସାଧୁମାନଙ୍କୁ ଅଙ୍ଗବସ୍ତ୍ର ଓ ମାଲ୍ୟାର୍ପଣ କରି ସମ୍ମାନ ଦେଇଥିଲେ। ପୁଷ୍ପକ ବିମାନର ଆଗମନରେ ଭିଡ଼ ଉତ୍ସାହରେ ଚିତ୍କାର କରିଥିଲା। କ୍ୟାବିନେଟ ମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହୀ, ଜୟବୀର ସିଂହ ଓ ରାକେଶ ସଚନ ମଧ୍ୟ ରାମଦରବାରରେ ପ୍ରାର୍ଥନା କରିଥିଲେ। ରାମମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଓବିର ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧୦

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର ଓ କଟକ ଶାଖା ମୁଖ୍ୟଙ୍କ ପାଇଁ ଭୁବନେଶ୍ୱରଠାରେ କର୍ମଚାରୀ ସହାୟତା ଅଭିଯାନ ଅନ୍ତର୍ଗତ ଏକ ସାମୂହିକ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧ୍ୟାନ ମାଧ୍ୟମରେ ଚାପ ପରିଚାଳନା ଉପରେ ଏକ କର୍ମଶାଳା କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ବ୍ୟକ୍ତିଗତ ଏବଂ କର୍ମମୟ ଜୀବନ ମଧ୍ୟରେ କିପରି ସନ୍ତୁଳନ ବଜାୟ ରହିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ଯୋଗ ଅଧିବେଶନ ରଖାଯାଇଥିଲା। ସମସ୍ତ ଶାଖା ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଇଡିବିଆଇର ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଦ୍ଧ ଲାଭ ୩୬୨୭ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ଆଧାରରେ ୯୮%ର ଏକ ମଜଭୁତ ଅଭିବୃଦ୍ଧି ହାସଲ କରିଛି। ପରିଚାଳନାଗତ ଲାଭ ୩୫୨୩ କୋଟି ଟଙ୍କା ରହିଛି। ଏନ୍‌ଆଇଏମ୍ ୩.୭୧% ରହିଛି ଏବଂ ଶୁଦ୍ଧ ସୁଧ ଆୟ ୩୨୮୫ କୋଟି ଟଙ୍କା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ପାଇଁ କଷ୍ଟ ଅଫ୍ ଡିପୋଜିଟ ୪.୬୯% ରହିଛି, ଯାହା ଗତବର୍ଷ ସମାନ ଅବଧିରେ ୪.୭୫% ଥିଲା। ସିଆର୍‌ଏଆର୍ ୩୪୧ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି ସହିତ ୨୫.୩୯%କୁ ବୃଦ୍ଧି ହୋଇଛି। ରିଟର୍ନ ଅନ୍ ଆସେଟ୍‌ସ (ଆର୍‌ଓଏ) ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୧୫୮ ବିପିଏସ୍ ବୃଦ୍ଧି ହୋଇ ୩.୫୫% ରହିଛି ଯାହା ୨୦୨୪-୨୫ର ୨ୟ ତ୍ରୈମାସିକରେ ୧.୯୭% ଥିଲା।

# ଚାହିଦାରେ ତନିସ୍କର 'ମୃଗାଙ୍କ' କଲେକ୍ସନ୍

ଭୁବନେଶ୍ୱର,୧୯।୧୦(ଅନୁରାଧା ମହାରଣା)




ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଟାଟାର ତନିସ୍କ ପକ୍ଷରୁ ଉତ୍ସବ ଅଳଙ୍କର କଲେକ୍ସନ 'ମୃଗାଙ୍କ' ଚାହିଦା ବଢ଼ିବାରେ ଲାଗିଛି। ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଗୁଟ୍ସ୍, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗିନ କୁନ୍ଦନ, ଏନାମେଲ୍ ଏବଂ ୩ଡି କାରିଗରି ଦେଖିବାକୁ ମିଳିଛି। ମୃଗାଙ୍କ ଆଧୁନିକ ଭାରତୀୟ ମହିଳାଙ୍କ ପାଇଁ ପର୍ବପର୍ବାଣି ଅଳଙ୍କାରକୁ ପୁନଃକଳ୍ପନା କରି ଏକ ବିସ୍ମୟକର ଓ ଚମତ୍କାର ଅନୁଭୂତି ପ୍ରଦାନ କରୁଛି। ଏହି ସଂଗ୍ରହ ବିଷୟରେ ଟାଇଟାନ୍ କମ୍ପାନୀ ଲିମିଟେଡର ମୁଖ୍ୟ ଡିଜାଇନ୍ ଅଫିସର ରେବତୀ କାନ୍ତ କହିଛନ୍ତି ଯେ, ପର୍ବପର୍ବାଣି ଋତୁର ଆରମ୍ଭରେ ଆମେ 'ମୃଗାଙ୍କ' ଉପସ୍ଥାପନ କରି ଆନନ୍ଦିତ ଯାହା ଆମ ସ୍ୱପ୍ନର କଳ୍ପନାତ୍ମକ ଜଗତର ଏକ ଭବ୍ୟ ଉତ୍ସବ ଏବଂ ଆମର ଭାରତୀୟ କାହାଣୀ ଓ ପୁରାଣର ସମୃଦ୍ଧ ଐତିହ୍ୟରେ ପରିପୁଷ୍ଟ। ଏହି ସଂଗ୍ରହ ଏକ ଯାଦୁକରୀ ଭୂମିରେ ଆଧାରିତ, ଯେଉଁଠାରେ ମେଘମାଳା ମଧ୍ୟରୁ ଦେଖାଯାଉଥିବା ଭବ୍ୟ ପ୍ରାସାଦ, ଅତୁଳନୀୟ ସୌନ୍ଦର୍ଯ୍ୟର ରହସ୍ୟମୟ ଜୀବ ଏବଂ ବିରଳ ବିଦେଶୀ ଫୁଲ ସୁନାରେ ଜୀବନ୍ତ ହୋଇଛି।

# ପିଏନ୍‌ବିର ନେଟ୍ ଲାଭ ୧୪% ବୃଦ୍ଧି

ଭୁବନେଶ୍ୱର,୧୯।୧୦

ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ବିଶ୍ୱବ୍ୟାପୀ ବ୍ୟବସାୟ ୨୦୨୫ ସେପ୍ଟେମ୍ବର ୧୦.୬% ବୃଦ୍ଧି ପାଇ ୨୭,୮୬,୬୭୩ କୋଟି ଟଙ୍କାକୁ ପହଞ୍ଚିଛି। ଏହା ଗତ ବର୍ଷର ଏହି ସମୟ ତୁଳନାରେ ୨୫,୨୦,୨୪୬ କୋଟି ଟଙ୍କାରୁ ଅଧିକ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ୨୦୨୫-୨୬ ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ନେଟ ଲାଭ ୧୪% ବୃଦ୍ଧି ପାଇ ୪,୯୦୪ କୋଟି ଟଙ୍କା ହୋଇଛି। ଗତ ବର୍ଷର ଏହିତ୍ରୈମାସିକରେ ଏହା ୪,୩୦୩କୋଟିଟଙ୍କା ଥିଲା। ଏହାହେଲେ ଅପରେଟିଂ ଲାଭ ୫.୫% ବୃଦ୍ଧି ପାଇ ୭,୨୨୭ କୋଟି ଟଙ୍କା ହୋଇଛି। ବିଶ୍ୱବ୍ୟାପୀ ଡେପୋଜିଟ ୧୦.୯% ବୃଦ୍ଧି ପାଇ ୧୬,୧୭,୦୮୦ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ୧୪,୫୮,୩୪୨ କୋଟିରୁ ଅଧିକ। ଏହାହେଲେ ବିଶ୍ୱବ୍ୟାପୀ ଆଡଭାନ୍ସ ୧୦.୧% ବୃଦ୍ଧି ସହିତ ୧୧,୬୯,୫୯୨ କୋଟି ଟଙ୍କାରୁ ଅଧିକ ହୋଇଛି।

# ଦୀପାବଳିରେ ୧୫ ହଜାର ବିଦ୍ୟୁତ୍ କର୍ମଚାରୀ ନିୟୋଜିତ

ଭୁବନେଶ୍ୱର,୧୯।୧୦



ଦୀପାବଳି ଆଲୋକରେ ସାରା ଓଡ଼ିଶା ଆଲୋକିତ ହେଉଥିବାବେଳେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକରେ ୧୫,୦୦୦ରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫ୍ ନିୟୋଜିତ ଅଛନ୍ତି। ଏହି ଲାଇନମ୍ୟାନ୍, ଇଞ୍ଜିନିୟର ଓ ସହାୟକ ଦଳମାନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି, ଯାହା ଫଳରେ ସାରା ରାଜ୍ୟର ପ୍ରତିଟି ଘରେ ଉତ୍ସବ ପାଳନ ସୁବିଧାଜନକ ହୋଇପାରୁଛି। ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଉତ୍ସବ ସମୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ଥିବା ସମୟରେ, ଟାଟା ପାୱାର ଓଡ଼ିଶା ଡିସକମ୍‌ଗୁଡିକ (ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିସିଓଡିଏଲ୍ ଓ ଟିପିଡବ୍ଲ୍ୟୁଓଡିଏଲ) ସମସ୍ତେ କିଭଳି ନିରବଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଉତ୍ସବ ପୂର୍ବରୁ ହିଁ ଡିସ୍‌କମ୍‌ଗୁଡିକ ନେଟୱର୍କ ଯାଞ୍ଚ, ଭିତ୍ତିଭୂମି ସୁଦୃଢ଼ୀକରଣ ଓ ପର୍ବପର୍ବାଣି ସମୟରେ ବିଦ୍ୟୁତ୍ ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ କଣ୍ଟ୍ରୋଲ୍ ସେଣ୍ଟରଗୁଡ଼ିକୁ ପ୍ରସ୍ତୁତ ରଖିଛନ୍ତି। ସ୍ଥାନୀୟ ତ୍ରୁଟି ସମାଧାନ କରୁଥିବା ଏକ ଲାଇନମ୍ୟାନ୍, ଲୋଡ୍ ଫ୍ଲୋ ନିରୀକ୍ଷଣ କରୁଥିବା କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର ଏବଂ ଆପତକାଳୀନ ସେବା ପାଇଁ ପ୍ରସ୍ତୁତ ଦଳ ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## ସଂକ୍ଷେପରେ

### ୮.୮୨ ଲକ୍ଷ ନିଷ୍ପାଦନ ଆବେଦନ ପଡ଼ିରହିବା ଦୁଃଖଦାୟକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ଦେଶର ବିଭିନ୍ନ ଅଦାଲତରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ନିଷ୍ପାଦନ ଆବେଦନ ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ଏହାକୁ ଅତ୍ୟନ୍ତ ଦୁଃଖଦାୟକ ଏବଂ ଭୟଙ୍କର ଘଟଣା ବୋଲି କହିଛନ୍ତି। ମକଦ୍ଦମାରେ ଡିକ୍ରି ହାସଲ କରିଥିବା ବ୍ୟକ୍ତି ଜମିଜମା ବିବାଦରେ କୋର୍ଟ ନିର୍ଦ୍ଦେଶନାମାର କାର୍ଯ୍ୟକାରିତା ପାଇଁ ନିଷ୍ପାଦନ ଆବେଦନ (ଏକ୍ଜିକ୍ୟୁଟିଭ୍ ପିଟିଶନ) ଦାଏର କରିଥାନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲ ଏବଂ ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଏହାର ମାର୍ଚ୍ଚ ୬ ନିର୍ଦ୍ଦେଶନାମାର ଅନୁପାଳନ ସମୀକ୍ଷା କରିବା ବେଳେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଏକ୍ଜିକ୍ୟୁଶନ ପିଟିଶନଗୁଡ଼ିକ ଉପରେ ୬ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ସିଭିଲ୍ କୋର୍ଟଗୁଡ଼ିକୁ ପରାମର୍ଶ ଦେବାକୁ ସେତେବେଳେ ଖଣ୍ଡପୀଠ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ ହେଲେ ପ୍ରିଜାଇଡିଂ ଅଫିସରମାନେ ଦାୟୀ ରହିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଆମକୁ ମିଳିଥିବା ପରିସଂଖ୍ୟାନ ଅତ୍ୟନ୍ତ ଦୁଃଖଦାୟକ। ଆଜିର ତାରିଖରେ ଦେଶର ବିଭିନ୍ନ ଅଦାଲତରେ ୮,୮୨,୫୭୮ ନିଷ୍ପାଦନ ଆବେଦନ ବିଚାର ଅପେକ୍ଷାରେ ପଡ଼ିରହିଥିବା ଖଣ୍ଡପୀଠ କହିଛନ୍ତି।

### ଦୀପାବଳି ପୂର୍ବରୁ ଦିଲ୍ଲୀରେ ଲାଗୁହେଲା ଜିଆର୍‌ଏପି-୨

ନୂଆଦିଲ୍ଲୀ, ୧୯।୧୦

ଦୀପାବଳିର ଦିନକ ପୂର୍ବରୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ଅତି ନିକୃଷ୍ଟ ସ୍ତରକୁ ଖସିଯିବା ଫଳରେ ରବିବାର ପ୍ରଦୂଷଣ ନିରୋଧୀ କଟକଣା ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ୍‌ର ଦ୍ୱିତୀୟ ପର୍ଯ୍ୟାୟ (ଜିଆର୍‌ଏପି)ଲାଗୁ ହୋଇଛି। ଗତ ମଙ୍ଗଳବାର ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୦ ଅତିକ୍ରମ କରିବା ପରେ ଜିଆର୍‌ଏପି-୧ ଲାଗୁ ହୋଇଥିଲା। ରବିବାର ଏକ୍ୟୁଆର୍ ବିଭିନ୍ନ ସ୍ଥାନରେ ୩୦୦ ଅତିକ୍ରମ କରିଛି, ଯାହାକି ଅତ୍ୟନ୍ତ ନିକୃଷ୍ଟ ବର୍ଗର। ଦୀପାବଳି ପରେ ସ୍ଥିତି ଆହୁରି ଗମ୍ଭୀର ହେବାକୁ ଥିବାରୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ଜିଆର୍‌ଏପି-୨ ଲାଗୁ କରିଛନ୍ତି।




ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଆୟୋଜିତ 'ନୋ କିଙ୍ଗସ୍' ବିକ୍ଷୋଭ ଶୋଭାଯାତ୍ରା।

## ଆମେରିକାରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ

ୱାଶିଂଟନ୍,୧୯।୧୦(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଦେଶବ୍ୟାପୀ ସହରଗୁଡ଼ିକରେ ଶନିବାର ଅନେକ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ 'ନୋ କିଙ୍ଗ୍‌ସ' ବିକ୍ଷୋଭ ରାଲି ଓ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଟ୍ରମ୍ପ୍‌ଙ୍କ ଶାସନ କାଳରେ ସରକାର ଏକଛତ୍ରବାଦ ଦିଗରେ ଦ୍ରୁତ ଅଗ୍ରସର ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଟ୍ରମ୍ପ୍‌ଙ୍କ କଠୋର ନୀତି, ଭୟ ଓ ଧମକ ଦେଖାଇ କାର୍ଯ୍ୟ ହାସଲ କରିବା କୌଶଳ, ଗଣମାଧ୍ୟମ, ରାଜନୈତିକ ବିରୋଧୀ ଏବଂ ବେଆଇନ ଆପ୍ରବାସୀଙ୍କ ଉପରେ ଆକ୍ରମଣକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନ୍ୟପକ୍ଷରେ ସେ ରାଜା ନୁହନ୍ତି ବୋଲି ରିପବ୍ଲିକାନ୍ ନେତା କହିଛନ୍ତି। ଏଥିସହିତ ସେ କେତେକ ଏଆଇ-ପ୍ରସ୍ତୁତ ଭିଡିଓ ପୋଷ୍ଟ କରି ନିଜକୁ ରାଜା ଭଳି ଦେଖାଇଛନ୍ତି। ସେମାନେ ମୋତେ ରାଜା କହୁଛନ୍ତି। ହେଲେ ମୁଁ ରାଜା ନୁହେଁ ବୋଲି ଟ୍ରମ୍ପ୍ ଏକ ଗଣମାଧ୍ୟମକୁ କହିଛନ୍ତି।

ବିକ୍ଷୋଭକାରୀମାନେ ନ୍ୟୁୟର୍କ ସିଟିର ଟାଇମ୍ସ ସ୍କୋୟାରରେ ଏକତ୍ର ହୋଇ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ସେହିପରି ବୋଷ୍ଟନ, ଆଟଲାଣ୍ଟା ଏବଂ ସିକାଗୋ ଆଦି ବିଭିନ୍ନ ସହରରେ ୨,୭୦୦ରୁ ଊର୍ଦ୍ଧ୍ୱ ରାଲି କରାଯାଇଛି। ୱାଶିଂଟନ୍ ଏବଂ ଲସ୍ ଏଞ୍ଜେଲ୍ସରେ ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରିବା ସହ ଅନେକ ରିପବ୍ଲିକାନ୍ ଶାସିତ ରାଜ୍ୟର ରାଜଧାନୀ ବାହାରେ ପିକେଟିଂ କରିଥିଲେ। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ପାର୍ଟି ଉକ୍ତ ବିକ୍ଷୋଭକୁ 'ଘୃଣା ଆମେରିକା' ରାଲି କହି ସମାଲୋଚନା କରିଛି। ଟ୍ରମ୍ପ୍ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିବା ପରଠାରୁ ଏହା ତୃତୀୟ ବିଶାଳ ବିକ୍ଷୋଭ ସମାବେଶ। ସରକାରରେ ଦୀର୍ଘଦିନ ଶର୍ଟଡାଉନ୍ ଯୋଗୁ ସଂଘୀୟ କାର୍ଯ୍ୟକ୍ରମ ଏବଂ ସେବା ବନ୍ଦ ହେବା ସହ କ୍ଷମତାର ମୁଖ୍ୟ ସନ୍ତୁଳନ ପରୀକ୍ଷାର ସମ୍ମୁଖୀନ ହୋଇଛି।

# ଗାଜା ଯୁଦ୍ଧବିରତି ଉଲ୍ଲଂଘନ

## ହମାସ୍‌ର ଆକ୍ରମଣ, ଇସ୍ରାଏଲର ଏୟାରଷ୍ଟ୍ରାଇକ୍

ରାଫାହ,୧୯।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉଦ୍ୟମ କ୍ରମେ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ରବିବାର ଆପାତତଃ ଭାଙ୍ଗିଯାଇଛି। ରାଫାହରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିବାବେଳେ ଏହାର ଜବାବରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଗାଜାରେ ଏୟାରଷ୍ଟ୍ରାଇକ୍ କରିଛି। ଯୁଦ୍ଧବିରତିର ଏହା ଗମ୍ଭୀର ଉଲ୍ଲଂଘନ ବୋଲି ଇସ୍ରାଏଲୀ ଅଧିକାରୀମାନେ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଏବଂ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏୟାଲ ଜମିରଙ୍କ ସହ ଜରୁରୀ ସୁରକ୍ଷା ବୈଠକ କରିବାକୁ ଯାଉଛନ୍ତି।

ଇସ୍ରାଏଲ୍‌ରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଫାହ ନିକଟରେ ଥିବା ଇସ୍ରାଏଲୀ ସାମରିକ ଇଞ୍ଜିନିୟରିଂ ଯାନ ଉପରେ ରବିବାର ଭୋର ସମୟରେ ହମାସ୍ ଆତଙ୍କବାଦୀ ଟ୍ୟାଙ୍କବିଧ୍ୱଂସୀ ମିଶାଇଲ୍ ମାଡ଼ କରିଥିଲେ। ଏହାର ଜବାବରେ ଆଇଡିଏଫ୍ ହମାସ୍‌ର ପୋଜିଶନଗୁଡ଼ିକ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏକ ଆଇଇଡି ବିସ୍ଫୋରଣରେ ଅନେକ ସୈନ୍ୟ ଆହତ ହୋଇଥିବା ଇସ୍ରାଏଲୀ ଗଣମାଧ୍ୟମ କହିଛି। ଦକ୍ଷିଣ ଗାଜାରେ ଆତଙ୍କବାଦୀମାନେ ଏକ ସୁଡ଼ଙ୍ଗରୁ ବାହାରି ଇସ୍ରାଏଲୀ ସେନା ଉପରେ ଆଖିବୁଜା ଗୁଳି ଚଳାଇବାରୁ ଆଇଡିଏଫ୍‌କୁ ପ୍ରତିଆକ୍ରମଣ କରିବାକୁ ପଡ଼ିଥିଲା। ଗତ କିଛିଦିନ ମଧ୍ୟରେ ରାଫାହରେ ଏହା ଦ୍ୱିତୀୟ ବୃହତ୍ ଘଟଣା ବୋଲି ଇସ୍ରାଏଲୀ ପ୍ରସାରଣ ଚ୍ୟାନେଲ କହିଛି।

ଅନ୍ୟପକ୍ଷରେ ଇସ୍ରାଏଲ୍‌ର ଅଭିଯୋଗକୁ ହମାସ୍ ଖଣ୍ଡନ କରିଛି। ଗତ ୧୦ ତାରିଖରୁ ଗାଜା ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଥିବାବେଳେ ଇତିମଧ୍ୟରେ ଇସ୍ରାଏଲ୍ ୪୭ ଥର ଏହାର ଉଲ୍ଲଂଘନ କରିଥିବା ହମାସ୍ ଅଭିଯୋଗ କରିଛି। ଇସ୍ରାଏଲୀ ସେନା ଆକ୍ରମଣରେ ଇତିମଧ୍ୟରେ ୩୮ ପାଲେଷ୍ଟିନୀୟ ନିହତ ହେବା ସହ ୧୪୩ ଜଣ ଆହତ ହୋଇଥିବା ଗାଜା ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆଇଡିଏଫ୍ ଗାଜାର ନିରୀହ ଲୋକଙ୍କୁ ଟାର୍ଗେଟ କରି ଗୁଳି ଚଳାଇବା ସହ ଜାଣିଶୁଣି ସେଲ୍ ମାଡ଼ କରିଛି। ଏଥିସହିତ ଅନେକ ନାଗରିକଙ୍କୁ ଇସ୍ରାଏଲୀ ସେନା ଗିରଫ କରିଥିବାରୁ ଯୁଦ୍ଧ ବନ୍ଦ ଘୋଷଣା ସତ୍ତ୍ୱେ ଦଖଲ ନୀତି ଜାରି ରହିଥିବା ପ୍ରତିଫଳିତ ହେଉଛି ବୋଲି ଗାଜା ମିଡିଆ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଯୁଦ୍ଧବିରତି ଉଲ୍ଲଂଘନ ପାଇଁ ଆମେରିକା ହମାସ୍‌କୁ ଦୋଷ ଦେଇଛି। ହମାସ୍ ଗାଜାରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବାରୁ ନିର୍ଭରଯୋଗ୍ୟ ରିପୋର୍ଟ ମିଳିଥିବା ଆମେରିକା ପରରାଷ୍ଟ୍ର ବିଭାଗ କହିଛି। ଏଭଳି ଆକ୍ରମଣ ଜାରି ରହିଲେ ଯୁଦ୍ଧବିରତି ଚୁକ୍ତିନାମାର ପ୍ରତ୍ୟକ୍ଷ ଏବଂ ଗମ୍ଭୀର ଉଲ୍ଲଂଘନ ଭାବେ ଗ୍ରହଣ କରାଯିବ ବୋଲି ଆମେରିକା ଚେତାବନୀ ଦେଇଛି। ଗାଜାର ଲୋକମାନଙ୍କ ସୁରକ୍ଷା ଏବଂ ଯୁଦ୍ଧବିରତିର ଅଖଣ୍ଡତା କାଏମ୍ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରରାଷ୍ଟ୍ର ବିଭାଗ ଦୃଢ଼ୋକ୍ତି କରିଛି। ଯଦି ଗାଜାରେ ହମାସ୍ ନିରୀହ ଲୋକଙ୍କୁ ମାରିବା ଜାରି ରଖେ, ତେବେ ଆମେ ହସ୍ତକ୍ଷେପ କରି ସେମାନଙ୍କୁ ମାରିବୁ ବୋଲି ଟ୍ରମ୍ପ୍ ପୂର୍ବରୁ ସୋସିଆଲ ମିଡିଆରେ ଚେତାବନୀ ଦେଇଥିଲେ। ତେବେ ଆମେରିକା ସୈନ୍ୟ ଗାଜା ଯିବେନାହିଁ ବୋଲି ସେ ପରବର୍ତ୍ତୀ ସମୟରେ ସ୍ପଷ୍ଟ କରିଥିଲେ। ଗାଜାର ଅତି ପାଖରେ ରହୁଥିବା ଲୋକେ ସେଠାକୁ ଯାଇ ଅତି ସହଜରେ କୌଶଳ ଅବଲମ୍ବନ କରିବେ ବୋଲି ଟ୍ରମ୍ପ୍ କହିଥିଲେ।



ଗାଜାର ରାଫାହ ସହରରେ ଥିବା ଇସ୍ରାଏଲୀ ସାମରିକ ଇଞ୍ଜିନିୟରିଂ ଯାନ ଉପରେ ହମାସ୍ ଆକ୍ରମଣ କରିଛି।

### ଆମିଷ ବିରିୟାନୀ ଦେବାରୁ ରେଷ୍ଟୁରାଣ୍ଟ ମାଲିକଙ୍କୁ ଗୁଳିକରି ହତ୍ୟା

ରାଞ୍ଚି, ୧୯।୧୦

ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିର କାଙ୍କେ-ପିଠୋରିଆ ରୋଡ୍‌ସ୍ଥିତ ଏକ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଅଭିଷେକ କୁମାର ନାଗ ନାମକ ଜଣେ ନିରାମିଷାହାରୀ ଗ୍ରାହକଙ୍କୁ ଆମିଷ ବିରିୟାନୀ ଦିଆଯାଇଥିଲା। ଅଭିଷେକ ରେଷ୍ଟୁରାଣ୍ଟରୁ ତାଙ୍କ ପାର୍ସଲ ନେଇ ଘରକୁ ଚାଲିଯାଇଥିଲେ। ପରେ ସେ କିଛି ଲୋକଙ୍କୁ ଧରି ପୁଣିଥରେ ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ ଏବଂ ତାଙ୍କୁ ଆମିଷ ବିରିୟାନୀ ଦିଆଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଅଭିଷେକ ଓ ରେଷ୍ଟୁରାଣ୍ଟ ମାଲିକ ବିଜୟ କୁମାର ନାଗ (୪୭)ଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ବଢ଼ିବାରୁ ଅଭିଷେକ ଉତ୍ତେଜିତ ହୋଇ ନିଜ ପିସ୍ତଲ ବାହାର କରି ବିଜୟଙ୍କ ଛାତିକୁ ଗୁଳି କରିଥିଲେ। ଘଟଣାସ୍ଥଳରେ ବିଜୟ ଟଳିପଡ଼ିଥିଲେ ଓ ଅଭିଷେକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ହସ୍ପିଟାଲରେ ବିଜୟଙ୍କୁ ମୃତ ଘୋଷଣା କରାଯାଇଥିଲା। ଅଭିଷେକ ଏବେ ଫେରାର ଅଛନ୍ତି ଏବଂ ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ରାଞ୍ଚି ଏସ୍‌ପି (ଗ୍ରାମୀଣ) ପ୍ରବୀଣ ପୁଷ୍କର କହିଛନ୍ତି।

## ଅସ୍ତ୍ରବିରତି ପାଇଁ ପାକ୍, ଆଫଗାନ୍ ରାଜି

ଇସ୍‌ଲାମାବାଦ,୧୯।୧୦(ପି.ଟି.)

### ସ୍ଥାୟୀ ଶାନ୍ତି ପାଇଁ ଉଦ୍ୟମ

ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ତୁରନ୍ତ ଅସ୍ତ୍ରବିରତି କରିବା ସହ ଦୀର୍ଘମିଆଦୀ ଶାନ୍ତି ସ୍ଥାପନ ସୁନିଶ୍ଚିତ କରିବା ଦିଗରେ ବ୍ୟବସ୍ଥା ସ୍ଥାପନ କରିବାକୁ ରାଜି ହୋଇଛନ୍ତି। ୨ ଦେଶର ସୀମାରେ କିଛିଦିନ ହେଲା ହିଂସାତ୍ମକ ସଂଘର୍ଷରେ ଉଭୟ ପକ୍ଷର ଅନେକ ସୈନ୍ୟ, ଆତଙ୍କବାଦୀ ଓ ସାଧାରଣ ନାଗରିକ ନିହତ ହେବା ପରେ ଦୋହାରେ ଅନୁଷ୍ଠିତ ବୈଠକରେ ତୁରନ୍ତ ଅସ୍ତ୍ରବିରତି ପାଇଁ ସହମତ ହୋଇଛନ୍ତି। କାତାର ଏବଂ ତୁର୍କୀ ସହଯୋଗରେ ଅନୁଷ୍ଠିତ ଉକ୍ତ ବୈଠକରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏବଂ ଆଫଗାନିସ୍ତାନର କାମଚଳା ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ୟାକୁବ୍‌ଙ୍କ ମଧ୍ୟରେ ବୁଝାମଣା ହୋଇଥିଲା ବୋଲି କାତାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଅସ୍ତ୍ରବିରତି କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ଦୀର୍ଘଦିନ ବଜାୟ ରଖିବା ଲାଗି ଆଗାମୀ ଦିନରେ ୨ ପଡୋଶୀ ଦେଶ ମଧ୍ୟରେ ବୈଠକ ଜାରି ରହିବାକୁ ସହମତି ହୋଇଛି।

ପାକ୍-ଆଫଗାନ୍ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଗତ ସପ୍ତାହରେ ପାକିସ୍ତାନ କାବୁଲ୍‌ରେ ଏୟାରଷ୍ଟ୍ରାଇକ୍ କରିବାରୁ ସୀମାପାର ସଂଘର୍ଷ ଜୋର୍‌ଦାର ହୋଇଥିଲା। ସଂଘର୍ଷ ବନ୍ଦ କରିବାକୁ ୨ ଦିନିଆ ଅସ୍ତ୍ରବିରତି ହୋଇଥିଲା ଏବଂ ଏହାକୁ ବଢ଼ାଇବା ପାଇଁ ଉଭୟ ପକ୍ଷ ରାଜି ହୋଇଥିଲେ ମଧ୍ୟ ପରେ ପାକିସ୍ତାନ ସୀମାରେ ଆକ୍ରମଣ କରିବାରୁ ଉତ୍ତେଜନା ବଢ଼ିଥିଲା। ଶନିବାର ଦୋହାରେ ଆରମ୍ଭ ହୋଇଥିବା ଆଲୋଚନାରେ ପାକିସ୍ତାନ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ବିରୋଧରେ ଯାଞ୍ଚଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଫଗାନିସ୍ତାନର ତାଲିବାନ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲା। ଆଫଗାନ ମାଟିରୁ ଟିଟିପି ସୀମାପାର ଆତଙ୍କବାଦୀ ଆକ୍ରମଣ ଜାରି ରଖିଥିବା ଇସ୍‌ଲାମାବାଦ ଅଭିଯୋଗ କରିଆସୁଛି।

## ଗର୍ଭବତୀ ମହିଳାଙ୍କୁ ହତ୍ୟାକଲେ ପ୍ରେମିକ

ନୂଆଦିଲ୍ଲୀ, ୧୯।୧୦

### ପରକୀୟା ପ୍ରୀତିର କରୁଣ ପରିଣତି

### ପ୍ରେମିକଙ୍କୁ ହତ୍ୟାକଲେ ସ୍ୱାମୀ




ଆଶୁ ଶାଳିନୀ ଆକାଶ

ଦିଲ୍ଲୀର ନବିକରିମ ଅଞ୍ଚଳରୁ ପରକୀୟା ପ୍ରୀତିକୁ ନେଇ ୨ ଜଣଙ୍କର ହତ୍ୟା ହୋଇଥିବାର ମାମଲା ସାମ୍ନାକୁ ଆସିଛି। ଶନିବାର ରାତିରେ ଗର୍ଭବତୀ ଥିବା ଶାଳିନୀ (୨୨) ସ୍ୱାମୀ ଆକାଶଙ୍କ ସହ ମା' ଶୀଲାଙ୍କୁ ଭେଟିବାକୁ ଯାଉଥିଲେ। ଏହି ସମୟରେ ଶାଳିନୀଙ୍କ ପୂର୍ବତନ ଲିଭ୍‌ଇନ୍ ପାର୍ଟନର ଆଶୁ ହଠାତ୍ ଆସି ସେଠାରେ ପହଞ୍ଚିଥିଲେ। ଶାଳିନୀଙ୍କ ଗର୍ଭରେ ବଢୁଥିବା ପିଲା ତାଙ୍କର ହୋଇଥିବା ନେଇ ଆଶୁ ଦାବି କରିଥିଲେ, ଯାହାକୁ ଶାଳିନୀ ଖଣ୍ଡନ କରିଥିଲେ। ଏହି କାରଣରୁ ଦୁହିଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତେଜିତ ହୋଇ ଆଶୁ ଶାଳିନୀଙ୍କୁ ଅନେକବାର ଛୁରିରେ ଭୁସିଥିଲେ। ସେ ଆକାଶଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତେବେ ଆକାଶ ଆଶୁଙ୍କୁ କାବୁକରି ତାଙ୍କଠାରୁ ଛୁରି ଛଡ଼ାଇ ନେଇଥିଲେ ଏବଂ ସେ ନିଜ ଆତ୍ମରକ୍ଷା ପାଇଁ ଆଶୁଙ୍କୁ ପାଲଟା ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆଶୁଙ୍କର ମୃତ୍ୟୁ ହୋଇଯାଇଥିଲା। ହସ୍ପିଟାଲରେ ଶାଳିନୀଙ୍କୁ ମୃତ ଘୋଷଣା କରାଯାଇଛି। ଗୁରୁତର ଅବସ୍ଥାରେ ଆକାଶଙ୍କର ଚିକିତ୍ସା ଜାରି ରହିଥିବା ନେଇ ରବିବାର ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ମୁତାବକ, ଶାଳିନୀ ଓ ଆକାଶ ୫ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ୨ ଜଣ ଝିଅ ରହିଛନ୍ତି। ତେବେ ବିବାହର କିଛି ବର୍ଷ ପରେ ଉଭୟେ ଆଶୁଙ୍କ ଘରେ ଭଡ଼ାରେ ରହୁଥିଲେ। ଏହି ସମୟରେ ଶାଳିନୀ ଓ ଆଶୁ ପରସ୍ପରର ନିକଟତର ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ଅବୈଧ ସମ୍ପର୍କ ଗଢ଼ିଉଠିଥିଲା। ଶାଳିନୀ କିଛି ମାସ ପାଇଁ ପ୍ରେମିକ ଆଶୁଙ୍କ ସହ ଅମୃତସର ପଳାଇ ତାଙ୍କ ସହ ଲିଭ୍‌ଇନ୍‌ରେ ମଧ୍ୟ ରହିଥିଲେ। ତେବେ ଗତ ଜୁନ୍‌ରେ ଶାଳିନୀ ସ୍ୱାମୀ ଆକାଶଙ୍କ ନିକଟକୁ ଫେରିଆସିଥିଲେ। ଏହାପରେ ଶାଳିନୀ ଗର୍ଭବତୀ ହୋଇଥିଲେ, ଯାହାକୁ ନେଇ ଆଶୁ ଓ ଶାଳିନୀଙ୍କ ମଧ୍ୟରେ ବିବାଦ ରହିଥିଲା।

## ଫୁର୍‌ସତ୍

## ଅଭିଶାପ ଭୟ: ଗାଁରେ ପାଳନ ହେଉନି ଦୀପାବଳି

ଶିମ୍‌ଲା



ଭାରତରେ ଆଲୋକର ପର୍ବ ଦୀପାବଳିକୁ ଧୁମଧାମରେ ପାଳନ କରାଯାଇଥାଏ। ତେବେ ହିମାଚଳ ପ୍ରଦେଶର ହମିରପୁର ଜିଲ୍ଲାସ୍ଥିତ ସମ୍ମୁ ଗାଁରେ ଅନେକ ଶହ ବର୍ଷ ଧରି ଦୀପାବଳି ପର୍ବକୁ ପାଳନ କରାଯାଉ ନାହିଁ। ଦୀପାବଳି ଦିନ ଗ୍ରାମବାସୀ ଦୀପ ଜାଳନ୍ତି ନାହିଁ, ବାଣ ଫୁଟାନ୍ତି ନାହିଁ ଏବଂ ନିରାଡମ୍ବର ଭାବେ ସାଧାରଣ ଦିନ ପରି ଏହି ଦିନକୁ ଅତିବାହିତ କରନ୍ତି। ସେହିପରି ଘରେ ମଧ୍ୟ କୌଣସି ସ୍ୱତନ୍ତ୍ର ଖାଦ୍ୟ ରନ୍ଧା ଯାଏ ନାହିଁ ଏବଂ ଲୋକେ କୌଣସି ସ୍ଥାନରେ ଏକତ୍ରିତ ହୁଅନ୍ତି ନାହିଁ। ଲୋକେ ନିଜ ଘରର ଦାଣ୍ଡକୁ ଅନ୍ଧାର କରି ରଖନ୍ତି। ଅନେକ ଶହ ବର୍ଷ ତଳେ ଗାଁକୁ ମିଳିଥିବା ଏକ ଅଭିଶାପ ଯୋଗୁ ସମ୍ମୁ ଗ୍ରାମରେ ଦୀପାବଳି ପାଳନ ହୁଏନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ବିଧି ଚାନ୍ଦ କହିଛନ୍ତି, ଅନେକ ଶହ ବର୍ଷ ପୂର୍ବେ ସମ୍ମୁ ଗ୍ରାମର ଜଣେ ଗର୍ଭବତୀ ମହିଳା ଦୀପାବଳି ପାଳନ କରିବା ପାଇଁ ତାଙ୍କ ବାପ ଘରକୁ ଯାଉଥିଲେ। ତାଙ୍କ ସ୍ୱାମୀ ରାଜାଙ୍କ ଦରବାରରେ ସୈନିକ ଥିଲେ। ଗାଁଠାରୁ ଅଳ୍ପ ଦୂରରେ ପହଞ୍ଚିଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସେ ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ସେ ତାଙ୍କ ଚିତାକୁ ଡେଇଁ ପଡ଼ିଥିଲେ। ତେବେ ବିଶ୍ୱାସ ଅନୁଯାୟୀ, ମୃତ୍ୟୁପୂର୍ବରୁ ମହିଳା ଜଣକ ସମଗ୍ର ଗାଁକୁ ଅଭିଶାପ ଦେଇ କହିଥିଲେ, ସମ୍ମୁ ଗ୍ରାମର ଗ୍ରାମବାସୀ ଆଗାମୀ ୭ ପିଢ଼ି ପର୍ଯ୍ୟନ୍ତ ଦୀପାବଳି ପର୍ବକୁ ଖୁସିରେ ପାଳନ କରିପାରିବେ ନାହିଁ। ସେବେଠାରୁ ଗାଁର ଲୋକମାନେ ଦୀପାବଳି ପର୍ବକୁ ପାଳନ କରିବାକୁ ଭୟ କରନ୍ତି। ଗାଁର ଯେଉଁମାନେ ଦୀପାବଳି ପାଳନ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କ ଘରେ ନିଆଁ ଲାଗିଯାଇଥାଏ କିମ୍ବା ସେମାନଙ୍କର କୌଣସି ପରିବାର ସଦସ୍ୟ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ହମିରପୁର ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୨୫ କି.ମି. ଦୂରରେ ଅବସ୍ଥିତ ଏହି ଗାଁରେ ଅନେକ ଶତାବ୍ଦୀ ଧରି ଦୀପାବଳି ପାଳନ ହେଉନାହିଁ। ଏହି ଅଭିଶାପକୁ ନେଇ ଗ୍ରାମବାସୀ ଏତେ ଭୟଭୀତ ଯେ, ଦୀପାବଳି ଦିନ ଅଧିକାଂଶ ଲୋକ ଘରୁ ବାହାରିବାକୁ ମଧ୍ୟ ଉଚିତ ମନେକରନ୍ତି ନାହିଁ। ଉକ୍ତ ଅଭିଶାପରୁ ଗ୍ରାମକୁ ମୁକ୍ତ କରିବା ପାଇଁ ଅନେକ ବାର ଗ୍ରାମରେ ଯଜ୍ଞ ସମେତ ବହୁ ପୂଜାର୍ଚ୍ଚନା କରାଯାଇଛି, କିନ୍ତୁ ସେସବୁ ବିଫଳ ହୋଇଥିବା ବିଧି କହିଛନ୍ତି।

## ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶର୍‌ବରୀ

ମୁମ୍ବାଇ

ଅଭିନେତା ଆୟୁଷ୍ମାନ୍ ଖୁରାନା ସମ୍ପ୍ରତି 'ଥାମା' ଫିଲ୍ମକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଦୀପାବଳି ଉପଲକ୍ଷେ ମଙ୍ଗଳବାର ଏହି ଫିଲ୍ମ ରିଲିଜ୍ ହେବ। ତେବେ ଆୟୁଷ୍ମାନଙ୍କ ହାତରେ ଆଉ ଏକ ବଡ଼ ପ୍ରୋଜେକ୍ଟ ଲାଗିଥିବା ନେଇ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଆଗାମୀ ଦିନରେ ଫିଲ୍ମ ନିର୍ମାତା ସୂରଜ ବଡ଼ଜାତ୍ୟାଙ୍କ ଏକ ରୋମାଣ୍ଟିକ ଫ୍ୟାମିଲି ଡ୍ରାମା ଫିଲ୍ମରେ ଆୟୁଷ୍ମାନ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ରାଜଶ୍ରୀ ପ୍ରଡକ୍ସନ୍ସ ଏବଂ ମହାବୀର ଜୈନ ଫିଲ୍ମସ୍‌ର ବ୍ୟାନରରେ ନିର୍ମାଣ ହେବାକୁ ଥିବା ଉକ୍ତ ଫିଲ୍ମରେ ଆୟୁଷ୍ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍‌ବରୀ ୱାଘ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ପ୍ରଥମ ଥର ପାଇଁ ଆୟୁଷ୍ମାନ୍ ଓ ଶର୍‌ବରୀଙ୍କ ଅନ୍ ସ୍କ୍ରିନ୍ ରୋମାନ୍ସକୁ ଦର୍ଶକ ଦେଖିବାକୁ ପାଇବେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମର ଟାଇଟଲ ଘୋଷଣା ହୋଇନାହିଁ ଏବଂ ଏହାର ରିଲିଜ୍ ତାରିଖ ମଧ୍ୟ ସାମ୍ନାକୁ ଆସିନାହିଁ। ଆସନ୍ତା ୧ରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଆୟୁଷ୍ମାନ୍‌ଙ୍କ ଆଗାମୀ ପ୍ରୋଜେକ୍ଟ ମଧ୍ୟରେ 'ପତି, ପତ୍ନୀ ଔର୍ ୱୋ ଦୋ' ରହିଛି। ଆସନ୍ତା ବର୍ଷ ମାର୍ଚ୍ଚ ୪ରେ ହୋଲି ଉପଲକ୍ଷେ ଉକ୍ତ ଫିଲ୍ମ ରିଲିଜ୍ ହେବ। ମୁଦସର ଅଜିଜ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଅଭିନେତ୍ରୀ ସାରା ଅଲି ଖାନ୍, ୱାମିକା ଗବ୍ବି ଏବଂ ରକୁଲପ୍ରୀତ ସିଂଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



ଶର୍‌ବରୀ ୱାଘ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହର୍ଷିତ, ଓମ୍ ସ୍ୱରୂପ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)**

କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଶ ଗେଟ୍ ପରିସରରେ କଟକ ଜିଲା ସିନିୟର ଓ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ସିନିୟର ବର୍ଗରେ ହର୍ଷିତ ରଞ୍ଜନ ସାହୁ ଏବଂ ଜୁନିୟର ବର୍ଗରେ ଓମ୍ ସ୍ୱରୂପ ପାଢ଼ୀ ଚାମ୍ପିୟନ ହୋଇଛନ୍ତି।

## କଟକ ଜିଲା ଚେସ୍

ସିନିୟରରେ ନିଲସୁ ପଟ୍ଟନାୟକ, ରବୀନ୍ଦ୍ର କୁମାର ଓଝା, ନାରାୟଣ ସ୍ୱାଇଁ, ଅଦ୍‌ଭିକ ଆଦିତ୍ୟ ସ୍ୱାଇଁ, ଏମ. ଈଶ୍ୱର ରାଓ, ସାଇ ଶକ୍ତି ପଣ୍ଡା, ଓମ୍ ଆଦିତ୍ୟ ରାଉତ, ପ୍ରଦୀପ ଚନ୍ଦ୍ର ପଣ୍ଡା, ଆଶୁତୋଷ ପଟ୍ଟନାୟକ ଏବଂ ଜୁନିୟରରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସାୟାଂଶ ଦାସ, ଶୁଭାଶିଷ ବାରିକ, ଦିବ୍ୟାଂଶୁ କୁମାର ପଶାୟତ, ନିରେକ ପରିଡ଼ା, ଦେବରାଜ ସେନାପତି, ପ୍ରୀତିକା ପ୍ରଧାନ, ନୈନିକା ସାହୁ ଓ ଆଦିତ୍ୟ ଦାସ ଟପ୍-୧୦ ଫିନିଶ୍ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କିସ୍‌ର ଅର୍ଥୋ ଡେଣ୍ଟିଷ୍ଟ ନିବେଦିତା ସାହୁ ମୁଖ୍ୟ ଅତିଥି ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କଟକ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ବିବେକ କୁମାର ତିବରୱାଲ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସୋସିଏଶନର ସୁଧୀର କୁମାର ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉପସଭାପତି ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସମଲ, ଆର୍ବିଟର ତାପସ ମହାନ୍ତି, ସୂରଜ ମହାରଣା, ଅବିନାଶ ଦାସ ଏବଂ ସପୋର୍ଟ ଷ୍ଟାଫ୍ ଜ୍ୟୋତି ପ୍ରକାଶ ମହାପାତ୍ର, ରିତିକ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବାନିଗୁନିରୁ କିର୍ଗିଜସ୍ତାନ

## ରିତୁ ବଡ଼ାଇକଙ୍କ ସ୍ୱପ୍ନ ଓ ସଫଳତାର ଯାତ୍ରା

**ଭୁବନେଶ୍ୱର, ୧୯।୧୦ (ତପନ ସ୍ୱାଇଁ)**

**ରିତୁ ବଡ଼ାଇକ, ଏବେ କେବଳ ଓଡ଼ିଶା କାହିଁକି ଭାରତୀୟ ମହିଳା ଫୁଟବଲରେ ଏକ ପରିଚିତ ନାମ। ତୁଳସୀ ଦୁଇ ପତ୍ରରୁ ବାସିବାପରି ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡାସ୍ଥିତ ବାନିଗୁନି ଗ୍ରାମରୁ ଆସି ରିତୁ ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ ଲାଗି ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ଗର୍ବିତ ସଦସ୍ୟା ମଧ୍ୟ ହୋଇପାରିଛନ୍ତି। ଅକ୍ଟୋବର ୧୭ ତାରିଖରେ କିର୍ଗିଜସ୍ତାନର ବିଶକେକ୍‌ଠାରେ ଅନୁଷ୍ଠିତ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚରେ ୨-୧ ଗୋଲରେ ବିଜୟୀ ହୋଇ ଐତିହାସିକ ସଫଳତା ଲାଭକରିବା ପରେ ପୂରା ଭାରତୀୟ ଦଳ ଖୁସିରେ ଝୁମି ଉଠିଥିଲା। ରବିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ନନ୍ଦ କିଶୋର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଲୋଗୋ ଓ ଟ୍ରଫି ଉନ୍ମୋଚନ ଉତ୍ସବରେ ସମ୍ବର୍ଦ୍ଧିତ ହେବା ଅବସରରେ ରିତୁ କହିଛନ୍ତି ମନର କଥା...**


ପୁରସ୍କାର ସହ ରିତୁ ବଡ଼ାଇକ

### ବାନିଗୁନିରୁ ଆରମ୍ଭ

ରିତୁ ନିଜ ଗାଁ ବାନିଗୁନିରୁ ଖେଳ ଆରମ୍ଭ କରିଥିଲେ। ବାପା ବିଜୟ ବଡ଼ାଇକ ଫୁଟବଲ ଖେଳୁଥିବାରୁ ତାଙ୍କ ସହିତ ଖେଳ ଦେଖିବାକୁ ଯାଇ ଏହି କ୍ରୀଡ଼ା ପ୍ରତି ଆକୃଷ୍ଟ ହେଲେ। ବାପାଙ୍କୁ ନିଜ ମନକଥା କହିଲେ। ମା' ଜ୍ୟୋତି ବଡାଇକ ମଧ୍ୟ ଜଣେ ବ୍ଲକ ସ୍ତରର ଆଥଲେଟ୍ ଥିଲେ। ବାପା ବିଜୟ ଜଣେ ଏଲ୍‌ଆଇସି ଏଜେଣ୍ଟ ସହ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ମା' ଏବେ ଗୃହିଣୀ। ତେବେ କ୍ରୀଡ଼ାବିତ୍ ପରିବାର ହୋଇଥିବାରୁ ଝିଅକୁ ଖେଳରେ ଆଗକୁ ନେବାକୁ ଚାହିଁଲେ। ଗାଁରେ ବାପା ବିଜୟଙ୍କଠାରୁ ଫୁଟବଲର ଅ', ଆ' ଶିକ୍ଷା କରିଥିବା ରିତୁ ପରେ କୁଆଁରମୁଣ୍ଡା ଆସି ୟଙ୍ଗ ଆସୋସିଏଶନରେ ସିଥୋ ମୁହାକୁଡ଼, ଆଣ୍ଟୋନୀ ଭେଙ୍ଗରା, ରବି ନାରାୟଣ ପାତ୍ର, ଚିଓ ସାର୍ ଆଦି କୋଚ୍‌ଙ୍କଠାରୁ ପ୍ରଶିକ୍ଷଣ ନେଲେ। ଇଚ୍ଛାଶକ୍ତି ପ୍ରବଳ ଥିବାରୁ ତାଙ୍କ ପ୍ରତିଭା ବିକଶିତ ହେବାରେ ଲାଗିଲା। ସେଠାରେ ଗ୍ରାସରୁଟ୍ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ଭାରତର ପ୍ରତିଷ୍ଠିତ କୋଚ୍ ମହମ୍ମଦ ଶହୀଦ ଜବାରଙ୍କ ନଜରକୁ ଆସିଥିଲେ ରିତୁ। ସେଠାରୁ ସେ ମନୋନୀତ ହୋଇ କଟକ ଖୁଣ୍ଟୁଣିସ୍ଥିତ ନୀତା ଫୁଟବଲ ଏକାଡେମୀରେ ପ୍ରଶିକ୍ଷଣ ଆରମ୍ଭ କଲେ। ସେଠାରେ ପାରମିତା ସିଟ୍, ଶହୀଦ ଜବାର, ନୀତା ଏକାଡେମୀର ଚେୟାରମ୍ୟାନ ସୁବ୍ରତ ସାର୍, ପ୍ରଦୀପ ରାଉତ ଏବଂ ସସ୍ମିତା ସାହୁ ପ୍ରମୁଖ ତାଙ୍କ ପ୍ରଦର୍ଶନକୁ ମାର୍ଜିତ କଲେ।

### ୨୦୨୪ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ

ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ ପରେ ସେ ଜାତୀୟ ଜୁନିୟର କ୍ୟାମ୍ପକୁ ଡାକରା ପାଇଲେ। କ୍ୟାମ୍ପରେ ପ୍ରଭାବିତ କରିବାରୁ ୨୦୨୪ରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହେଲା। ନେପାଳର ଲଳିତପୁରରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ରନରଅପ୍ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୨୫ରେ ଭୋପାଳରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟା ହେବାର ଗୌରବ ପାଇଥିଲେ।

### ଗର୍ବ ଅନୁଭବ କରୁଛି

"କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ବିପକ୍ଷ ଦଳଗୁଡ଼ିକ ବହୁତ ଶକ୍ତିଶାଳୀ ଥିଲେ। ଆମ ଦଳ ମଧ୍ୟ କଠିନ ପରିଶ୍ରମ କରିଥିଲା। ଫଳରେ ଆମେ ସଫଳ ହୋଇପାରିଲୁ। ମୁଁ ବ୍ୟକ୍ତିଗତ ୨ଟି ମ୍ୟାଚ ଖେଳିଥିଲି। ୧୩ ତାରିଖରେ କିର୍ଗିଜସ୍ତାନ ଓ ୧୭ରେ ଉଜ୍‌ବେକିସ୍ତାନ ବିପକ୍ଷ ଐତିହାସିକ ମ୍ୟାଚରେ ଖେଳିଥିଲି ଏବଂ ୨ଟି ଯାକ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ମୁଁ ଲେଫ୍ଟ ବ୍ୟାକ୍‌ରେ ଖେଳୁଥିଲି ଏବଂ ଗୋଲ ଦେବାରେ ସହଯୋଗୀଙ୍କୁ ସହଯୋଗ କରିଥିଲି। ବିପକ୍ଷ ଦଳ କେମିତି ଖେଳୁଛି କୋଚ୍ ଜୋଆକିମ ଆଲେକଜାଣ୍ଡରସନ ଭିଡିଓ ଦେଖାଇ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରୁଥିଲେ। ବ୍ୟକ୍ତିଗତ ଖେଳାଳିଙ୍କ ପ୍ରଦର୍ଶନକୁ ମଧ୍ୟ ଆମେ ଦେଖି ପ୍ରସ୍ତୁତ ହୋଇଥିଲୁ" ବୋଲି ରିତୁ ପ୍ରକାଶ କରିଛନ୍ତି। ଡ୍ରେସିଂ ରୁମ୍ ବାତାବରଣ ବହୁତ ଭଲ ଥିଲା। ତେଣୁ ଓଡ଼ିଶାରୁ ମୁଁ ଏକମାତ୍ର ଖେଳାଳିଭାବେ ଭାରତୀୟ ଦଳରେ ଥିଲେ ମଧ୍ୟ ଆଡଜଷ୍ଟ କରିବାରେ କିଛି ଅସୁବିଧା ହୋଇ ନ ଥିଲା। ଜିତିବାପରେ ଆମେ ସବୁପିଲା ପଡ଼ିଆରେ ଏକାଠି ହୋଇ ବିଜୟ ଉତ୍ସବ ମନାଇଥିଲୁ। ରାତିରେ ପାର୍ଟି ହୋଇଥିଲା। ଆହୁରି କଠିନ ପରିଶ୍ରମ କରି ଆମେ ଚାଇନାରେ ହେବାକୁଥିବା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବାକୁ କୋଚ୍ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି ଓଡ଼ିଶାର ଏହି ଗର୍ବିତ ଫୁଟବଲ ପ୍ରତିଭା। ଆଗକୁ ସିନିୟର ସ୍ତରରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ପ୍ୟାରୀ ଖାଖା ହେଉଛନ୍ତି ମୋର ଆଦର୍ଶ ଖେଳାଳି ବୋଲି ରିତୁ କହିଛନ୍ତି।

### 'ଗାଁ ମାଟିର ନାଁ ଉଜ୍ଜ୍ୱଳ କରୁ'

"ଏବେ କିର୍ଗିଜସ୍ତାନରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟା ଥିବାରୁ ଆମେ ବହୁତ ଖୁସି ଅନୁଭବ କରୁଛୁ। ଆମେ ଯଥା ସମ୍ଭବ ତାଙ୍କୁ ସମର୍ଥନ ଦେଇ ଆସିଛୁ। ଆଗକୁ ମଧ୍ୟ ଆମର ସମର୍ଥନ ଜାରି ରହିବ। ରିତୁ ସିନିୟର ସ୍ତରରେ ଖେଳି ଦେଶ ପାଇଁ ନାଁ କରନ୍ତୁ, ଯେଉଁ ମାଟିରୁ ସେ ବାହାରିକି ଆଗକୁ ବଢ଼ିଛି ସେ ଗାଁର ନାଁ ଉଜ୍ଜ୍ୱଳ କରନ୍ତୁ, ଏହା ହିଁ ମୋର ସ୍ୱପ୍ନ" ବୋଲି ରିତୁଙ୍କ ବାପା ବିଜୟ ବଡାଇକ ପ୍ରକାଶ କରିଛନ୍ତି।


ରିତୁଙ୍କ ବାପା ବିଜୟ ଓ ମା' ଜ୍ୟୋତି ବଡ଼ାଇକ।

# ଆଇସିସିକୁ ପାକିସ୍ତାନର ସମାଲୋଚନା

**ଲାହୋର, ୧୯।୧୦(ପି.ଟି.)**

ଆଫଗାନିସ୍ତାନର ୩ କ୍ରିକେଟରଙ୍କ ମୃତ୍ୟୁ ସମ୍ପର୍କରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଜାରି କରାଯାଇଥିବା ବିବୃତିକୁ ପାକିସ୍ତାନର କେନ୍ଦ୍ର ସୂଚନା ମନ୍ତ୍ରୀ ଆଟା ତରାର ନିନ୍ଦା କରିଛନ୍ତି। ଆଫଗାନିସ୍ତାନର ପକତିକା ପ୍ରଦେଶରେ ଆକାଶମାର୍ଗରୁ ହୋଇଥିବ ଆକ୍ରମଣରେ ପ୍ରାଣ ହରାଇଥିବା ୩ ଆଫଗାନିସ୍ତାନ କ୍ରିକେଟରଙ୍କ ଲାଗି ଆଇସିସି ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଥିଲା।

ପାକିସ୍ତାନ ଦ୍ୱାରା କରାଯାଇଥିବା ଷ୍ଟ୍ରାଇକ୍‌ରେ ୩ ଆଫଗାନ କ୍ରିକେଟର ପ୍ରାଣ ହରାଇଥିବା ନେଇ ଆଇସିସି ପକ୍ଷରୁ କରାଯାଉଥିବା ଦାବିରେ କୌଣସି ସତ୍ୟତା ନାହିଁ। ଆମେ ଏହାକୁ ନିନ୍ଦା କରୁଛୁ। ଆଫଗାନିସ୍ତାନ ବୋର୍ଡ ପକ୍ଷରୁ କରାଯାଇଥିବା ଦାବିକୁ ଆଇସିସି ସ୍ୱାଧୀନ ଭାବେ ଯାଞ୍ଚ କରି ନାହିଁ। ଆଇସିସି ବିବୃତି ଜାରି କରିବାର କିଛି ଘଣ୍ଟା ମଧ୍ୟରେ ସଭାପତି ଜୟ ଶାହା ନିଜ ସୋସିଆଲ ମିଡିଆ ପୋଷ୍ଟରେ ସମାନ ଶବ୍ଦ ବ୍ୟବହାର କରିଥିଲେ। ଆଫଗାନିସ୍ତାନ ବୋର୍ଡ ବିନା କୌଣସି ଅସଲ ପ୍ରମାଣ ନ ଦେଖାଇ ଏଭଳି ଦାବି କରୁଛି। ଆଇସିସି ଭଳି ଅନ୍ତର୍ଜାତୀୟ ସଂସ୍ଥା ଏଭଳି ବିବାଦୀୟ ଦାବିଠାରୁ ଦୂରେଇ ରହିବା ଉଚିତ ବୋଲି ତରାର କହିଛନ୍ତି।

# ନନ୍ଦକିଶୋର ମେମୋରିଆଲ ଫୁଟ୍‌ବଲ ୨୫ରୁ



ଟ୍ରଫି ଓ ଲୋଗୋ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)।

**ଭୁବନେଶ୍ୱର, ୧୯।୧୦ (ବିଜୟ ରଣା)**

ସ୍ଥାନୀୟ ସିଟି କ୍ଲବ ଆନୁକୂଲ୍ୟରେ ନନ୍ଦକିଶୋର ପଟ୍ଟନାୟକ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ଅନୁଷ୍ଠିତ ହେବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଟେନିସ ହଲ୍‌ରେ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟୁର୍ନାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଏଥିରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଜଗନ୍ନାଥ ପ୍ରଧାନ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଉପ ସଭାପତି ଅରୁଣ ବିଶ୍ୱାଳ ଓ ଡକ୍ଟର ଦେବସ୍ମିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ, ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲର ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲିକ, ଆଲୋଚନା ସେନାପତି, ବିଜୟଲକ୍ଷ୍ମୀ ସାହୁ, ଲୋଚନା ମୁଣ୍ଡା, ସୁପ୍ରଭା ସାମଲ, ସବନମୟୀ ସାମନ, ପ୍ରଶାନ୍ତି ପ୍ରଧାନ, ସସ୍ମିତା ପାତ୍ର, ସୁଦୀପ୍ତା ଦାସ ଓ ସେହନାଜ ବେଗମ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବତନ କୋଚ୍ ରାଜକିଶୋର ମଣ୍ଡଳ, ମହମଦ ଶହୀଦ ଜବାର, ଗଙ୍ଗାଧର ବେହେରା, ବିଜୟ କାନୁନ୍‌ଗୋ, ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜକ ରିଷ୍ଟୁ ମିତ୍ର, ଜାତୀୟ ଖେଳାଳି ରିତୁ ବଡାଇକ, ମନୀଷା ପାନ୍ନା, ରଶ୍ମିତା ପାତ୍ର, ଅନ୍ତର୍ଜାତୀୟ ରେଫରି ସୁଜାତା ପାତ୍ର, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ, ସିନିୟର କ୍ରୀଡ଼ା ସଂଗଠକ ଭକ୍ତ ବଲ୍ଲଭ ଦାସ, ସହଦେବ ରାଉତ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ସୁବ୍ରତ ଦାସ ଏବଂ ଜୀବନବ୍ୟାପୀ କ୍ରୀଡ଼ା ସାଧନା ପାଇଁ ସୌର୍ଯ୍ୟରଞ୍ଜନ ପରିଜା ଓ ଭକ୍ତ ବଲ୍ଲଭ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୧,୦୦୦ ଏବଂ ରନର-ଅପ୍ ଦଳକୁ ୨୧,୦୦୦ ଟଙ୍କା ପ୍ରଦାନ କରାଯିବ।


# Classified Everyday
0674-2580101, 9692975378


REAL ESTATE

R.SALE

Own gharabari residential plot 3100sft with compound wall & Electricity at Brahmanjharilo, 7 km from Phulanakhara Cuttack & 12km from BBSR Total Rs 41lakhs (Including Registration charges), 7809525452. D-101




The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310


CONSTRUCTION

Construct your Building with quality Materials by SCPL Construction in time. We provide all Approval plans, finance Estimates, Designs, Interiors & Borings. 9938745568, 9937069140. D-2328

AFFIDAVIT

By virtue of an affidavit sworn before the Executive Magistrate, Boudh, No.-1419, date- 13/10/25, I, Sasmita Nayak, W/o-Purnachandra Nayak, Village-(Jhankarpada), P.O.-Baghiapada, P.S./Dist.-Boudh declare that I have changed the name of my daughter from Jasnarani Nayak to Jyotshnarani Nayak. Henceforth, she shall be known as Jyotshnarani Nayak for all purposes.
Sasmita Nayak
D-2328

LEGAL NOTICE

SUMMONS UNDER ORDER 5 RULE 20 OF CPC
IN THE COURT OF CIVIL JUDGE ( JUNIOR DIVISION) BASUDEVPUR
C.S. No.- 167/2018

ଶ୍ରୀ ନରହରି ଦାଶ ବାଦୀ (ବନାମ) ଶ୍ରୀ ଶିବ ପ୍ରସାଦ ବାରିକ ଓଗେର ବିବାଦୀମାନେ ଶ୍ରୀ ସୂର୍ଯ୍ୟକାନ୍ତ ପାଢ଼ୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢ଼ୀ, ସା: ମୁଣ୍ଡମାଳ, ପୋଷ୍ଟ/ ଥାନା: ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଶ୍ରୀ ନିଶିକାନ୍ତ ପାଢ଼ୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢ଼ୀ, ସା: ଛତ୍ରପୁର, ପୋଷ୍ଟ/ ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଶ୍ରୀ ଛାୟାକଣ୍ଠ ପାଢ଼ୀ, ପିତା ; ସ୍ୱର୍ଗତ ରତିକାନ୍ତ ପାଢ଼ୀ, ସା ; ବଟେଶ୍ୱର, ପୋଷ୍ଟ/ଥାନା/ ଜିଲ୍ଲା: ବାଲେଶ୍ୱର, ଶ୍ରୀ ଦୀପତିକାନ୍ତ ପାଢ଼ୀ, ପିତା: ସ୍ୱର୍ଗତ ରତିକାନ୍ତ ପାଢ଼ୀ, ସା: ପାରେଡ ପଡିଆ ପୋଷ୍ଟ/ଥାନା ; ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ଶ୍ରୀମତୀ ଆରତୀ ପାଢ଼ୀ, ସ୍ୱାମୀ: ଚନ୍ଦ୍ରକାନ୍ତ ପାଢ଼ୀ, ସା: H/1/52 କପିଳ ପ୍ରସାଦ BDA Colony, ଭୁବନେଶ୍ୱର, ପୋଷ୍ଟ/ଥାନା: ଏୟାର ଫିଲ୍ଡ ହାଲ, ସା: ବରଗଡ ସବାର ସାହି, ପୋଷ୍ଟ: ଭୁବନେଶ୍ୱର ମୁନିସିପାଲିଟି, ଥାନା: ବରଗଡ, ଜିଲ୍ଲା: ଖୋର୍ଦ୍ଧା ଶ୍ରୀମତୀ ସୋନୀ ପାଢ଼ୀ, ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢ଼ୀ ସା ; ପ୍ଲଟ ନଂ 229 ସହିଦ ନଗର ଭୁବନେଶ୍ୱର ଜିଲ୍ଲା: ଖୋର୍ଦ୍ଧା, ଶ୍ରୀ ଅନୁପମ ପାଢ଼ୀ ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢ଼ୀ, କୁମାରୀ ଅନି ପାଢ଼ୀ, ପିତା: ସ୍ୱର୍ଗତ ଚନ୍ଦ୍ରକାନ୍ତ ପାଢ଼ୀ ୯ ଓ ୧୦ ଙ୍କର ସା: H/1/52 କପିଳ ପ୍ରସାଦ BDA Colony ଭୁବନେଶ୍ୱର ପୋଷ୍ଟ/ ଥାନା ; ଏୟାର ଫିଲ୍ଡ ଜିଲ୍ଲା: ଖୋର୍ଦ୍ଧା।

ଏତଦ୍ୱାରା ଆପଣ ବିବାଦୀମାନଙ୍କୁ ଜଣାଇ ଦିଆଯାଉଅଛିକି ଉପରୋକ୍ତ ବାଦୀମାନେ ଆପଣ ଓ ଅନ୍ୟ ବିବାଦୀମାନଙ୍କ ବିରୁଦ୍ଧ ପ୍ରଚାର ମୂଳକ ପ୍ରତିକାର ଯଥା ଦଲିଲ ଅସିଦ୍ଧ ଘୋଷଣା ଓ ଚିରସ୍ଥାୟୀ ନିଷେଧାଜ୍ଞା ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି। ଯଦି କାହାରି ଅତ୍ର ମୋକଦ୍ଦମା ସଙ୍କ୍ରାନ୍ତରେ କିଛି ଅଭିଯୋଗ ବା ଦାବି ଥାଏ ସେମାନେ ଆସନ୍ତା ତା ୦୭।୧୧।୨୦୨୫ରିଖ ଦିବା ୧୦.୩୦ ସମୟରେ fornoon ନିମ୍ନ | ସ୍ୱାକ୍ଷରକାରୀଙ୍କ ଅଦାଲତରେ ନିଜେ ବା ନିଜର କୌଣସି ପ୍ରତିନିଧି ବା କୌଣସି ଓକିଲ ମାଧ୍ୟମରେ ହାଜର ହୋଇ ଜବାବ ଦେଇ କେସ୍ ଲଢିବେ ଅନ୍ୟଥା ଅଦାଲତ ଆଇନ ଅନୁଯାୟୀ ଉପରୋକ୍ତ ମୋକଦ୍ଦମାର ବିଚାରକୁ ଅଗ୍ରସର କରାଇବେ | ପ୍ରକାଶ ଥାଉକି ଆପଣ ଅଦଲତରେ କେସ୍ ଲଢିବା ପାଇଁ ଲିଗାଲ ଏଡ ର ସାହାଯ୍ୟ ଆଇନ ଅନୁଯାୟୀ ପ୍ରାପ୍ତ ହୋଇପାରିବେ, ତା ୦୯।୧୦।୨୦୨୫ ରିଖରେ ଅଦାଲତଙ୍କ ସ୍ୱାକ୍ଷର ଓ ମୋହର ପ୍ରଦାନ କରାଗଲା ।

ତଫସିଲ ବିରୋଧୀୟ ସମ୍ପତ୍ତି
ମୌଜା ଚୂଡାମଣି ଖାତା ନଂ ୧୫୭୭ ଖସଡା ନଂ ୫୧୧୮ଏ୦. ୫୭ଡି. ସ୍ୱଧ ଏ୦.୦୪ଡି. ଯହାକି ସାବକ ବନ୍ଦୋବସ୍ତରେ ଖାତା ନଂ ୧୧୫୯ ଖସଡା ନଂ ୩୪୯୪ ଏ୦.୬୩ଡି. ସ୍ୱଧ
ସ୍ୱା./-ସିଭିଲ ଜଜ, ବାସୁଦେବପୁର
ଧ-୩୩୨୬

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓ ଭବାନନ୍ଦ ମିଶ୍ର
ପ୍ରାକ୍ତନ ପ୍ରଧାନ ଶିକ୍ଷକ
ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,
ଇୟୁନିଟ୍-୯ଏଲ.ଆଇ.ଜି- ୨୮୭, ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୨।୧୧।୧୯୪୨
ତିରୋଧାନ: ୧୨।୧୧।୨୦୧୨
ବିଧିର ବିଧାନେ ଚାଲିଗଲ ଦୂରେ ତେଜି ସ୍ନେହ, ଶ୍ରଦ୍ଧା, ଅଳି ତୁମ ସ୍ମୃତି ସତେଜ ହେ ନନା ସଦା ଆମ ମନ ତଳେ ପୂର୍ବପରି ପଡୁଝରି ଜୀବନେ ଆମର ତୁମ ଆଶୀର୍ବାଦ, ସ୍ନେହ ଶୁଭେଚ୍ଛା ଅପାର।
ଶୋକସନ୍ତପ୍ତ:
ପତ୍ନୀ ଏବଂ ପିଲାମାନେ
ଧ-୩୩୨୭

ଓଁ ଗଙ୍ଗା
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓ ଗୌତମ ପଟ୍ଟନାୟକ
ଆବିର୍ଭାବ ୧୬.୦୪.୧୯୬୩ - ତିରୋଧାନ ୧୧.୧୦.୨୦୨୫
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କର ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ
ପରିବାର ଏବଂ ବନ୍ଧୁବର୍ଗ
ଧ-୩୩୨୯


# ତନ୍‌ଭୀଙ୍କୁ ରୌପ୍ୟ

**ଗୁଆହାଟୀ, ୧୯।୧୦ (ପି.ଟି.)**


ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣପଦକ ହାସଲ ସହ ଇତିହାସ ରଚିବା ଲାଗି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭୀ ଶର୍ମା ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଅଧୁରା ରହିଛି। ରବିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଥାଇଲାଣ୍ଡର ଆନ୍ୟାପାତ୍ ଫିଚିତ୍‌ପ୍ରାଚାସକ୍‌ଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଛନ୍ତି। ଏହି ୧୬ ବର୍ଷୀୟା ଖେଳାଳି ବିଶ୍ୱର ପୂର୍ବତନ ନମ୍ବର ୱାନ ସାଇନା ନେହ୍ୱାଲ ଓ ଅପର୍ଣ୍ଣା ପୋପଟଙ୍କ ପରେ ତୃତୀୟ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ କିନ୍ତୁ ସେ ଥାଇଲାଣ୍ଡର ଦ୍ୱିତୀୟ ସିଡ୍ ଖେଳାଳିଙ୍କଠାରୁ ୭-୧୫, ୧୨-୧୫ରେ ପରାଜିତ ହୋଇଯାଇଥିଲେ। ରନର-ଅପ୍ ହିସାବରେ ତନ୍‌ଭୀଙ୍କୁ ରୌପ୍ୟ ପଦକ ମିଳିଛି। ଫଳତଃ ୧୭ ବର୍ଷରେ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ଭାରତର ପ୍ରଥମ ଖେଳାଳି ଭାବେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ପଦକ ଜିତିଥିବା ଅନ୍ୟ ଦୁଇ ମହିଳା ଖେଳାଳି ହେଲେ ସାଇନା ଏବଂ ଅପର୍ଣ୍ଣା।

## ନୋବେଲ ପୁରସ୍କାର-୨୦୨୫ (ପଦାର୍ଥ ବିଜ୍ଞାନ)

# କ୍ୱାଣ୍ଟମ୍ ଟନେଲିଂ


ଇଂ.ମାୟାଧର ସ୍ୱାଇଁ

''ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍ ୧୯୮୪ ଓ ୧୯୮୫ ମସିହାରେ ଆମେରିକାର ବେର୍କେଲସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ପରୀକ୍ଷା କରି ଦର୍ଶାଇଥିଲେ ଯେ, କୋଟିକୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଏହି ତିନିଜଣ ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନିମିତ୍ତ 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ରୟାଲ ସୁଇଡେନ ବିଜ୍ଞାନ ଏକାଡେମୀ ଘୋଷଣା କରିଛି।''





ଜନ୍ କ୍ଲାର୍କ


ମାଇକେଲ ଡେଭୋରେଟ


ଜନ୍ ମାର୍ଟିନିସ୍

ଅଣୁ ପରମାଣୁ ଭଳି କ୍ଷୁଦ୍ର ବସ୍ତୁଗୁଡ଼ିକର ଆଚରଣ ଆମେ ଦୈନନ୍ଦିନ ଜୀବନରେ ଦେଖୁଥିବା ପଦାର୍ଥଗୁଡ଼ିକର ଆଚରଣ ଠାରୁ ଅନେକ ପୃଥକ। ପୁନଶ୍ଚ ପାରମ୍ପରିକ ପଦାର୍ଥ ବିଜ୍ଞାନର ନିୟମ ସେଗୁଡ଼ିକ ଆଚରଣକୁ ବୁଝାଇବାରେ ଅସମର୍ଥ। ଗତ ଶତାବ୍ଦୀର ଆରମ୍ଭରେ ବିକଶିତ ହୋଇଥିବା କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନର ଏ ସବୁର ଆଚରଣକୁ ବୁଝାଇଥାଏ। କ୍ୱାଣ୍ଟମ୍ ତତ୍ତ୍ୱର ଅନେକ ନିଷ୍କର୍ଷ ମଧ୍ୟରୁ ଗୋଟିଏ ହେଉଛି କ୍ୱାଣ୍ଟମ୍ ଟନେଲିଂ। ଅଣୁ, ପରମାଣୁଗୁଡ଼ିକର ଗତିପଥରେ ପ୍ରାଚୀର ସଦୃଶ କୌଣସି ପ୍ରତିବନ୍ଧକ ଆସିଲେ ସେମାନେ ସେଥିରେ ସୁଡ଼ଙ୍ଗ କରି ଆଗକୁ ଯାଇପାରନ୍ତି। ଏହାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ।

ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍ ୧୯୮୪ ଓ ୧୯୮୫ ମସିହାରେ ଆମେରିକାର ବେର୍କେଲସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷଣା ଓ ପରୀକ୍ଷା କରି ଦର୍ଶାଇଥିଲେ ଯେ, କୋଟିକୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଏହି ତିନିଜଣ ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନିମିତ୍ତ 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ରୟାଲ ସୁଇଡେନ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ଆବିଷ୍କାର ସମୟରେ ମାର୍ଟିନିସ୍ ପିଏଚ୍‌ଡି ଛାତ୍ର, ଡେଭୋରେଟ୍ ପୋଷ୍ଟ ଡକ୍ଟରାଲ ଛାତ୍ର ଏବଂ କ୍ଲାର୍କ ସେମାନଙ୍କର ପ୍ରଫେସର ତଥା ମାର୍ଗଦର୍ଶକ (ଗାଇଡ୍) ଥିଲେ।

କ୍ୱାଣ୍ଟମ୍ ଟନେଲିଂର ଇତିହାସ ହେଉଛି ଆହୁରି ପୁରୁଣା। ଇଂଲଣ୍ଡର ପଦାର୍ଥ ବିଜ୍ଞାନୀ ବ୍ରିଆନ୍ ଯୋସେଫସନ୍ ଦୁଇଟି ସୁପର କଣ୍ଡକ୍ଟର ମଝିରେ ଗୋଟିଏ ପତଳା ଇନ୍‌ସୁଲେଟର ରଖି ଗୋଟିଏ ବିଦ୍ୟୁତ୍ ପରିପଥ ନିର୍ମାଣ କରି ପରୀକ୍ଷା କରିଥିଲେ। ସୁପରକଣ୍ଡକ୍ଟରର କୌଣସି ବିଦ୍ୟୁତ୍ ପ୍ରତିରୋଧ ନ ଥାଏ। ସାଧାରଣ ପରିସ୍ଥିତିରେ ଯୋସେଫସନ୍‌ଙ୍କ ପରିପଥରେ ଇନ୍‌ସୁଲେଟର ଥିବାରୁ ବିଦ୍ୟୁତ୍ କରେଣ୍ଟ ପ୍ରବାହିତ ହେବ ନାହିଁ। ମାତ୍ର ଏଠାରେ କରେଣ୍ଟ ପ୍ରବାହିତ ହେଲା। ଏଠାରେ ଇନ୍‌ସୁଲେଟର ଭଳି ପ୍ରତିବନ୍ଧକ ଥିବା ସତ୍ତ୍ୱେ ସେଥିରେ ସୁଡ଼ଙ୍ଗ କରି ପରିପଥରେ ଇଲେକଟ୍ରନ୍ ପ୍ରବାହିତ ହେଲା। ଏହା ଥିଲା ଟନେଲିଂ ପ୍ରଭାବର ଆବିଷ୍କାର। ଏଣୁ କ୍ୱାଣ୍ଟମ୍ ଟନେଲିଂ ହେଉଛି ଏପରି ଏକ ଘଟଣା ଯେଉଁଥିରେ ଗୋଟିଏ ଶକ୍ତି ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ କଣିକାର ଯଥେଷ୍ଟ ଶକ୍ତି ନ ଥିଲେ ସୁଦ୍ଧା ଏହା ପ୍ରତିବନ୍ଧକ ମଧ୍ୟ ଦେଇ ଯାଇପାରେ। ପାରମ୍ପରିକ ପଦାର୍ଥ ବିଜ୍ଞାନ ଅନୁସାରେ ଏହାକୁ ବୁଝିହୁଏ ନାହିଁ।

ଯୋସେଫସନ୍ ପ୍ରସ୍ତୁତ କରିଥିବା ପରିପଥ ସେଟ୍-ଅପ୍‌କୁ 'ଯୋସେଫସନ ଜଙ୍କସନ୍' କୁହାଯାଏ। ଏହାକୁ ବ୍ୟବହାର କରି ମୌଳିକ ଭୌତିକ ଧ୍ରୁବାଙ୍କ ଏବଂ ଚୁମ୍ବକୀୟ କ୍ଷେତ୍ରକୁ ସଠିକ୍ ଭାବେ ମାପ କରିହେଲା। ସେ ଏହାକୁ ୧୯୬୨ ମସିହାରେ ଆବିଷ୍କାର କରିଥିଲେ। ସେ ସେତେବେଳକୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପିଏଚଡି ଛାତ୍ର ଥିଲେ ଓ ତାଙ୍କୁ ୨୨ ବର୍ଷ ହୋଇଥିଲା। ଏହି ଆବିଷ୍କାର ପାଇଁ ତାଙ୍କୁ ୧୯୭୩ରେ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

୨୦୦୩ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ବ୍ରିଟିଶ ଜନ୍ମିତ ଆମେରିକୀୟ ବୈଜ୍ଞାନିକ ଆଣ୍ଟୋନି ଲେଗେଟ୍ ପୂର୍ବାନୁମାନ କରିଥିଲେ ଯେ ଯୋସେଫସନ୍ ଜଙ୍କସନ୍ ପ୍ରକାରର ସେଟ୍-ଅପ୍‌ରେ ମାକ୍ରୋସ୍କୋପିକ୍ (ଅଣୁ, ପରମାଣୁ ଠାରୁ ବହୁତ ବଡ଼) ସ୍ତରରେ କ୍ୱାଣ୍ଟମ୍ ଆଚରଣକୁ ଦେଖିହେବ। ଏହି ପୂର୍ବାନୁମାନକୁ ପରୀକ୍ଷା ଦ୍ୱାରା ଦର୍ଶାଇବା ପାଇଁ ଚଳିତ ବର୍ଷର ତିନି ନୋବେଲ ବିଜ୍ଞାନୀ କାର୍ଯ୍ୟ କଲେ। ସେମାନେ ସେଣ୍ଟିମିଟର ଆକାରର ଗୋଟିଏ ଚିପ୍‌ରେ ଯୋସେଫସନ୍ ଜଙ୍କସନ୍ ଭଳି ଗୋଟିଏ ସେଟ୍-ଅପ୍ ବକ୍ସ ପ୍ରସ୍ତୁତ କଲେ, ମାତ୍ର କୌଣସି ପ୍ରକାର ବ୍ୟତିକରଣକୁ ଏଡାଇବା ପାଇଁ ସେମାନେ ଏହାକୁ ପରିବେଶଠାରୁ ଅଲଗା କରି ରଖିଲେ। ସେମାନେ ଦେଖିପାରିଲେ ଯେ, କେବଳ ପ୍ରବାହିତ ଇଲେକ୍ଟ୍ରନ୍ ନୁହେଁ, ବରଂ ସମଗ୍ର ପରିପଥ କ୍ୱାଣ୍ଟମ୍ ଆଚରଣ ପ୍ରଦର୍ଶନ କରୁଛି। ଏଠାରେ ସୁପରକଣ୍ଡକ୍ଟରର ସମସ୍ତ ଚାର୍ଜ କଣିକା ଗୋଟିଏ କଣିକା ଭଳି ଆଚରଣ ଦେଖାଇଲା।

ସେମାନେ ପୁନର୍ବାର ଦର୍ଶାଇଲେ ଯେ ପରିପଥରେ କରେଣ୍ଟ ଅବିରତ ପ୍ରବାହିତ ନ ହୋଇ ନିର୍ଦ୍ଦିଷ୍ଟ ବିବିକ୍ତ ଶକ୍ତି ଅବସ୍ଥାରେ ଗତି କରୁଛି ଏବଂ ପ୍ରତ୍ୟେକ ଅବସ୍ଥାରେ କରେଣ୍ଟର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଅଛି। ଅର୍ଥାତ୍ ଏଥିରେ କରେଣ୍ଟ ପ୍ୟାକେଟ୍ ବା କ୍ୱାଣ୍ଟା ଭାବରେ ଗତି କରୁଛି। ଏହା ମଧ୍ୟ ହେଉଛି ଗୋଟିଏ କ୍ୱାଣ୍ଟମ୍ ଆଚରଣ। ଇନସୁଲେଟର ପ୍ରତିବନ୍ଧକ ଦେଇ ଏହି ବିବିକ୍ତ ଶକ୍ତି ଅବସ୍ଥା ମଧ୍ୟରେ କରେଣ୍ଟ ଲମ୍ଫ ପ୍ରଦାନ କରିପାରେ।

ନୋବେଲ ବିଜ୍ଞାନୀମାନଙ୍କର ଏହି ଆବିଷ୍କାର କ୍ୱାଣ୍ଟମ୍ ବିଜ୍ଞାନକୁ ବୁଝିବା ପାଇଁ ସାହାଯ୍ୟ କଲା। ଏଥିରୁ କ୍ୱାଣ୍ଟମ୍ ବିଟ୍ ବା କ୍ୟୁବିଟ୍ ନିର୍ମାଣ ହେଲା ଯାହା ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରର ସୂଚନା ଏକକ। କ୍ୱାଣ୍ଟମ୍ କମ୍ପ୍ୟୁଟର ବର୍ତ୍ତମାନ ନିର୍ମାଣାଧୀନ ଅବସ୍ଥାରେ ଅଛି ଏବଂ ଏହାର ଗଣନ କ୍ଷମତା ଗୋଟିଏ ସୁପର କମ୍ପ୍ୟୁଟରର ଗଣନ କ୍ଷମତାର ଅନେକ ଗୁଣ ହେବ।

ଜନ୍ କ୍ଲାର୍କ ଇଂଲଣ୍ଡର କେମ୍ବ୍ରିଜ ଠାରେ ୧୯୪୨ ମସିହାରେ ଜନ୍ମଗ୍ରହଣ କରିଛନ୍ତି ଏବଂ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପ୍ରଫେସର ଅଛନ୍ତି।

ମାଇକେଲ ଡେଭୋରେଟ୍ ୧୯୫୩ ମସିହାରେ ଫ୍ରାନ୍ସର ପ୍ୟାରିସରେ ଜନ୍ମଗ୍ରହଣ କରିଛନ୍ତି। ସେ ପ୍ୟାରିସର ଇକୋଲେ ନ୍ୟାଶନାଲ ସୁପରିୟରରୁ ସ୍ନାତକ ଡିଗ୍ରୀ ଏବଂ ପ୍ୟାରିସ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ୟାଲେ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ପ୍ରଫେସର ଏଲିଗେଟସ୍ ଅଛନ୍ତି।


ଜନ୍ ମାର୍ଟିନିସ୍ ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୫୮ ମସିହାରେ ଜନ୍ମଗ୍ରହଣ କରିଛନ୍ତି। ସେ ବେର୍କେଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଆମେରିକାର ସାନ୍ତା ବାର୍ବରାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପ୍ରଫେସର ଅଛନ୍ତି।

ତିନି ନୋବେଲ ବିଜ୍ଞାନୀ ମୋଟ ପୁରସ୍କାର ରାଶି ୧୧ ମିଲିୟନ ସୁଇଡେନ୍ କ୍ରୋନର (ପ୍ରାୟ ୧୦.୪ କୋଟି ଟଙ୍କା)କୁ ସମାନ ଭାବରେ ବାଣ୍ଟି ନେବେ। ସେମାନଙ୍କୁ ଚଳିତ ବର୍ଷର ଡିସେମ୍ବର ୧୦ ତାରିଖରେ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀରେ ସ୍ୱିଡେନ୍‌ର ଷ୍ଟକହୋମ୍‌ଠାରେ ପ୍ରଦାନ କରାଯିବ।

-୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଆଜି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

### ଅସ୍ଥି ସୁରକ୍ଷା ପ୍ରତି ସତର୍କତାର ଆବଶ୍ୟକତା ରହିଛି



ପ୍ରତିବର୍ଷ ଜୁନ୍ ୨୦ ତାରିଖକୁ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ' ଭାବରେ ପାଳନ କରାଯାଇଥାଏ। ଏହା ଏକ ଅସ୍ଥିଜନିତ ରୋଗ। ପ୍ରାରମ୍ଭିକ ଅବସ୍ଥାରୁ ଏହାର ଚିକିତ୍ସା କରାଯିବା ଦରକାର। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି- 'ଇଟ୍ ଇଜ୍ ଅନ୍‌ଆସ୍‌ପେକ୍‌ଟେବୁଲ୍'। ଏହି ରୋଗ ବିଷୟରେ ଡା. ବସନ୍ତ କୁମାର ଷଡଙ୍ଗୀ କହନ୍ତି, '' କଙ୍କାଳରେ ହାଡଗୁଡ଼ିକରୁ କ୍ୟାଲସିୟମ କମିଗଲେ ଏହି ରୋଗ ଆରମ୍ଭ ହୋଇଥାଏ। ଏହି ରୋଗ ହେଲେ ହାଡ ଶକ୍ତିହୀନ ହୋଇଯାଏ, ଏପରିକି ସାମାନ୍ୟ ଆଘାତରେ ହାଡ ଭାଙ୍ଗିଯାଇଥାଏ। ବିଶେଷଭାବରେ ବୟସ୍କ ବ୍ୟକ୍ତିମାନେ ଏଭଳି ରୋଗରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ମହିଳାମାନେ କମ୍ ବୟସରେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଏହାର ପ୍ରମୁଖ କାରଣ ହେଲା ଅଣ୍ଟା ବ୍ୟଥା। ଏକ୍ସ-ରେ ଦ୍ୱାରା ଏହି ରୋଗକୁ ନିରୂପଣ କରିବା କଷ୍ଟକର ହୋଇଥାଏ। ତେଣୁ ସିଟି ସ୍କାନ୍, ଏମ୍‌ଆର୍‌ଆଇ ସ୍କାନ୍ ଏବଂ ବୋନ୍ ମିନେରାଲ ଡେନସିଟ୍ରୋମେଟ୍ରା (ବିଏମଡି) ପରୀକ୍ଷା ଦ୍ୱାରା ଏହା ଜଣାପଡିଥାଏ। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ରୋଗୀକୁ କ୍ୟାଲସିୟମ, ଭିଟାମିନ ଡି-୩ ଔଷଧ ଦେଇ ଚିକିତ୍ସା କରାଯାଏ। ବେଳେବେଳେ କ୍ୟାଲସିଟୋନେଟ୍ ଇଞ୍ଜେକଶନ ଏବଂ ହରମୋନ୍ ଦେବାକୁ ପଡ଼ିଥାଏ। ବିଶେଷଭାବରେ ଯଥେଷ୍ଟ ପରିମାଣର କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। କ୍ଷୀର, ଦହି, ଛେନା, ସବୁପ୍ରକାର ଶାଗ, ମାଣ୍ଡିଆ, ଡାଲି, ସୋୟାବିନ, ମାଛକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ହାଡକୁ ଦୃଢ଼ ରଖିବା ପାଇଁ ବ୍ୟାୟାମ କରନ୍ତୁ। ହେଲେ ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ସତର୍କ ରହିବା ନିହାତି ଦରକାର।

### ରୋଗ ନିରୂପଣର ସହଜ ଉପାୟ



ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେତେ ଉନ୍ନତି କରୁଛି ସେହି ଅନୁସାରେ କେତେକ ନୂଆ ରୋଗ ମଧ୍ୟ ସୃଷ୍ଟି ହେଉଛି। ଏଗୁଡ଼ିକ ଠିକ୍ ଭାବରେ ନିରୂପଣ କରିପାରିଲେ ତାହାର ଚିକିତ୍ସା ପ୍ରଣାଳୀ ସେହି ଅନୁସାରେ ସ୍ଥିର କରାଯାଇଥାଏ। ତେବେ କେତେକ ରୋଗର ଏକ ସହଜ ନିର୍ଣ୍ଣୟ ପ୍ରଣାଳୀ ନିକଟରେ ଆବିଷ୍କୃତ ହୋଇଛି। ବିଶେଷଭାବରେ ଜଣଙ୍କ ଆଖି ପରୀକ୍ଷା ସମୟରେ କିଛି ରୋଗ ବିଷୟରେ ସୂଚନା ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଦୀର୍ଘ ଚାରି ବର୍ଷ ସେମାନେ ଏ ନେଇ ଗବେଷଣା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କର ଆଖି ପରୀକ୍ଷା ସମୟରେ ଏ ସମ୍ପର୍କିତ ତଥ୍ୟ ବ୍ୟତୀତ ଆଲଜିମର୍ସ ବିଷୟରେ ମଧ୍ୟ କେତେକ କଥା ଜାଣିହେବ। ତା' ସହ ରକ୍ତ ସଞ୍ଚାଳନ ସମ୍ପର୍କରେ ମଧ୍ୟ ଏଥିରୁ ସୂଚନା ମିଳିବ। ଏଭଳି ପରୀକ୍ଷା ସମୟରେ ସେମାନେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ। ସେମାନଙ୍କର ଦୃଷ୍ଟି ଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା କେତେକ ମୂଷାଙ୍କ ମସ୍ତିଷ୍କ ବିଷୟରେ କିଛି ସୂଚନା ମିଳିଥିଲା। ଏଭଳି ପଦ୍ଧତି ଯଦି ମଣିଷଙ୍କ ଠାରେ ଉପଯୋଗ କରାଯିବ ତେବେ ସେଥିରୁ ମଧ୍ୟ ସଫଳତା ମିଳିବ। କେବଳ ସେତିକି ନୁହେଁ ପରୀକ୍ଷାମୂଳ ଭାବରେ କେତେକ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରି ସେମାନେ ଆଲଜିମର୍ସର କାରଣ ବିଷୟରେ ଜାଣିପାରିଥିଲେ। ତେବେ ଏ ନେଇ ଆହୁରି ଅଧିକ ତଥ୍ୟ ଲୋକଲୋଚନକୁ ଆଣିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ଉକ୍ତ ଗବେଷଣାର ମୁଖ୍ୟ ଡା. ମାୟା କରୋନୋୟ କହିଛନ୍ତି।

## ଯୋଗ ଦ୍ୱାରା କମିବ ରକ୍ତଚାପ



ରକ୍ତଚାପ ବା ବ୍ଲଡ ପ୍ରେସର ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ଏହାକୁ ହାଲୁକା ଭାବରେ ନେବା ଆଦୌ ଠିକ୍ ନୁହେଁ। କାରଣ ଯଦି ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗ ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ରକ୍ତଚାପ କେତେ ରହୁଛି ତାହାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ମାପିନେବା ଦରକାର। ତେବେ ଏହା କିପରି ସନ୍ତୁଳିତ ରହିବ ସେ ନେଇ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି ତେବେ ତାଙ୍କର ରକ୍ତଚାପ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଚାପ ମାପିବାରୁ ଏହା କେତେକାଂଶରେ ସନ୍ତୁଳିତ ରହୁଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଜାଣିରଖନ୍ତୁ

➔ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ତାହା ହୃଦ୍‌ଜନିତ ସମସ୍ୟାର ଅନ୍ୟତମ କାରଣ ସାଜିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

➔ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।

➔ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ଶରୀରରେ ପଟାସିୟମ୍‌ର ପରିମାଣ ବଢ଼ିଥାଏ।

➔ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜକୁ କେତେକାଂଶରେ ଟେନସନ ଠାରୁ ଦୂରେଇ ରଖିପାରିବେ।

➔ଫଳମୂଳ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ସେଗୁଡ଼ିକରେ ଜଳୀୟ ଅଂଶ ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ଅଣ୍ଟାଜନିତ ସମସ୍ୟା ଥିଲେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ ବସିବା, ଉଠିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ।


➢ଥଣ୍ଡାରୁ ଉପଶମ ପାଇବା ଲାଗି ଏକ ସହଜ ଉପାୟ ରହିଛି। ପ୍ରତିଦିନ ସକାଳେ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା ଥଣ୍ଡାରୁ କେତେକାଂଶରେ ଆରାମ ମିଳିଥାଏ।

➢ଟୁଥବ୍ରଶ ଅତିକମ୍‌ରେ ଛଅ ମାସ ବ୍ୟବଧାନରେ ବଦଳାନ୍ତୁ। ଦାନ୍ତ ଘଷିବା ପାଇଁ ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟ ବ୍ୟବହାର କରନ୍ତୁ।

➢କୌଣସି ରୋଗର କାରଣ ଜାଣିବା ପରେ ତାହାର ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ। ଏଥିରେ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ଚିନ୍ତାର କାରଣ ସାଜିଥାଏ ଏବଂ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

➢ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ତରତର ନ ହୋଇ ଭଲ ଭାବରେ ଖାଦ୍ୟକୁ ଚୋବାଇ ଖାଇଲେ ତାହା ସହଜରେ ହଜମ ହୋଇଥାଏ।

➢ରାତ୍ରିଭୋଜନ ପରେ ଅତିକମ୍‌ରେ ୧୦-୧୫ ମିନିଟ୍ ଚାଲବୁଲ କରନ୍ତୁ। ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।




## ନୋବେଲ ପୁରସ୍କାର-୨୦୨୫ (ଭେଷଜ ବିଜ୍ଞାନ)

# ଖୋଲିଗଲା ପ୍ରତିରକ୍ଷାତନ୍ତ୍ରର ଗୁମର

(ଶେଷ ଭାଗ)

ଫକ୍ସପି ଜିନ୍‌ର ମ୍ୟୁଟେସନ୍ ଯୋଗୁ ହିଁ ରୋଗାକ୍ରାନ୍ତ ହୋଇପଡ଼ିଲେ ସ୍କର୍ଫି ମୂଷା। ଶିଶୁମାନଙ୍କୁ ହୋଇଥାଏ 'ଆଇପେକ୍ସ' ନାମକ ଏକ ଅଟୋଇମ୍ୟୁନ ରୋଗ। ଏହି ରୋଗ ହୋଇଥାଏ ଏକ୍ସ କ୍ରମୋଜୋମରେ ମ୍ୟୁଟେସନ ଯୋଗୁ। ବ୍ରଙ୍କୋ ଓ ରାମସଡେଲ ଶିଶୁ ରୋଗ ବିଶେଷଜ୍ଞଙ୍କ ସହାୟତାରେ 'ଆଇପେକ୍ସ' ରୋଗୀଙ୍କଠାରୁ ନମୁନା ସଂଗ୍ରହ କରି ରୋଗୀଙ୍କ ଏକ୍ସ କ୍ରମୋଜୋମ୍‌ରେ ଫକ୍ସପି ବା ଅନୁରୂପ ଜିନ୍‌ରେ ମ୍ୟୁଟେସନ୍ ହୋଇଥିବାର ପ୍ରମାଣ ପାଇଲେ। ତେଣୁ ଉଭୟେ ସିଦ୍ଧାନ୍ତ ନେଲେ ଯେ ଫକ୍ସପି ଜିନ୍‌ରେ ମ୍ୟୁଟେସନ ମୂଷାଙ୍କଠାରେ କରାଇଥାଏ ସ୍କର୍ଫି ମୂଷାଙ୍କ ଅସୁସ୍ଥତା ଏବଂ ମଣିଷମାନଙ୍କଠାରେ ଆଇପେକ୍ସ ରୋଗ।

ବାସ୍, ଏତିକି ସୂତ୍ର ମିଳିଗଲା ସାକାଗୁଚିଙ୍କୁ। ବ୍ରଙ୍କୋ ଓ ରାମସଡେଲ ଯେଉଁ ଆବିଷ୍କାର କରିଥିଲେ ସେହି ଆବିଷ୍କାରକୁ ଭିତ୍ତିକରି ଦୁଇ ବର୍ଷର ଗବେଷଣା ପରେ ସାକାଗୁଚି ପ୍ରକାଶ କଲେ ଯେ, ଫକ୍ସପି ଜିନ୍ ହିଁ ନିୟନ୍ତ୍ରଣ କରିଥାଏ ରେଗୁଲେଟୋରୀ ଟି ସେଲର ଉତ୍ପାଦନକୁ ବା ବିକାଶକୁ ଯାହା ନିରାପତ୍ତାରକ୍ଷୀ ବା ଗାର୍ଡ ରୂପେ କାର୍ଯ୍ୟ କରି ଆମ ଶରୀରକୋଷଗୁଡ଼ିକୁ ପ୍ରତିରକ୍ଷାତନ୍ତ୍ରର ଆକ୍ରମଣରୁ ସୁରକ୍ଷିତ ରଖିଥାଏ। ସେଥିପାଇଁ ଆମ ପ୍ରତିରକ୍ଷାତନ୍ତ୍ରର କୋଷଗୁଡ଼ିକୁ ଭାଇରସ, ବ୍ୟାକ୍ଟେରିଆ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକୁ ଆକ୍ରମଣ କରି ଅକାମୀ କରି ଦେଉଥିବା ବେଳେ ଫକ୍ସପି ଜିନ୍‌ଟି ରେଗୁଲେଟୋରୀ ଟି ସେଲର ସଂଶ୍ଳେଷଣକୁ ସୁଗର କରିଦେଇ ଶରୀର କୋଷଗୁଡ଼ିକୁ 'ନିଜର' ବା ଆପଣାର' ବୋଲି ଚିହ୍ନଟ କରି ପ୍ରଦାନ କରିଥାଏ ନିରାପତ୍ତା।




ଫକ୍ସପି-ରେଗୁଲେଟୋରୀ ଟି ସେଲ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେଲେ ପ୍ରତିରକ୍ଷାତନ୍ତ୍ର ଶରୀର କୋଷଗୁଡ଼ିକୁ ଆକ୍ରମଣ କରି ଜାତ କରେ ଏକାଧିକ ପ୍ରକାର ରୋଗ। ସେହିସବୁ ରୋଗକୁ ଡାକ୍ତରୀ ଭାଷାରେ କୁହାଯାଏ 'ଅଟୋଇମ୍ୟୁନ ଡିଜିଜ' ବା 'ନିଜର ପ୍ରତିରକ୍ଷାତନ୍ତ୍ର ଦ୍ୱାରା ସୃଷ୍ଟ ରୋଗ'।

### ପ୍ରାୟୋଗିକ କ୍ଷେତ୍ର

ବ୍ରଙ୍କୋ, ରାମସଡେଲ ଓ ସାକାଗୁଚିଙ୍କ ଦ୍ୱାରା ଏହି ଯୁଗାନ୍ତକାରୀ ଆବିଷ୍କାରର ରହିଛି ସୁଦୂରପ୍ରସାରୀ ଅନୁକୂଳ ପ୍ରଭାବ। **ଆମର ଅତି ପରିଚିତ ରିଉମାଟଏଡ ଆର୍ଥାଇଟିସ ନାମକ ଗଣ୍ଠିରୋଗ, ଟାଇପ-୧ଡାଇବେଟିସ୍, ମଲଟିଲ ସ୍କେଲୋରିସ୍, ସିଷ୍ଟେମିକ୍ ଲପସ, ଏରିଥୋମୋଟସ, ଥାଇରଏଡାଇଟିସ୍ ଇତ୍ୟାଦି ଅଟୋଇମ୍ୟୁନ ରୋଗ।** ଅଙ୍ଗ ପ୍ରତିରୋପଣ ଏବଂ କେତେକ କ୍ୟାନ୍ସରର ମଧ୍ୟ ଏହାର ସମ୍ପର୍କ ରହିଛି। ତେବେ ରେଗୁଲେଟରୀ ଟି ସେଲ୍‌ଭିତ୍ତିକ ଚିକିତ୍ସା ସଂପ୍ରତି ରହିଛି ପରୀକ୍ଷାସ୍ତରରେ। ମାତ୍ର ଏହାର ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, ଅଭିପ୍ସା,
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ : ୯୪୩୭୭୬୬୧୧୭

# ମହିଳା ବିଶ୍ୱକପ୍: ନାଇଟ୍‌ଙ୍କ ଶତକ

**ଇନ୍ଦୋର, ୧୯।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ହିଥର ନାଇଟ୍‌ଙ୍କ ଶତକ ବଳରେ ପ୍ରତିପକ୍ଷ ଭାରତ ଆଗରେ ୨୮୯ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି। ଜବାବରେ ଭାରତ ୩୭ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୦୬ ରନ କରିଛି। ଅଧିନାୟିକା ହରମନପ୍ରୀତ କୌର ୭୦ ରନ କରି ଆଉଟ୍ ହୋଇଥିବା ବେଳେ ରିପୋର୍ଟ ଲେଖା ହେଲା ବେଳକୁ ସ୍ମୃତି ମନ୍ଧାନା ୮୦ ଓ ଦୀପ୍ତି ଶର୍ମା ୨୨ ରନରେ ବ୍ୟାଟିଂ କରୁଛନ୍ତି।

ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡକୁ ଟମି ବ୍ୟୁମଣ୍ଟ ଓ ଆମି ଜୋନ୍ସ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୧୬ ଓଭରରେ ୭୩ ରନ ଯୋଡ଼ିଥିଲେ। ବ୍ୟୁମଣ୍ଟ ୨୨ ଓ ଜୋନ୍ସ ୫୬ (୮ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ନାଟ ସ୍କିଭର-ବ୍ରଣ୍ଟ ଓ ହିଥର ନାଇଟ୍ ତୃତୀୟ ଉଇକେଟରେ ୧୧୩ ରନ ଯୋଡ଼ିଥିଲେ। ଭାରତୀୟ ସ୍ପିନର ଶ୍ରୀ ଚରନୀ ଏହି ଯୋଡ଼ିକୁ ଭାଙ୍ଗି ଭାରତକୁ ବ୍ରେକଥ୍ରୁ ଆଣି ଦେଇଥିଲେ। ସ୍କିଭର-ବ୍ରଣ୍ଟ ୩୮ (୪ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ନାଇଟ୍ ୯୧ ବଲରେ ୧୦୯ ରନର ପାଳି ଖେଳି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୧୫ ଚୌକା ଓ ୧ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟର ତୃତୀୟ ଦିନିକିଆ ଶତକ ଥିଲା। ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିବାରୁ ଇଂଲଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୮୮ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୪ ଓ ଚରନୀ ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ହିଥର ନାଇଟ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୮୮/୮(ହିଥର ନାଇଟ୍-୧୦୯, ଆମି ଜୋନ୍ସ-୫୩, ନାଟ ସ୍କିଭର-ବ୍ରଣ୍ଟ-୩୮, ଦୀପ୍ତି ଶର୍ମା-୪/୫୧, ଶ୍ରୀ ଚରନୀ-୨/୬୮)।

# ଲେଲା ଫର୍ନାଣ୍ଡିଜ ଜିତିଲେ ଜାପାନ ଓପନ

**ଓସାକା, ୧୯।୧୦ (ଏପି)**

କାନାଡାର ଲେଲା ଫର୍ନାଣ୍ଡିଜ ଡବ୍ଲ୍ୟୁଟିଏ ଜାପାନ ଓପନ ଟେନିସ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୮ ବର୍ଷୀୟା କ୍ୱାଲିଫାୟର ଚେକ୍ ରିପବ୍ଲିକର ଟେରେଜା ଭାଲେନ୍‌ଟୋଭାଙ୍କୁ ୬-୦, ୫-୭, ୬-୩ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୫ମ ଟାଇଟଲ। କ୍ୟାରିୟରର ୮ମ ଫାଇନାଲ ଖେଳିଥିବା ଲେଲା ଥରେ ୟୁଏସ୍ ଓପନ ରନରଅପ୍ ହୋଇଛନ୍ତି। ସେ ୨୯ ମିନିଟ୍‌ରେ ପ୍ରଥମ ସେଟ୍‌କୁ ଜିତି ନେଇଥିଲେ। ତେବେ ଭାଲେନ୍‌ଟୋଭା ଦ୍ୱିତୀୟ ସେଟ୍‌ରେ ବିଜୟ ହାସଲ କରିବାରୁ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ର ଆବଶ୍ୟକ ପଡ଼ିଥିଲା।

# ଅଷ୍ଟ୍ରେଲିଆର ସହଜ ବିଜୟ

**ପର୍ଥ, ୧୯।୧୦**

ବାରମ୍ବାର ବର୍ଷା ସହିତ ପେସରଙ୍କ ଘାତକ ବୋଲିଂ ବଳରେ ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଡିଏଲ୍ଏସ୍ ମେଥଡ୍‌ରେ ୭ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଅନ୍ୟପକ୍ଷରେ ଏହି ପରାଜୟ ସହ ଦିନିକିଆ ଅଧିନାୟକ ଭାବେ ଶୁବମନ ଗିଲ ତାଙ୍କ କ୍ୟାରିୟର ଆରମ୍ଭ କରିଛନ୍ତି। ଦୀର୍ଘ ମାସ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରୋହିତ ଶର୍ମା ଓ ବିରାଟ କୋହଲି ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ଭାରତୀୟ ଦଳ ପାଇଁ ଦିନିକିଆ ଫର୍ମାଟରେ ଚଳିତବର୍ଷର ପ୍ରଥମ ପରାଜୟ। ଏଥିପୂର୍ବରୁ ଭାରତ ଏହି ଫର୍ମାଟରେ ଲଗାତର ୮ ମ୍ୟାଚ୍ ଜିତିଥିଲା, ଯେଉଁଥିରେ ଚାମ୍ପିୟନ୍ସ ଟ୍ରଫିର ଅପରାଜେୟ ଧାରା ସାମିଲ ଥିଲା। ଏହି ମ୍ୟାଚ୍ ଜରିଆରେ ଭାରତ ପାଇଁ ପେସ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଏବଂ ଅଷ୍ଟ୍ରେଲିଆ ପାଇଁ ମିଚେଲ ଓଓ୍ୱେନ ଓ ମ୍ୟାଟ ରେନଶ ଦିନିକିଆ ଫର୍ମାଟରେ ପଦାର୍ପଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨୩ ତାରିଖରେ ଆଡିଲେଡ୍‌ରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ୮, ଗିଲ (୧୦) ଓ ଉପ ଅଧିନାୟକ ଶ୍ରେୟସ ଆୟର (୧୧) ପାଭିଲିଅନ ଫେରିଥିବାବେଳେ କୋହଲି ଖାତା ଖୋଲିପାରି ନ ଥିଲେ। ଭାରତ ୪୫ ରନ ମଧ୍ୟରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ବାରମ୍ବାର ବର୍ଷା କାରଣରୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ସହ ଓଭର ମଧ୍ୟ ହ୍ରାସ ପାଇଥିଲା। ମ୍ୟାଚ୍‌କୁ ୨୬ ଓଭର ମଧ୍ୟରେ ସୀମିତ ରଖାଯିବା ପରେ ଅକ୍ଷର ପଟେଲ ୩୧ (୩ ଚୌକା) ଏବଂ ଲୋକେଶ ରାହୁଲ ୩୮(୨ ଲେଖାଏ ଚୌକା ଓ ଛକା) ରନର ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ପଦାର୍ପଣକାରୀ ନୀତୀଶ ୨ ଛକା ସହିତ ଅପରାଜିତ ୧୯ ରନ କରିଥିଲେ। ଭାରତ ୨୬ ଓଭରରେ ୯ ଉଇକେଟ ହରାଇ ୧୩୬ ରନ କରିଥିଲା। ହେଲେ ଡିଏଲ୍ଏସ୍ ମେଥଡ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୬ ଓଭରରେ ୧୩୧ ରନର ଟାର୍ଗେଟ ରଖାଯାଇଥିଲା। ଘରୋଇ ଦଳ ପାଇଁ ହାଜେଲଉଡ୍, ମିଚେଲ ଓଓ୍ୱେନ ଓ ମାଥ୍ୟୁ କୁହ୍ନେମାନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ଟ୍ରାଭିସ ହେଡ୍ (୮) ଓ ମାଥ୍ୟୁ ଶର୍ଟ (୮)ଙ୍କ ଉଇକେଟ ହରାଇଥିଲା। ହେଲେ ଜୋଶ ଫିଲିପ ୩୭ (୩ ଚୌକା ଓ ୨ ଛକା) ଓ ଅଧିନାୟକ ମିଚେଲ ମାର୍ଶ ତୃତୀୟ ଉଇକେଟ ପାଇଁ ୫୫ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ପଦାର୍ପଣକାରୀ ମ୍ୟାଟ ରେନଶ ୨୧ (୧ ଲେଖାଏ ଚୌକା ଓ ଛକା) ଓ ମାର୍ଶ ୪୬ (୨ ଚୌକା ଓ ୩ ଛକା) ରନର ପାଳି ଖେଳି ମ୍ୟାଚ୍ ଫିନିଶ କରିଥିଲେ। ଅଷ୍ଟ୍ରେଲିଆ ୨୧.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଅକ୍ଷର ପଟେଲ ଓ ଓ୍ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପଦାର୍ପଣକାରୀ ନୀତୀଶ ରେଡ୍ଡୀଙ୍କୁ ରୋହିତ ଶର୍ମା କ୍ୟାପ୍ ପ୍ରଦାନ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୬ ଓଭରରେ ୧୩୬/୯(ରାହୁଲ-୩୮, ଅକ୍ଷର-୩୧, ନୀତୀଶ କୁମାର ରେଡ୍ଡୀ-୧୯*, ଜୋଶ ହାଜେଲଉଡ୍-୨/୨୦, ମିଚେଲ ଓଓ୍ୱେନ-୨/୨୦, ମାଥ୍ୟୁ କୁହ୍ନେମାନ-୨/୨୬)। ଅଷ୍ଟ୍ରେଲିଆ: ୨୧.୧ ଓଭରରେ ୧୩୧/୩ (ମାର୍ଶ-୪୬*, ଜୋଶ ଫିଲିପ-୩୭, ମ୍ୟାଟ ରେନଶ-୨୧*, ଅକ୍ଷର-୧/୧୯, ଓ୍ୱାଶିଂଟନ ସୁନ୍ଦର-୧/୧୪)।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ